

କୁଲଦୀପ ସିରିଜ୍‌ର ଶ୍ରେଷ୍ଠ

▶ପୃଷ୍ଠା ୧୨ ଦେଖନ୍ତୁ...


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-109 ♦WEDNESDAY ♦15 OCTOBER 2025 ♦PAGE-12 ♦₹ 6.00 | PANIKOILI | ♦ବର୍ଷ-୪୩ ♦ସଂଖ୍ୟା-୧୦୯ ♦ବୁଧବାର ♦୧୫ ଅକ୍ଟୋବର ୨୦୨୫ ♦ପୃଷ୍ଠା-୧୨ ♦ଟ.୬.୦୦





indriya.com
ADITYA BIRLA
JEWELLERY
INDRIYA
ADITYA BIRLA | JEWELLERY
presents
alka
FESTIVE COLLECTION
ଏହି ପର୍ବର ଦିନରେ ଇନ୍ଦ୍ରିୟା ଷ୍ଟୋର୍ କୁ ଆସନ୍ତୁ
ଆଉ ଦେଖନ୍ତୁ ପ୍ରେମରେ ଝିଲିମିଲି ନୂଆ ଅଳକା କଲେକ୍ଶନ୍ କୁ ।
ତାହାର ଆଲୋକେ ପର୍ବଣ ହେବ ଅଧିକ ପ୍ରିୟ ।
ପ୍ରତି କ୍ଷଣରେ ଦୀପ୍ତି ହେଇଛି ପ୍ରିୟଜନଙ୍କର ସ୍ନିଗ୍ଧତା ।
ସୁନା, ପୋଲ୍କୀ ଓ ହୀରାର 20,000 ରୁ ଅଧିକ
ଡିଜାଇନ ଦେଖି ହୃଦୟରେ ଭରିଯିବ ଅସୀମ ପ୍ରେମର ସ୍ପନ୍ଦନ ।
ତଥାପି ମନ କହିବ, ମନ ଏବେବି ଭରି ନାହିଁ
ଷ୍ଟୋର୍ ଏବେ ଖୋଲାଥିବା ଠିକଣା: କ୍ରିଷ୍ଟାଲ୍ କୋର୍ଟ୍ୟାର୍ଡ, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର

# ସକାଳ THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

♦VOLUME- 43 ♦ISSUE-109 ♦WEDNESDAY ♦15 OCTOBER 2025 ♦PAGE-12 ♦₹ 6.00

♦ବର୍ଷ-୪୩ ♦ସଂଖ୍ୟା-୧୦୯ ♦ବୁଧବାର ♦୧୫ ଅକ୍ଟୋବର ୨୦୨୫ ♦ପୃଷ୍ଠା-୧୨ ♦ଟ.୬.୦୦




ଆଜିଠୁ ରଣଜୀ ଟ୍ରଫି
▶ପୃଷ୍ଠା ୧୨ ଦେଖନ୍ତୁ...

# ୧୫.୬୭ ଲକ୍ଷ ହିତାଧିକାରୀଙ୍କ ଚାଉଳ ବନ୍ଦ

### ଗଞ୍ଜାମରୁ ସର୍ବାଧିକ ୧.୬୪ ଲକ୍ଷ ହିତାଧିକାରୀ ବାଦ
### କଟକରୁ ବାଦ୍ ୯୧ ହଜାର, ମୟୂରଭଞ୍ଜରୁ ୮୭ ହଜାର
### ବଲାଙ୍ଗିରରୁ ୮୩ ହଜାର, କଳାହାଣ୍ଡିରୁ ୮୨ ହଜାର ବାଦ
### କେନ୍ଦ୍ର ଦ୍ୱାହି ଦେଇ ହାତ ଟେକିଦେଲେ ଯୋଗାଣ ମନ୍ତ୍ରୀ



■ **ଭୁବନେଶ୍ୱର, ୧୪।୧୦ (ସମିସ):** ଆସନ୍ତା ମାସରୁ ରାଜ୍ୟର ୧୫.୬୭ ଲକ୍ଷ ହିତାଧିକାରୀଙ୍କୁ ମିଳିବ ନାହିଁ ମାଗଣା ଚାଉଳ। ଇ-କେୱାଇସି କରି ନ ଥିବା ଯୋଗୁଁ ସେମାନଙ୍କୁ ଚାଉଳ ମିଳିବ ନାହିଁ। ରାଜ୍ୟ ଖାଦ୍ୟ ଓ ଯୋଗାଣମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କ ଏପରି ସୂଚନା ପରେ ରାଜ୍ୟର ୧୫ ଲକ୍ଷରୁ ଉର୍ଦ୍ଧ୍ୱ ଗରିବ ହିତାଧିକାରୀଙ୍କ ମୁଣ୍ଡରେ ଚଡ଼କ ପଡ଼ିଛି। ମନ୍ତ୍ରୀ ଶ୍ରୀ ପାତ୍ରଙ୍କ ସୂଚନା ଅନୁସାରେ ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ୧୫ ଲକ୍ଷ ୬୭ ହଜାର ହିତାଧିକାରୀ କେୱାଇସି କରିନାହାନ୍ତି। କେନ୍ଦ୍ର ସରକାର ଇ-କେୱାସି ପ୍ରକ୍ରିୟା ବନ୍ଦ କରିଦେଇଛନ୍ତି। କେୱାଇସି କରି ନ ଥିବା ଲୋକଙ୍କୁ ଚଳିତ ମାସ ଚାଉଳ ପ୍ରଦାନ କରାଯାଇଛି; ମାତ୍ର ଶୀଘ୍ର ଏହି ଚାଉଳ ପ୍ରଦାନ ବନ୍ଦ କରିଦିଆଯିବ। ଆଗାମୀ ଦିନରେ ଯଦି କେନ୍ଦ୍ର ସରକାର ଇ-କେୱାଇସି ଅବଧି ବଢ଼ାଇବେ, ତେବେ ଆମେ ମଧ୍ୟ ଏହି ଅବଧି ବଢ଼ାଇବୁ। ଯଦି କିଏ ବାଦ୍ ରହିଯାଇଥିବ, ତେବେ ସେମାନଙ୍କୁ ଲିଖିତ ଭାବେ ଦେବାକୁ ପଡିବ। ତାପରେ ଯାଇ ଆମେ ସେମାନଙ୍କ କଥା ବିଚାର କରିବୁ ବୋଲି ମନ୍ତ୍ରୀ କହିଛନ୍ତି।

ରାସନ କାର୍ଡରେ ଥିବା କିମ୍ବା ପରିବାର ସମସ୍ତ ସଦସ୍ୟଙ୍କୁ ଆଉ ଥରେ କେୱାଇସି କରିବା ବାଧ୍ୟତାମୂଳକ କରାଯାଇଥିଲା। ହେଲେ ଧାର୍ଯ୍ୟ ତାରିଖ ବିତିଯାଇଥିଲେ ମଧ୍ୟ ବର୍ତ୍ତମାନ ସୁଦ୍ଧା ଲକ୍ଷ ଲକ୍ଷ ଯୋଗ୍ୟ ହିତାଧିକାରୀ ଇ-କେୱାଇସି କରି ପାରି ନାହାନ୍ତି। ମୁଖ୍ୟତଃ ଉପାନ୍ତ ଓ ଦୁର୍ଗମ ଅଞ୍ଚଳରେ ନେଟୱର୍କ ସମସ୍ୟା ଯୋଗୁଁ ବହୁ ହିତାଧିକାରୀ ଇ-କେୱାଇସି ଅପଡେଟ୍ କରି ପାରି ନ ଥିବା ବେଳେ ଅନେକ ବୟସ୍କ ଓ ଶଯ୍ୟାଶାୟୀଙ୍କର ଇ-କେୱାଇସି ଅପଡେଟରେ ସମସ୍ୟା ରହିଛି। ଛୋଟ ପିଲା ଓ ବୟସ୍କ ବର୍ଗଙ୍କ ଫିଙ୍ଗର ପ୍ରିଣ୍ଟ ସମସ୍ୟା ରହିବାଯୋଗୁଁ ସେମାନଙ୍କର ଇ-କେୱାଇସି ହୋଇପାରି ନାହିଁ। ପୁନଶ୍ଚ ରାଜ୍ୟ ବାହାରେ ଅନ୍ୟ ରାଜ୍ୟରେ କାମ କରୁଥିବା ଲକ୍ଷଲକ୍ଷ ଲୋକ ମଧ୍ୟ ଇ-କେୱାଇସି କରି ପାରିନାହାନ୍ତି। ଯାହା ଫଳରେ ଏହି ଲୋକମାନେ ଆଗାମୀ ମାସରୁ ଆଉ ଚାଉଳ ପାଇବେ ନାହିଁ। ଲକ୍ଷାଧିକ ▶ପୃଷ୍ଠା-୧୦

## ହିମାଳୟର ୮୬% ଅଞ୍ଚଳ ବରଫାବୃତ

# ଆଗୁଆ ଆସିବ ଶୀତ, ଅଧିକ ଦିନ ରହିବ



■ **ନୂଆଦିଲ୍ଲୀ/ଭୁବନେଶ୍ୱର, ୧୪।୧୦ (ସମିସ):** ଚଳିତ ବର୍ଷ ଶୀଘ୍ର ମୌସୁମୀ ଆସିଥିଲା, ସ୍ୱାଭାବିକ ଭାବରେ ବର୍ଷିବା ସହ ଧାର୍ଯ୍ୟ ସମୟରେ ବିଦାୟ ନେଇଛି। ଅନ୍ୟପକ୍ଷରେ ଚଳିତ ବର୍ଷ ପୂର୍ବ ବର୍ଷଗୁଡ଼ିକ ତୁଳନାରେ ଶୀଘ୍ର ଆସିବ ଥଣ୍ଡା। ଏପରିକି ପୂର୍ବ ବର୍ଷଗୁଡ଼ିକ ତୁଳନାରେ ଚଳିତ ବର୍ଷ ଅଧିକ ଥଣ୍ଡା ପଡ଼ିବ ବୋଲି ପାଣିପାଗବିଜ୍ଞାନୀମାନେ ଆକଳନ କରୁଛନ୍ତି। ପ୍ରାୟ ୨ ମାସ ପୂର୍ବରୁ ହିମାଳୟ ଉପରାର୍ଦ୍ଧର ୮୬% ଅଞ୍ଚଳ ବରଫରେ ଆବୃତ୍ତ ହୋଇଛି ଓ ହିମାଳୟର ନିମ୍ନଭାଗ ଅଞ୍ଚଳର ତାପମାତ୍ରା ସ୍ୱାଭାବିକ ତାପମାତ୍ରାଠାରୁ ପ୍ରାୟ ୩ ଡ଼ିଗ୍ରୀ ପର୍ଯ୍ୟନ୍ତ କମ୍ ହୋଇଛି ଓ ବରଫ ତରଳିବା ହାର ପ୍ରାୟ ଶୂନ୍ୟକୁ ଖସି ଆସିଛି। ଡ଼ିସେମ୍ବରରେ ଲା ନିନା ସକ୍ରିୟ ହେବା ସମ୍ଭାବନା ଥିବାରୁ ଚଳିତବର୍ଷ ଭାରତରେ ଭଲ ବର୍ଷା ହୋଇଛି ଓ ଅଧିକ ଥଣ୍ଡା ପଡ଼ିବାର ଆଶଙ୍କା ସୃଷ୍ଟି ହୋଇଛି।

ହିମାଳୟର ଉପରାର୍ଦ୍ଧ ଅର୍ଥାତ୍ ୪ ହଜାର ଫୁଟ ଉଚ୍ଚରୁ ଅଧିକ ଅଞ୍ଚଳରେ ତାପମାତ୍ରା ଏବେ ବିଯୁକ୍ତ ୧୫ ଡ଼ିଗ୍ରୀ ରହିଛି। ଲା ନିନା କାରଣରୁ ଉତ୍ତର, ମଧ୍ୟ ଓ ପୂର୍ବ ଭାରତରେ ତାପମାତ୍ରା ଖୁବ୍ ଶୀଘ୍ର ୩ରୁ ୪ ଡ଼ିଗ୍ରୀ ପର୍ଯ୍ୟନ୍ତ କମିପାରେ ବୋଲି କୁହାଯାଉଛି। ହିମାଚଳ ପ୍ରଦେଶ, ସିକିମ, ଉତ୍ତରାଖଣ୍ଡ, ଜାମ୍ମୁକାଶ୍ମୀର ତାପମାତ୍ରା ଦ୍ରୁତ ବେଗରେ ହ୍ରାସ ପାଇଛି। ଏପରିକି ମଧ୍ୟପ୍ରଦେଶରେ ତାପମାତ୍ରା ୧୬ ଡ଼ିଗ୍ରୀରୁ ଫସିଛି। ଭୋପାଳରେ ତାପମାତ୍ରା ସ୍ୱାଭାବିକଠାରୁ ୪ ଡ଼ିଗ୍ରୀ କମ୍ ହୋଇ ୧୫.୮ ଡ଼ିଗ୍ରୀକୁ ଖସିଛି। ରାଜସ୍ଥାନରେ ଦିନ ଓ ରାତିର ତାପମାତ୍ରା ମଧ୍ୟ ହ୍ରାସ ପାଇଛି। ରାତିର ତାପମାତ୍ରା ୧୫ ଡ଼ିଗ୍ରୀ ତଳକୁ ଖସିଥିବା ▶ପୃଷ୍ଠା-୧୦

## ରକେଟ୍ ଭଳି ଉଠୁଛି ଚାନ୍ଦି


# ରୁପା ୨ ଲକ୍ଷ ପାର୍

### ୨୮୬ ଦିନରେ ଦୁଇଗୁଣ
### ସପ୍ତାହକରେ ୩୩ ହଜାର ମହଙ୍ଗା
### ସୁନା ୧୦ ଗ୍ରାମ ୧.୨୮ ଲକ୍ଷ ଟଙ୍କା

■ **ନୂଆଦିଲ୍ଲୀ, ୧୪।୧୦ (ଏଜେନ୍ସି):** ଇତିହାସ ରଚିଲାଣି ସୁନା ଓ ରୁପା ଦର। ଦୈନିକ ଦରରେ ନୂଆ ରେକର୍ଡ ପ୍ରତିଷ୍ଠା ହେଉଛି। ସୋମବାର ଘରୋଇ ବଜାରରେ ପୁନର୍ବାର ସୁନା ଏବଂ ରୂପା ମୂଲ୍ୟ ରେକର୍ଡ ସ୍ତରରେ ପହଞ୍ଚିଛି। ହେଲେ ଦର ବୃଦ୍ଧି କ୍ଷେତ୍ରରେ ବର୍ତ୍ତମାନ ସୁନା ଦରକୁ ବଳିଯାଉଛି ରୁପା ଦର। ରକେଟ୍ ଭଳି ଉଠିବାରେ ଲାଗିଛି ରୁପା ଦର। ଏମିତିକି ମାତ୍ର ଗୋଟିଏ ଦିନରେ ରୁପା କିଲୋ ପିଛା ୭ ହଜାର ଟଙ୍କାରୁ ଅଧିକ ବୃଦ୍ଧି ଘଟିଛି। ଫଳରେ ପ୍ରଥମ ଥର ପାଇଁ ଦେଶରେ ରୁପା ଦର ୨ ଲକ୍ଷ ଟଙ୍କା ଟପି ଇତିହାସ ରଚିଛି। ଏଥିରେ ସୋମବାର ରାଜଧାନୀ ଭୁବନେଶ୍ୱରରେ ରୁପା କିଲୋ ପିଛା ୨.୬ ଲକ୍ଷ ଟଙ୍କା ଛୁଇଁ ସର୍ବକାଳୀନ ରେକର୍ଡ ପ୍ରତିଷ୍ଠା ହୋଇଛି। କୌତୂହଳର ବିଷୟ ହେଉଛି ଯେ, ମାତ୍ର ୨୮୬ ଦିନରେ ରୁପା ମୂଲ୍ୟ ଦୁଇ ଗୁଣ ବଢ଼ିଯାଇଥିବାବେଳେ ସପ୍ତାହକରେ ଏହା ୩୩ ହଜାର ଟଙ୍କା ମହଙ୍ଗା ହୋଇଛି। ▶ପୃଷ୍ଠା-୧୦

## ଦୀପାବଳିରେ ବାଣଫୁଟା ମାର୍ଗଦର୍ଶିକା ଜାରି

# ଜଗିବ କିଏ ? ମାପିବ କିଏ ?



### ସନ୍ଧ୍ୟା ୭ଟାରୁ ୯ଟା ପର୍ଯ୍ୟନ୍ତ ଫୁଟାଯିବ ବାଣ
### ୧୨୫ ଡେସିବେଲରୁ ଅଧିକ ହେବନି ଶବ୍ଦ
### ନିୟମ ନ ମାନିଲେ କାର୍ଯ୍ୟାନୁଷ୍ଠାନ ଚେତାବନୀ

■ **ଭୁବନେଶ୍ୱର, ୧୪।୧୦ (ସମିସ):** ଏଥର ଦୀପାବଳିରେ ମାତ୍ର ୨ ଘଣ୍ଟା ବାଣ ଫୁଟାଯାଇ ପାରିବ, ତାହା ପୁଣି ସବୁଜ ବାଣ। ଏଥିପାଇଁ ପୁଣି ସର୍ତ୍ତ ରହିଛି ଯେ ଏହି ବାଣର ଶବ୍ଦ ୧୨୫ ଡ଼େସିବେଲରୁ ଅଧିକ ହେବ ନାହିଁ। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଅନୁରୂପ ମାର୍ଗଦର୍ଶିକା ଜାରି କରିଛି ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ। ଏହା ସହ ଯେଉଁମାନେ ଏହି ନିୟମ ନ ମାନିବେ, ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ମଧ୍ୟ ଚେତାବନୀ ଦିଆଯାଇଛି। ମାତ୍ର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଜାରି କରିଥିବା ଏହି ନିର୍ଦ୍ଦେଶକୁ ନେଇ ମଧ୍ୟ ସ୍ୱାଭାବିକ ପ୍ରଶ୍ନ ଉଠିଛି। ଧାର୍ଯ୍ୟ ସମୟ ମଧ୍ୟରେ ବାଣ ଫୁଟାଯିବା ବେଳେ ଏହାର ଡ଼େସିବେଲ କିଏ ମାପିବ ଏବଂ ୭ଟା ପୂର୍ବରୁ ଓ ୯ଟା ପରେ ବାଣଫୁଟାକୁ କିଏ ଜଗିବ ବୋଲି ପ୍ରଶ୍ନ ଉଠିଛି।

ବିଭାଗ ପକ୍ଷରୁ ଜାରି ନିର୍ଦ୍ଦେଶନାମାରେ କୁହାଯାଇଛି ଯେ ସବୁଜ ବାଣ ବ୍ୟତୀତ ଅନ୍ୟ ସବୁ ବାଣ ଉପରେ କଟକଣା ରହିଛି। ଯଦି କେହି ବାଣ ଫୁଟାଉଛନ୍ତି ତେବେ ୧୨୫ ଡେସିବେଲ ଅର୍ଥାତ୍ କମ୍ ଶବ୍ଦ ସୃଷ୍ଟିକାରୀ ବାଣ ଫୁଟାଇ ପାରିବେ ପୁଣି ପାର୍କ, ହସ୍ପିଟାଲ୍, ଶିକ୍ଷାନୁଷ୍ଠାନ, କୋର୍ଟ, ଧାର୍ମିକ ସ୍ଥାନର ୧୦୦ ମିଟର ପରିଧି ମଧ୍ୟରେ ▶ପୃଷ୍ଠା-୧୦





| MODEL | 125 CF | NS 125 | 150 | N160 | NS 160 | NS 200 |
|---|---|---|---|---|---|---|
| 100% GST ଲାଭ | ₹7 963/-* | ₹9 240/-* | ₹10 059/-* | ₹11 424/-* | ₹11 636/-* | ₹12 943/-* |
| PF + ବୀମା ସଞ୍ଚୟ | ₹2 900/-* | ₹3 300/-* | ₹3 600/-* | ₹4 200/-* | ₹4 200/-* | ₹4 800/-* |
| ହ୍ୟାଟ୍-ଟ୍ରିକ୍ ସଞ୍ଚୟ | ₹10 863/-* | ₹12 540/-* | ₹13 659/-* | ₹15 624/-* | ₹15 836/-* | ₹17 743/-* |

10 YEAR WARRANTY | BAJAJ SECURE • AMC • ROAD SIDE ASSISTANCE | 72198 21111 | HDFC BANK | SHRIRAM Finance | IDFC FIRST Bank ALWAYS YOU FIRST | BAJAJ AUTO CREDIT | L&T Finance | TATA CAPITAL Two Wheeler Loans

*ସର୍ତ୍ତ ଓ ନିୟମାବଳୀ ଲାଗିବ। ହ୍ୟାଟ୍-ଟ୍ରିକ୍ ସେଭିଙ୍ଗ୍ସ 22 ସେପ୍ଟେମ୍ବର 2025 ରୁ ବୈଧ। ମୋଟ ସଞ୍ଚୟରେ ଅଛି 100% GST ଲାଭ (ଏକ୍ସ-ଶୋରୁମ୍ ମୂଲ୍ୟ ଓ ପ୍ରଯୁଜ୍ୟ RTO କର ରେ), ନିଲ୍ ପ୍ରୋସେସିଙ୍ଗ ଫୀ, ଆଉ 1-ବର୍ଷର ଓନ୍ ଡ୍ୟାମେଜ୍ ଇନ୍ସ୍ୟୋରାନ୍ସ। ଫାଇନାନ୍ସର୍/ଇନ୍ସ୍ୟୋରର୍ ଆଉ ଲୋକେଶନ୍ ଅନୁସାରେ ନିଲ୍ PF ଆଉ OD ରେ ସଞ୍ଚୟ ଭିନ୍ନ ହୋଇପାରେ। ଫାଇନାନ୍ସର୍ ଙ୍କ ନିଜସ୍ୱ ବିବେଚନା ଆଧାରରେ ଫାଇନାନ୍ସ। 5 ବର୍ଷର ଷ୍ଟାଣ୍ଡାର୍ଡ ୱାରଣ୍ଟୀ + 5 ବର୍ଷର ଏକ୍ସଟେଣ୍ଡେଡ୍ ୱାରଣ୍ଟୀ @ ₹999/-। ପ୍ରଦର୍ଶିତ ଷ୍ଟଣ୍ଟଗୁଡ଼ିକ ଏକ୍ସପର୍ଟ ମାନଙ୍କ ଦ୍ୱାରା, ପେଶାଦାରମାନଙ୍କ ତତ୍ତ୍ୱାବଧାନରେ, ନିୟନ୍ତ୍ରିତ ପରିବେଶରେ କରାଯାଇଛି। ନକଲ କରିବାର ଅପଚେଷ୍ଟା କରନ୍ତୁ ନାହିଁ, ସବୁବେଳେ ଟ୍ରାଫିକ୍ ଓ ସେଫ୍ଟୀ ନିୟମଗୁଡ଼ିକ ପାଳନ କରନ୍ତୁ।

**Authorised Dealers for BAJAJ Auto Ltd.: Jajpur Road** PARIDA BAJAJ 7381012602 • **Dhenkanal** SHIVAM BAJAJ 7873922722 • **Jajpur Road** PARIDA BAJAJ 7381012602 • **Rahama** MAITREE BAJAJ 9668801781 • **Cuttack: Badambadi** SURAJ BAJAJ 8093066603 • **Shikharpur RASHMI BAJAJ 9237379210** • **Satichaura RASHMI BAJAJ 9237379211** • **Chandikhole** TARINI BAJAJ 9937310800. • **Pattamundai MAITREE BAJAJ 7064987720/9668801781,** • **Kendrapara** TARINI BAJAJ 8338944471 • **Rajnagar** MAITREE BAJAJ 7064987720/9668801781 • **Anandapur** PARIDA BAJAJ 7381670007, • **Udala** BALA BAJAJ 8260843646 • **Jaleswar** SURAJ BAJAJ **9124626016,** • **Markona** SURAJ BAJAJ **9124626001** • **Basudevpur SHANKAR BAJAJ 9040902802** • **Rairangpur BALA BAJAJ 9583777236** • **Harichandanpur JR BAJAJ 7008484029**

# ମୟୂରଭଞ୍ଜକୁ ବିଭାଜନ କରି ରାଇରଙ୍ଗପୁର ଜିଲ୍ଲା ଗଠନକୁ 'ପେସା'ର ବିରୋଧ



ବାରିପଦା, ୧୪।୧୦(ସମିସ): ମୟୂରଭଞ୍ଜ ଜିଲ୍ଲା (ପଞ୍ଚମ ଅନୁସୂଚୀ ଅଞ୍ଚଳ) କୁ ବିଭାଜନ କରି ସ୍ୱତନ୍ତ୍ର ରାଇରଙ୍ଗପୁର ଜିଲ୍ଲା ଘୋଷଣା ଉଦ୍ୟମକୁ ଦୃଢ଼ ବିରୋଧ କରାଯାଇଛି। ଏପରି ପଦକ୍ଷେପ ନିଆଗଲେ ତୀବ୍ର ଆନ୍ଦୋଳନ କରାଯିବା ନେଇ ଜିଲ୍ଲା 'ପେସା' ଗ୍ରାମସଭା କୋର୍ଡିନେସନ କମିଟି ପକ୍ଷରୁ ଚେତାବନୀ ଦିଆଯାଇଛି। କୋର୍ଡିନେସନ କମିଟି ପକ୍ଷରୁ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ୧୭ ଦଫା ଦାବି ସମ୍ବଳିତ ସ୍ମାରକପତ୍ର ଜିଲ୍ଲା ପ୍ରଶାସନ ଜରିଆରେ ଉପଜିଲ୍ଲାପାଳ ଡ. ଦୟାସିନ୍ଧୁ ପରିଡ଼ାଙ୍କୁ ପ୍ରଦାନ କରାଯିବା ସହିତ ତାଙ୍କ କାର୍ଯ୍ୟାଳୟ ସମ୍ମୁଖରେ ମଧ୍ୟ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଦାବିପତ୍ରରେ ଅନୁସାରେ ଓଡ଼ିଶା ସହିତ ମୟୂରଭଞ୍ଜ ମିଶ୍ରଣ ସମୟରେ ସହମତି ଅନୁଯାୟୀ ସମଗ୍ର ମୟୂରଭଞ୍ଜ ଜିଲ୍ଲାକୁ ବିଶେଷଭାବେ ଅନୁସୂଚିତ ଅଞ୍ଚଳ ଭାବରେ ବିବେଚନା କରାଯାଇଥିଲା। ତଦ୍‌ନୁସାରେ ଭାରତୀୟ ସମ୍ବିଧାନର ପଞ୍ଚମ ଅନୁସୂଚୀରେ ମୟୂରଭଞ୍ଜ ଜିଲ୍ଲାର ଅନୁସୂଚିତ ଅଞ୍ଚଳର ପ୍ରଶାସନ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ପ୍ରବର୍ତ୍ତନ କରାଯାଇଥିଲା। କିନ୍ତୁ କ୍ଷୋଭର ବିଷୟ ଯେ ଆଜି ପର୍ଯ୍ୟନ୍ତ ମୟୂରଭଞ୍ଜ ମିଶ୍ରଣ ଚୁକ୍ତିନାମାର ଗୋଟିଏ ବି ଧାଡ଼ି ପାଳନ କରାଯାଇନାହିଁ। ମିଶ୍ରଣ ଚୁକ୍ତିନାମାରେ ଏହା ମଧ୍ୟ ଉଲ୍ଲେଖ ଥିଲା ଯେ ଭାରତୀୟ ସମ୍ବିଧାନର ପଞ୍ଚମ ଅନୁସୂଚୀର ବ୍ୟବସ୍ଥା ଅନୁଯାୟୀ ମୟୂରଭଞ୍ଜର ଆଦିବାସୀ ଲୋକଙ୍କ ଅଧିକାର ଓ ସୁବିଧା ସୁରକ୍ଷିତ ରଖାଯିବ। ମାତ୍ର ଭାରତ ସମ୍ବିଧାନ କାର୍ଯ୍ୟକାରୀ ହେବା ପରଠାରୁ ମୟୂରଭଞ୍ଜ ଜିଲ୍ଲାର ଆଦିବାସୀମାନେ ସେମାନଙ୍କର ବିସ୍ଥାପନ ପାଇଁ ଉଦ୍ୟମ କରାଯାଉଥିବା ଅନୁଭବ ରଖୁଛନ୍ତି। ଗତ ୧୯୯୨-୯୩ ମସିହାରେ ଓଡ଼ିଶାରେ ୧୭ଟି ନୂତନ ଜିଲା ଗଠନ କରାଯାଇଥିଲା ସୁଦ୍ଧା ମିଶ୍ରଣ ଚୁକ୍ତିନାମା ଅନୁଯାୟୀ ଭାରତୀୟ ସମ୍ବିଧାନର ପଞ୍ଚମ ଅନୁସୂଚୀରେ ଅନ୍ତର୍ଭୁକ୍ତ ମୟୂରଭଞ୍ଜ ଜିଲ୍ଲା ଅବିଭକ୍ତ ରଖାଯାଇଥିଲା। ଏଣୁ ମୟୂରଭଞ୍ଜ ଜିଲ୍ଲା ବିଭାଜନର ପ୍ରଶ୍ନ ଉଠିଲେ ବ୍ରିଟିଶ ଶାସନ ସମୟରେ ଯେପରି ସ୍ୱତନ୍ତ୍ର ମୟୂରଭଞ୍ଜ ରାଜ୍ୟ ପାଇଁ ଜନ ଆନ୍ଦୋଳନ ହୋଇଥିଲା, ସେହିପରି ପୁନର୍ବାର ତୀବ୍ର ଆନ୍ଦୋଳନ ସଂଗଠିତ କରାଯିବାକୁ ଆଦିବାସୀ ବାଧ୍ୟ ହେବେ ବୋଲି ଜିଲ୍ଲା 'ପେସା' ଗ୍ରାମସଭା କୋର୍ଡିନେସନ କମିଟି ପକ୍ଷରୁ ଚେତାବନୀ ଦିଆଯାଇଛି। 'ପେସା' ଗ୍ରାମସଭା ଜିଲ୍ଲା କୋର୍ଡିନେସନ କମିଟିର ସଭାପତି ପାଣ୍ଡୁରାମ ହେମ୍ବ୍ରମ ଓ ସମ୍ପାଦକ ନାନାରାମ ମୁର୍ମୁଙ୍କ ନେତୃତ୍ୱରେ ଏହି ସ୍ମାରକପତ୍ର ପ୍ରଦାନ ବେଳେ ଦୁଲାରାମ ମୁର୍ମୁ, ଭଜାୟ ମୁର୍ମୁ, ଆନନ୍ଦ ଶଙ୍କର ମାରାଣ୍ଡି, ଛଟରାୟ ମାରିଣ୍ଡି, ବିରାମ ଚରଣ ମୁର୍ମୁ, ଲକ୍ଷ୍ମଣ ମୁର୍ମୁ, ସୁନ୍ଦର ମୋହନ ସିଂ, ଗଣେଶ ମୁର୍ମୁ, ସୁରେଇ ଟୁଡୁ, ଜୟଶଙ୍କର ସୋରେନ, ରୁପାଇ ମୁର୍ମୁ ଅନିଲ ଟୁଡୁ, କିସୁନ କିସ୍କୁ, ଚନ୍ଦ୍ରମୋହନ ମାଝୀ, ମନୋରଞ୍ଜନ ମୁର୍ମୁ, ଦିପୁ ହାଁସଦା, କିସୁନ ଟୁଡୁ, ଲକ୍ଷ୍ମଣ ହେମ୍ବ୍ରମ, ଗୋବିନ୍ଦ ହାଁସଦା, ଚାନ୍ଦୁ ସୋରେନ ଓ ଚନ୍ଦ୍ର ମୋହନ ଟୁଡୁ ପ୍ରମୁଖ ଉପସ୍ଥିତ ଥିଲେ। ସ୍ମାରକପତ୍ରର ନକଲ ପ୍ରଧାନମନ୍ତ୍ରୀ, ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ମୁଖ୍ୟ ଶାସନ ସଚିବ ଓ ଘରୋଇ ବିଭାଗର ସଚିବ ପ୍ରମୁଖଙ୍କୁ ମଧ୍ୟ ପଠାଯାଇଥିବା ପ୍ରକାଶ।

## ଚାଇଲ୍ଡ କେୟାର ହୋମକୁ ଗଲେ ଉଦ୍ଧାର ଶିଶୁ



ମୋରଡା, ୧୪।୧୦(ସମିସ): ବରକନ୍ଦ ପଞ୍ଚାୟତ ଟିଆଁସୀ ଗ୍ରାମର ବାପି ମଲ୍ଲିକ ନିଜର ପ୍ରଥମ ସ୍ତ୍ରୀର ୨ ଶିଶୁଙ୍କୁ ରବିବାର ଜଙ୍ଗଲରେ ଛାଡିଦେଇ ପଳାଇଥିଲେ। ପରେ ଉକ୍ତ ୨ ଶିଶୁଙ୍କୁ ଚିତ୍ରଡା ଅଞ୍ଚଳର ଗୋବିନ୍ଦଚନ୍ଦ୍ର ମହାନ୍ତ ଜଙ୍ଗଲରୁ ଉଦ୍ଧାର କରି ଅଙ୍ଗନବାଡି କର୍ମୀ ଜୟନ୍ତୀ ନାଏକଙ୍କ ଘରେ ରଖିଥିଲେ। ଏହି ଖବର ପ୍ରକାଶ ପରେ ସୋମବାର ମୋରଡା ସିଡିପିଓ ବିଜୟଲକ୍ଷ୍ମୀ ଦଣ୍ଡପାଟଙ୍କ ନିର୍ଦ୍ଦେଶକ୍ରମେ ଅଙ୍ଗନବାଡି ସୁପରଭାଇଜର ଶୁଭଶ୍ରୀ ଦଳାଇ, ଲୋଧା ଉନ୍ନୟନ ସଂସ୍ଥାର ପୋଷଣ ସହାୟିକା ଅରୁଣା ପ୍ରଜାପତି, ଶାନ୍ତନୁ କୁମାର ଦାସ, ସ୍ୱପ୍ନା ବେହେରା, ଅଙ୍ଗନବାଡି କର୍ମୀ ଜୟନ୍ତୀ ନାଏକ ପ୍ରମୁଖ ଶିଶୁଙ୍କୁ ପ୍ରଥମେ ଶିଶୁ ମଙ୍ଗଳ ସମିତି (ସିଡବ୍ଲ୍ୟୁସି)କୁ ନେଇଥିଲେ। ପରେ ସଚିବ ରାଜଶ୍ରୀ ପଟ୍ଟନାୟକଙ୍କ, ଆଇନସେବା ପ୍ରାଧିକାରଣ ଅଧିକାର ରବୀନ୍ଦ୍ର ମହାନ୍ତି ଏବଂ ପଲ୍ଲବୀ ଦାସଙ୍କ ଉପସ୍ଥିତିରେ ନିୟମ ଅନୁଯାୟୀ କାଗଜପତ୍ର ପ୍ରସ୍ତୁତ କରାଯିବା ପରେ ବର୍ତ୍ତମାନ ୨ ଶିଶୁଙ୍କୁ ସୁନାମୁହିଁସ୍ଥିତ ଚାଇଲଡ କେୟାର ହୋମକୁ ନିଆଯାଇଛି।

## ଗୋଚାଲାଣ ବେଳେ ଭ୍ୟାନ୍ ଜବତ; ୩ଅଟକ

କୁଳିଅଣା, ୧୪।୧୦(ସମିସ): ପଶ୍ଚିମବଙ୍ଗକୁ କୁଳିଅଣା ବ୍ଲକ ଚାନ୍ଦୁଆ ଦେଇ ଗୋଚାଲାଣ ହେଉଥିବା ବେଳେ ଏକ ଭ୍ୟାନ ଜବତ ହୋଇଛି। ଭ୍ୟାନଟି ସର୍ଗଛିଡା



ପଞ୍ଚାୟତର ଟଙ୍ଗାଶୋଳ ଗ୍ରାମଦେଇ ଯାଉଥିବା ବେଳେ ବଜରଙ୍ଗ ସେନା ଓ କର୍ମୀ ଗାଡ଼ିକୁ ଅଟକାଇ ଚାନ୍ଦୁଆ ଥାନା ଅଧିକାରୀଙ୍କୁ ଜଣାଇଥିଲେ। ପୁଲିସ ପହଞ୍ଚି ଉକ୍ତ ଗାଡି ସମେତ ୪ଟି ଗାଈ ଜବତ କରିବାସହ ୩ଜଣଙ୍କୁ ଅଟକ ରଖି ଥାନାକୁ ଆଣିଥିଲେ। ଅଟକ ୩ଜଣଙ୍କ ନାମ ହେଲା ଅଜୟ ବେହେରା, ବିଷ୍ଣୁ ମୁଦୁଲି ଓ ସଞ୍ଜୀବ ବେହେରା। ସେମାନଙ୍କୁ ପୁଲିସ ପଚରାଉଚରା ଜାରିକରିଥିବା ବେଳେ ଗାଈକୁ ବାଲେଶ୍ୱର ଗୋଶାଳା ପଠାଇ ଦିଆଯାଇଛି।

## ଗଛକୁ ଧକ୍କାଦେଲା ବାଇକ୍; ଯୁବକ ମୃତ

ମୋରଡା, ୧୪।୧୦(ସମିସ): ମୋରଡା ଥାନା ଅଞ୍ଚଳରେ ଏକ ବାଇକ ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ପଶ୍ଚିମବଙ୍ଗ ଦାନ୍ତୁନ ଅଞ୍ଚଳର ଶୁଭେନ୍ଦୁ ବିଶ୍ୱାଳ। ସୂଚନାଯୋଗ୍ୟ ଯେ ସୋମବାର ଶୁଭେନ୍ଦୁ ବାରିପଦାରୁ ବାଇକ ଯୋଗେ ନିଜ ଘରକୁ ଫେରୁଥିବା ସମୟରେ ଉକ୍ତ ଥାନା ଅଧୀନ ପଟାକୁଣ୍ଡିଆ ଛକ ନିକଟରେ ଥିବା ଏକ ନିମ୍ବ ଗଛକୁ ଧକ୍କା ଦେଇଥିଲେ। ଫଳରେ ସେ ଛିଟିକି ପଡ଼ି ସଂଜ୍ଞାହୀନ ହୋଇ ପଡ଼ିଥିଲେ। ଖବର ପାଇ ଚିତ୍ରଡା ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଶୁଭେନ୍ଦୁଙ୍କୁ ବାରମାଇଲସ୍ଥିତ କିଶାନତାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ; ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ପିଏମ୍ ଆବାସ ଲକ୍ଷ୍ୟ ଧାର୍ଯ୍ୟ ପାଇଁ ବ୍ଲକ୍ ପ୍ରଶାସନ ତତ୍ପର



ଠାକୁରମୁଣ୍ଡା, ୧୪।୧୦(ସମିସ): ଠାକୁରମୁଣ୍ଡା ବ୍ଲକରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ) ସମ୍ପୂର୍ଣ୍ଣ କରିବା ଲକ୍ଷ୍ୟ ହାସଲରେ ପଛରେ ପଡ଼ିଯାଇଥିବା ବେଳେ ବ୍ଲକ ପ୍ରଶାସନ ପକ୍ଷରୁ ଏବେ ତତ୍ପରତା ଦେଖିବାକୁ ମିଳିଛି। ନୂତନ ଘର ୫୮.୬୫% ସମ୍ପୂର୍ଣ୍ଣ ହୋଇଥିଲା ବେଳେ ଆହୁରି ୪୨% ଘର ହୋଇପାରିନି। ତେବେ ଏକ ଅନୁଧ୍ୟାନରୁ ଜଣାପଡ଼ିଛି ଯେ, ୨୦୨୧-୨୨ ଏବଂ ୨୦୨୨-୨୩ରେ ବ୍ଲକରେ ୬୬୬୧ ଗୃହ ଆବଣ୍ଟନ ହୋଇଥିଲା ବେଳେ ସେଥିରୁ ୩୯୦୭ ଘର ସମ୍ପୂର୍ଣ୍ଣ ହୋଇଛି। ଏଥିରୁ ୨୭୫୪ ଘର ଛାତ ପର୍ଯ୍ୟନ୍ତ ହୋଇରହିଛି। ୧୮ ଟି ଯାକ ଗ୍ରାମ ପଞ୍ଚାୟତରେ ପୁରୁଣା ୨୦୧୬-୧୭ରେ ୯୦୩ ଘର ହୋଇ ନଥିଲା ବେଳେ ୧୨୦୦ରୁ ଊର୍ଦ୍ଧ୍ୱ ଘର ଛାତ ପଡ଼ିନାହିଁ। ଇତି ମଧ୍ୟରେ ୩ ବର୍ଷ ଅତିକ୍ରାନ୍ତ ହୋଇଥିବାବେଳେ ସବୁ ଜିନିଷର ଦରଦାମ ବଢ଼ିଯାଇଛି। ଏଭଳି ସ୍ଥିତିରେ ଅଧା ପଡ଼ିଥିବା ଏବଂ ଆଦୌ ଆରମ୍ଭ ହୋଇନଥିବା ଘର ସମ୍ପୂର୍ଣ୍ଣ ହେବା ନେଇ ଆଶଙ୍କା ସୃଷ୍ଟି ହୋଇଛି। ଏବେ ବିଡିଓ ସ୍ୱପ୍ନେଶ୍ୱର ବେହେରା ପ୍ରତ୍ୟେକ ଗାଁକୁ ଯାଇ ଆବାସ ହିତାଧିକାରୀଙ୍କୁ ଘର ସମ୍ପୂର୍ଣ୍ଣ କରିବା ପାଇଁ ପରାମର୍ଶ ଦେଇଛନ୍ତି।

## ପୋଖରୀ ହୁଡ଼ାକୁ ହାଣ୍ଡିଆ ହାଟ ସ୍ଥାନାନ୍ତର



ମହୁଲଡିହା, ୧୪।୧୦(ସମିସ): ଠାକୁରମୁଣ୍ଡା ବ୍ଲକ ମହୁଲଡିହା ପଞ୍ଚାୟତର ସାପ୍ତାହିକ ହାଣ୍ଡିଆ ହାଟ ବସୁଥିବା ସ୍ଥାନ ବିବାଦୀୟ ହେବାରୁ ତାହାକୁ ପୋଖରୀ ହୁଡାକୁ ସ୍ଥାନାନ୍ତର କରାଯାଇଛି। ପ୍ରକାଶ ଥାଉ କି ମହୁଲଡିହାରେ ସୋମବାର ଏହି ସାପ୍ତାହିକ ହାଟରେ ହଜାର ହଜାର ଲୋକଙ୍କ ସମାଗମ ହୋଇଥାଏ। ହାଟରେ ଠାକୁରମୁଣ୍ଡା ଓ ଆନନ୍ଦପୁର ବ୍ଲକର ମୁଖ୍ୟତଃ ୩ଟି ପଞ୍ଚାୟତର ଲୋକେ ବିଭିନ୍ନ ବ୍ୟବସାୟରେ ନିର୍ଭର କରିଥାନ୍ତି। ପଟାଭୁକ୍ତ ଜାଗାରେ ହାଣ୍ଡିଆ ହାଟ ସହିତ ବହୁତ ଦୋକାନ ମଧ୍ୟ ବସୁଥିଲା। ଜମି ମାଲିକ ପଟାଦାରଙ୍କୁ ହାଟ ଉଠାଇବା ପାଇଁ ବାରମ୍ବାର କହିବାରୁ ସେ ସରପଞ୍ଚ ଚମ୍ପାବତୀ ଟୁଡୁଙ୍କୁ ଜଣାଇଥିଲେ। ଆଜି ସକାଳେ ହାଟକୁ ସ୍ଥାନାନ୍ତର କରାଯାଇଛି।

## ବାଙ୍ଗିରିପୋଷିରେ ବିଜେଡିର ପଦଯାତ୍ରା

କଳାବାଡିଆ, ୧୪।୧୦(ସମିସ): ବାଙ୍ଗିରିପୋଷି ବ୍ଲକ ସଭାପତି ବିରୋକିଶୋର ମାହାନ୍ତିଙ୍କ ନେତୃତ୍ୱରେ ଶତାଧିକ ମହିଳା ଓ ପୁରୁଷ ବିରାଟ ପଦଯାତ୍ରାରେ ବାଙ୍ଗିରିପୋଷି ବଜାର ଓ ହାଣଦା



ଗ୍ରାମ ପରିକ୍ରମା କରିଛନ୍ତି। ପୂର୍ବତନ ବିଧାୟକ ତଥା ରାଜସ୍ୱ ମନ୍ତ୍ରୀ ସୁଦାମ ମାର୍ଣ୍ଡିଙ୍କୁ କର୍ମୀମାନଙ୍କ ତରଫରୁ ଭାବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ପଦଯାତ୍ରା ପରେ ବାଙ୍ଗିରିପୋଷି ବଜାର ମଧ୍ୟରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ପୂର୍ବତନ ବ୍ଲକ ଅଧ୍ୟକ୍ଷ ସୁବୋଧ ମାରାଣ୍ଡି ମଞ୍ଚ ପରିଚାଳନା କରିଥିଲେ। ସଭାରେ ପୂର୍ବତନ ମନ୍ତ୍ରୀ ଶ୍ରୀ ମାରାଣ୍ଡି ବିଜେପି ସରକାରକୁ ସମାଲୋଚନା କରିବା ସହିତ ଗର୍ଜିଥିଲେ। ମିଥ୍ୟା ପ୍ରତିଶ୍ରୁତି ଦେଇ ସରକାର ଜନସାଧାରଣଙ୍କୁ ଭଣ୍ଡାଉ ଥିବା ଅଭିଯୋଗ କରିଥିଲେ। ବୈଠକରେ ବାଙ୍ଗିରିପୋଷି ପୂର୍ବତନ ବିଧାନସଭା ପ୍ରାର୍ଥୀ ରଞ୍ଜିତା ମାରାଣ୍ଡି, ଜିଲ୍ଲା ପରିଷଦ ସଭ୍ୟ ରାମଚନ୍ଦ୍ର ମୁର୍ମୁ, ଦୁର୍ଗାଚରଣ ମାରାଣ୍ଡି, ଆନନ୍ଦ ଟୁଡୁ, ବାଙ୍ଗିରିପୋଷି ବ୍ଲକ ଅଧ୍ୟକ୍ଷା ଗିତାଞ୍ଜଳି ହେମ୍ବ୍ରମ, କୁଳିଅଣା ବ୍ଲକ ଅଧ୍ୟକ୍ଷା ଦୀପିକା ସିଂ, ଶାମା ଖୁଣ୍ଟିଆ ପୂର୍ବତନ ବ୍ଲକ ସଭାପତି ହରେକୃଷ୍ଣ ମାହାନ୍ତ, ଯୁବନେତା ରଜନୀକାନ୍ତ ମହାନ୍ତ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ପ୍ରିୟନାଥ ମାରାଣ୍ଡି, ସୁବୋଧ ମାରାଣ୍ଡି, ବରିଷ୍ଠ କର୍ମୀ ମୋତିଲାଲ ଦାଶ, ବିଶ୍ୱଜିତ ଶର୍ମା, ଶାନ୍ତନୁ ଦାଶ, ଦୀପକ ମାହାନ୍ତି, ମନରୋଞ୍ଜନ ବାରିକ, କମଳାକାନ୍ତ ବାରିକ, ପ୍ରଶାନ୍ତ ପାତ୍ର, ସତ୍ୟାନନ୍ଦ ପାଲ, ସୁରେନ୍ଦ୍ର ନାଥ ପ୍ରଧାନ, ବିଜୟ ବେହେରା, ପୁପୁ ସେଖର, ମନୋଜ କୁମାର ଦତ୍ତ, ମନୋଜ ଦାସ, ନୃସିଂହ ସେଠୀ, ଲାଲମୋହନ ବେହେରା, କମୋଲ ବେହେରାଙ୍କ ସହିତ ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ ଉପସ୍ଥିତ ଥିବା ଦେଖିବାକୁ ମିଳିଛି।

## ପୋଖରୀଢିପା ରାସ୍ତା ବିପର୍ଯ୍ୟସ୍ତ ନେଇ ଦାବିପତ୍ର

ରାଇରଙ୍ଗପୁର, ୧୪।୧୦(ସମିସ): ଅଭିଯୋଗ ପରେ ବି ପ୍ରଶାସନର ପଦକ୍ଷେପ ଶୂନ। ଫଳରେ ଲୋକେ ଭୋଗୁଛନ୍ତି ଯନ୍ତ୍ରଣା। ଏଭଳି ଏକ ଚିତ୍ର ଦେଖିବାକୁ ମିଳିଛି ରାଇରଙ୍ଗପୁର ପୁରୁଣାପାଣି ଗ୍ରାମପଞ୍ଚାୟତ ପୁଖୁରି ଢିପା ସାହିରେ। ଏହି ସାହିର ଲୋକେ ରାସ୍ତାପାଇଁ ଦୁର୍ଦ୍ଦଶା ଭୋଗୁଛନ୍ତି। ଆଜି ଏହାର ପ୍ରତିବାଦ ଜଣାଇ ରାଇରଙ୍ଗପୁର ଉପଖଣ୍ଡ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ତାଙ୍କ ଅନୁପସ୍ଥିତିରେ ଉପଜିଲ୍ଲାପାଳ କାର୍ଯ୍ୟାଳୟର ବଡବାବୁଙ୍କୁ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ



ଲିଖିତ ଅଭିଯୋଗପତ୍ର ପ୍ରଦାନ କରିଛନ୍ତି। ଗାଁ ରାସ୍ତା ଖାଲ ଢିପ କାଦୁଅ ହୋଇଥିବାରୁ ଗାଁକୁ କୌଣସି ଆମ୍ବୁଲାନ୍ସ କି ବସ୍ ଚଳାଚଳ କରୁନାହିଁ। ଏହା ବ୍ୟତୀତ ଦୁଇ ଚକିଆ ଯାନ ମଧ୍ୟ ଯିବାଆସିବା କରିବା କଷ୍ଟକର। ଆଗାମୀ ଦିନରେ ପ୍ରଶାସନ ପଦକ୍ଷେପ ନ ହେଲେ ଗ୍ରାମବାସୀ ରାଜରାସ୍ତା ଓଲେବେ ବୋଲି ରବୀନ୍ଦ୍ରନାଥ ମହାନ୍ତ, ଲଳିତା ମହାନ୍ତ, କୁନି ମହାନ୍ତ, ସୂର୍ଣ୍ଣ ମହାନ୍ତ, ସଙ୍ଗୀତା ମହାନ୍ତ, ରଞ୍ଜନୀ ମହାନ୍ତ, ସଂଯୁକ୍ତା ମହାନ୍ତ, ଜପାମାଳୀ ମହାନ୍ତ, ଅବନ୍ତି ମହାନ୍ତ, ସୁଶିଳା ମହାନ୍ତ, ପୁଷ୍ପଲତା ମହାନ୍ତ, ସୁଧାଙ୍ଗିନୀ ମହାନ୍ତ, ସବିତା ମହାନ୍ତ ଓ ରାଜେଶ୍ୱରୀ ମହାନ୍ତ ପ୍ରମୁଖ ଚେତାବନୀ ଦେଇଛନ୍ତି।

## ମିଶନ ଅଲିଚିକି ପରୀକ୍ଷା ପାଇଁ ପ୍ରତିଯୋଗିତା

ବାରିପଦା, ୧୪।୧୦(ସମିସ): ଖେରୱାଲ ସଂଗଠନ ତରଫରୁ ମିଶନ ଅଲିଚିକି ପରୀକ୍ଷା-୨୦୨୫ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି।



ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ, ଓଡ଼ିଶା ରାଜ୍ୟରୁ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ପୁଲିସ ସରକାରୀ ଉଚ୍ଚ ବିଦ୍ୟାଳୟ ବାରିପଦା, ରାଇରଙ୍ଗପୁର ସରକାରୀ ଉଚ୍ଚ ବିଦ୍ୟାଳୟ, ଆଦିବାସୀ ସରକାରୀ ଉଚ୍ଚ ବିଦ୍ୟାଳୟ କଣ୍ଡରାପଶି କେନ୍ଦୁଝର ୩ଟି କେନ୍ଦ୍ରରେ ପରୀକ୍ଷା ଦେଇଥିଲେ। ପରୀକ୍ଷାକୁ ଆକୃଷ୍ଟ କରିବା ପାଇଁ ପୁରସ୍କାର ବ୍ୟବସ୍ଥା କରାଯାଇଥିଲା। ଖେରୱାଲ ସଂଗଠନ ସଭାପତି ରବୀନ୍ଦ୍ର ନାଥ ଟୁଡୁ, ଉପସଭାପତି ସାଲଗେ ମୁର୍ମୁ, ସମ୍ପାଦକ ସୁମନ୍ତ ହେମ୍ବ୍ରମ, ସହ ସମ୍ପାଦକ ସୁଗୁଦା ମୁର୍ମୁ, ସଦସ୍ୟ ପଦ୍ମିନୀ ମୁର୍ମୁ, ରକେଟ ମୁର୍ମୁ, ପାରାନ ହେମ୍ବ୍ରମ, ଫାଗୁରାମ ମୁର୍ମୁ, ମାଝୀରାମ ସୋରେନ, ମାଳତୀ ଟୁଡୁ, ଠାକୁରା ମୁର୍ମୁ, ହିମାନୀ ହେମ୍ବ୍ରମ, ଲିପି ଟୁଡୁ, ଡାକ୍ତର ହାଁସଦା ପ୍ରମୁଖ ସହଯୋଗ କରିଥିଲେ। ଆଗାମୀ ଦିନରେ ଖେରୱାଲ ସଂଗଠନ ତରଫରୁ ଏଭଳି ପରୀକ୍ଷା ଆୟୋଜିତ ହେବ। ହଜିଯାଉଥିବା ଭାଷା, ସଂସ୍କୃତି, ପରମ୍ପରା ଲିପିକୁ ପୁନରୁଦ୍ଧାର କରିବା ଆଦିବାସୀଙ୍କ ମୂଳଲକ୍ଷ୍ୟ ବୋଲି ସଂଗଠନର କର୍ମକର୍ତ୍ତା କହିଛନ୍ତି।

## ବେତନଟୀ ରୋଟାରୀ କ୍ଲବ୍ ପ୍ରତିଷ୍ଠାତା ସଦସ୍ୟଙ୍କ ବିୟୋଗ



ବେତନଟୀ, ୧୪।୧୦(ସମିସ): ବେତନଟୀ ରୋଟାରୀ କ୍ଲବର ପ୍ରତିଷ୍ଠାତା ସଦସ୍ୟ ଓ ଉପଦେଷ୍ଟା କୈଳାସ ଚନ୍ଦ୍ର ଅଗ୍ରୱାଲ (୭୫)ଙ୍କର ପରଲୋକ ଘଟିଛି। ତାଙ୍କ ବିୟୋଗରେ ରୋଟାରୀ କ୍ଲବ ପରିବାର ତରଫରୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବାସହ ଶୋକସଭା ସଭାପତି ଗିରିଧାରୀ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଚାର୍ଟାର୍ଡ ସଭାପତି ଶୈଳେନ୍ଦ୍ର କୁମାର ଖଣ୍ଡେଲୱାଲ, ସମ୍ପାଦକ ରବୀନ୍ଦ୍ର ନାଥ ମିଶ୍ର, ରୋଟାରିଆନ ବସନ୍ତ ମହାନ୍ତ, ଶିରୀଶ ଚନ୍ଦ୍ର ବାରିକ, ସୁନୀଲ ଖଣ୍ଡେଲୱାଲ, ଶ୍ୟାମପ୍ରସାଦ ମଦ୍ଧୁଆଳ, ଅରୁଣ ଓତା ଓ ସାମ୍ବାଦିକ ହରିଶ୍ଚନ୍ଦ୍ର ନନ୍ଦ ଗୋସ୍ୱାମୀ ଉପସ୍ଥିତ ଥିଲେ।

## ଟିପିଏନ୍ଓଡିଏଲ୍‌ର ଶକ୍ତି ସଂରକ୍ଷଣ ସମ୍ପର୍କିତ ପ୍ରତିଯୋଗିତା

ବେତନଟୀ, ୧୪।୧୦(ସମିସ): ଟିପିଏନ୍ଓଡିଏଲ୍ ବାରିପଦା ଇଲେକ୍ଟ୍ରିକାଲ ଡିଭିଜନର ସିଏସ୍ଆର୍ ସଂଯୋଜକ ଶାନ୍ତନୁ ନାୟକଙ୍କ ତତ୍ତ୍ୱାବଧାନରେ ଅଁଳା ପଞ୍ଚାୟତର ରାଇକମା ଆଶ୍ରମ ବିଦ୍ୟାଳୟ ପରିସରରେ ଶକ୍ତି ସଂରକ୍ଷଣ ବିଷୟବସ୍ତୁ ଉପରେ କୁଇଜ ଓ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ରଜତ କୁମାର ଦାଶ ବୈଠକରେ ଅଧ୍ୟକ୍ଷତା କରିବାସହ ଛାତ୍ରଛାତ୍ରୀଙ୍କୁ ଶକ୍ତି ସଂରକ୍ଷଣ ସଂକ୍ରାନ୍ତରେ ସଚେତନ କରିଥିଲେ। ସମସ୍ତ ସହକାରୀ ଶିକ୍ଷକ ଓ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

## ଜିଲ୍ଲା ପରିଷଦ ଅଧିକାରୀଙ୍କ ଟସର ସୂତାକଟା କେନ୍ଦ୍ର ଅନୁଧ୍ୟାନ

ମହୁଲଡିହା, ୧୪।୧୦(ସମିସ): ଜିଲ୍ଲା ପରିଷଦ ଜୀବନ ଜୀବିକା କାର୍ଯ୍ୟକ୍ରମ ଅଧିକାରୀ ମଧୁସ୍ମିତା ଭୂୟାଁ ଠାକୁରମୁଣ୍ଡା ଗସ୍ତରେ ଆସି ଟସରକୁ ନେଇ ଜୀବିକା ନିର୍ବାହ କରୁଥିବା ହିତାଧିକାରୀଙ୍କୁ ଭେଟି ବିଭିନ୍ନ ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ। ତାଙ୍କର ଗସ୍ତ ସମୟରେ ଠାକୁରମୁଣ୍ଡା ବିଡ଼ିଓ ସ୍ୱପ୍ନେଶ୍ୱର ବେହେରା ଏବଂ ଅନ୍ୟାନ୍ୟ ଅଧିକାରୀ ଉପସ୍ଥିତ ଥିଲେ। ଠାକୁରମୁଣ୍ଡା ବ୍ଲକ କେଶଡିହା ଗ୍ରାମପଞ୍ଚାୟତର ପୁରୁଣାପାଣି ଗ୍ରାମରେ ପହଞ୍ଚି ବୁନିୟାଦ ମେସିନରେ ଟସର ସୂତାକଟା କେନ୍ଦ୍ର ଅନୁଧ୍ୟାନ କରିଥିଲେ। ଏହା କିପରି ଅଧିକ ଲୋକଙ୍କ ପାଖରେ ପହଞ୍ଚାଇ ହେବ ଏବଂ ଲୁଗା ବୁଣାଯାଇପାରିବ ସେ ସମ୍ପର୍କରେ ଆଲୋଚନା ହୋଇଥିଲା। ଆଗକୁ ଏ ସମ୍ପର୍କରେ ବିସ୍ତୃତ ଯୋଜନା ପ୍ରସ୍ତୁତ ଲରାଯିବ ବୋଲି ସେ କହିଛନ୍ତି।

## ମାଓବାଦୀ ଆକ୍ରମଣରେ ୩ ସହିଦଙ୍କୁ ଶ୍ରଦ୍ଧାଞ୍ଜଳି

ବାରିପଦା, ୧୪।୧୦(ସମିସ): ଚାନ୍ଦୁଆ ଥାନା ଅଧୀନ ବଣ୍ଡାବ ଗ୍ରାମରେ ମାଓବାଦୀଙ୍କ ଗୁଳିକାଣ୍ଡରେ ସହିଦ ହୋଇଥିବା ୩ ଜଣ ପୁଲିସ କର୍ମଚାରୀଙ୍କୁ ଶ୍ରଦ୍ଧାଞ୍ଜଳି ପ୍ରଦାନ କରାଯାଇଛି। ସୋମବାର ସନ୍ଧ୍ୟାରେ ଏନେଇ ରିଜର୍ଭ ପୁଲିସ କାର୍ଯ୍ୟାଳୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରାଜ୍ୟସଭା ସାଂସଦ ମମତା ମହାନ୍ତ, ପୂର୍ବତନ ମନ୍ତ୍ରୀ ସୁଦାମ ମାର୍ଣ୍ଡି, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଦୀପକ ଗୋଚ୍ଛାୟତ ଓ ଗୌତମ କିଷାନ, ଆରକ୍ଷୀ ନିରୀକ୍ଷକ ଆଲୋକ କୁମାର କାନୁନଗୋ, ପୁଲିସ ଅଧିକାରୀ, କନେଷ୍ଟବଳ ଓ ହାବିଲଦାର ସଂଘର ସଭାପତି ବିକାଶ ଚନ୍ଦ୍ର ବାରିକଙ୍କ ସମେତ କର୍ମକର୍ତ୍ତା, ଆମନ୍ତ୍ରିତ ଅତିଥି, ଗଣମାଧ୍ୟମର ପ୍ରତିନିଧି ଓ ସହିଦଙ୍କ ପରିବାରବର୍ଗ ଉପସ୍ଥିତ ଥିଲେ। ସ୍ୱର୍ଗତ ଏଏସ୍ଆଇ ନାରାୟଣ ପ୍ରଧାନ, ହାବିଲଦାର ରାଜେନ୍ଦ୍ର ମହାନ୍ତ ଓ କନଷ୍ଟେବଳ ଗହ୍ମା ହେମ୍ବ୍ରମଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ପ୍ରକାଶ ଥାଉକି, ୨୦୦୯ ଅକ୍ଟୋବର ୧୩ତାରିଖ ସନ୍ଧ୍ୟାରେ ଚାନ୍ଦୁଆ ଥାନା ଅଧୀନ ବଣ୍ଡାବ ଗ୍ରାମରେ ଚାଲିଥିବା ଫୁଟବଲ ଟୁର୍ଣ୍ଣାମେଣ୍ଟର ଉଦ୍‌ଯାପନୀ ଦିବସରେ ପୂର୍ବତନ ସାଂସଦ ସୁଦାମ ମାର୍ଣ୍ଡି ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଫାଇନାଲ ମ୍ୟାଚ ଥିବାବେଳେ ସନ୍ଧ୍ୟାରେ ଏହାର ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏହି ସମୟରେ ମାଓବାଦୀଙ୍କ ପକ୍ଷରୁ ଅତର୍କିତ ଗୁଳିବର୍ଷଣ ହୋଇଥିଲା। କେହି କିଛି ବୁଝିବା ପୂର୍ବରୁ ଆରମ୍ଭ ହୋଇଥିଲା ମାଓବାଦୀଙ୍କ ତାଣ୍ଡବଲୀଳା। ଶତାଧିକ ଫୁଟବଲ ପ୍ରେମୀଙ୍କ ସହ ଖେଳାଳି ଛତ୍ରଭଙ୍ଗ ଦେଇଥିଲେ। ତେବେ ନିଜ ଜୀବନକୁ ବାଜି ଲଗାଇ ସେଦିନ ଶ୍ରୀ ମାରାଣ୍ଡିଙ୍କୁ ସୁରକ୍ଷା ଦେବା ନିମନ୍ତେ ମାଓବାଦୀଙ୍କ ସହ ମୁକାବିଲା କରିଥିଲେ ପୁଲିସ ଅଧିକାରୀ ଓ




କର୍ମଚାରୀ। ଗୁଳିକାଣ୍ଡରେ ଶ୍ରୀ ମାରାଣ୍ଡି ବର୍ତ୍ତି ଯାଇଥିଲେ ହେଁ କୁଳିଅଣା ଥାନାର ଏଏସଆଇ ନାରାୟଣ ପ୍ରଧାନ, ହାବିଲଦାର ରାଜେନ୍ଦ୍ର ପ୍ରଧାନ ଓ କନେଷ୍ଟବଳ ଗହ୍ମା ହେମ୍ବ୍ରମ ସହିଦ ହୋଇଥିଲେ। ମାଓବାଦୀ ମାନେ ଅନ୍ଧାରର ସୁଯୋଗରେ ସହିଦଙ୍କ ପାଖରେ ଥିବା ୨ଟି ଏକେ ୪୭ ବନ୍ଧୁକକୁ ନେଇଯାଇଥିଲେ। ୩ଜଣ ସହିଦଙ୍କ ସ୍ମୃତିରେ ବାରିପଦା ରିଜର୍ଭ ପୁଲିସ କାର୍ଯ୍ୟାଳୟ ପରିସରରେ ସ୍ମୃତିଫଳକ ରହିଛି। ଜିଲ୍ଲା ପୁଲିସ ପକ୍ଷରୁ ପ୍ରତି ବର୍ଷ ଅକ୍ଟୋବର ୧୩ ତାରିଖରେ ସ୍ୱତନ୍ତ୍ର ଶ୍ରଦ୍ଧାଞ୍ଜଳି ଉତ୍ସବ ଆୟୋଜିତ ହୋଇଆସୁଛି।

### ୭ ମାସହେଲା କୁଆପଥର ମାଡ଼ରେ କ୍ଷତିଗ୍ରସ୍ତ ପରିବାର

# କ୍ଷତିପୂରଣ ପାଇଁ ତହସିଲ ଘେରିଲେ ଗ୍ରାମବାସୀ

କଳାବାଡିଆ, ୧୪।୧୦(ସମିସ): ବାଙ୍ଗିରିପୋଷି ବ୍ଲକରେ ଗତ ମାର୍ଚ୍ଚ ୧୯ତାରିଖ ହୋଇଥିଲା କୁଆପଥର ମାଡ଼। ଏଥିରେ ବ୍ଲକର ୭ଟି ପଞ୍ଚାୟତ ୩୯ଟି ଗାଁର ଜନସାଧାରଣ କ୍ଷତିଗ୍ରସ୍ତ ହେବାସହିତ ସେ ସମୟରେ କ୍ଷତିଗ୍ରସ୍ତ ପରିବାରର ଚାଳ ଛପର ସମ୍ପୂର୍ଣ୍ଣ ଭାଙ୍ଗି ଯାଇଥିଲା। ଏଥିପାଇଁ ସେ ସମୟରେ ରାସ୍ତାଘାଟ ଅବରୋଧ ହେବା ସହିତ ରାଜସ୍ୱ ମନ୍ତ୍ରୀଙ୍କ କାରକେଡ ଗାଡ଼ିକୁ ଢେଲାମାଡ଼ ମଧ୍ୟ ଜନ ସାଧାରଣ କରିଥିଲେ। ସେ ସମୟରେ ଜଣେ ଷ୍ଟାଫ ମଧ୍ୟ ଆହତ ହୋଇଥିଲେ। ଏପରିକି ତହସିଲ ମଧ୍ୟରେ ଏକ ଜନଶୁଣାଣି ଶିବିରରେ ପୂର୍ବତନ ତହସିଲଦାର ରଘୁନାଥ ଟୁଡୁଙ୍କୁ କଣ ପାଇଁ କୂଆପଥର ମାଡ଼ରେ କ୍ଷତିଗ୍ରସ୍ତଙ୍କୁ ଆର୍ଥିକ ସହାୟତା ଯୋଗାଇ ଦିଆଯାଉ ନାହିଁ ବୋଲି ଘେରଉ ମଧ୍ୟ କରିଥିଲେ। କିନ୍ତୁ ଏ ବାବଦରେ ପ୍ରଶାସନ କିଛି କ୍ଷତିଗ୍ରସ୍ତଙ୍କୁ ୪ ହଜାର ଟଙ୍କା ଦେଇ ଅନ୍ୟ ହିତାଧିକାରୀଙ୍କ କଥା ଭୁଲି ଯାଇଥିଲା। ଫଳରେ ସୋମବାର ନିଶ୍ଚିନ୍ତା ପଞ୍ଚାୟତ ନୟା ଦୋଶିଶୋଳ ଗ୍ରାମର ଶତାଧିକ ଗ୍ରାମବାସୀ ବିରାଟ ପଟୁଆରରେ ଯାଇ



ତହସିଲ କାର୍ଯ୍ୟାଳୟକୁ ଘେରଉ କରିଛନ୍ତି। ଏଥିରେ ନିଶ୍ଚିନ୍ତା ପଞ୍ଚାୟତର ନୟାଦୋଶିଶୋଳ ଗ୍ରାମର ଶତାଧିକ ଗ୍ରାମବାସୀ ସହିତ ଅଣରାଜନୈତିକ ଦଳ ସଂଗଠନ ମାସା ଆର୍ମି ତରଫରୁ ଯୋରଦାର ବିକ୍ଷୋଭ ପ୍ରଦର୍ଶନ ମଧ୍ୟ ହୋଇଛି। ଖୁବଶୀଘ୍ର କ୍ଷତିଗ୍ରସ୍ତଙ୍କୁ ଆର୍ଥିକ ସହାୟତା ଦେବାପାଇଁ ଦାବିପତ୍ର ବାଙ୍ଗିରିପୋଷି ଅତିରିକ୍ତ ତହସିଲଦାର ଦାମଦୋର ପ୍ରଧାନଙ୍କୁ ମାସା ଆର୍ମିର ରାଜ୍ୟ ସଭାପତି ସୁକୁଲାଲ ମାରାଣ୍ଡି, ଜିଲ୍ଲା ପରିଷଦ ସଭ୍ୟ ରାମଚନ୍ଦ୍ର ମୁର୍ମୁ, ମାସା ଆର୍ମିର କାର୍ଯ୍ୟକାରୀ ସଭାପତି କୁଟିଆ ଟୁଡୁ, ସହିତ ଶତାଧିକ ଗ୍ରାମବାସୀ ଉପସ୍ଥିତ ଥିଲେ। ଯଦି ଆଗାମୀ ଦିନରେ ପ୍ରଶାସନ କ୍ଷତିଗ୍ରସ୍ତଙ୍କୁ ଆର୍ଥିକ ସହାୟତା ନ ଦେବ ତାହାହେଲେ ଜାତୀୟ ରାଜପଥ ୪୯ ଅବରୋଧ କରାଯିବ ବୋଲି କହିଛନ୍ତି।

## ଭେଟେରାନ ସୁଟିଂ ପ୍ରତିଯୋଗୀ ଭାନୁପ୍ରତାପ ସମ୍ବର୍ଦ୍ଧିତ

**ବାରିପଦା, ୧୪।୧୦(ସମିସ):** ଦୀର୍ଘ ୩୦/୩୫ ବର୍ଷ ଧରି ରାଇଫଲ ଚାଳନା ପ୍ରତିଯୋଗିତା ପାଇଁ ଅଭ୍ୟାସ କରିବା ସହ ବିଭିନ୍ନ ସମୟରେ ବିଫଳ ହୋଇ ଶେଷରେ ସଫଳତାର ସ୍ୱାଦ ଚାଖିଲେ ଭାନୁପ୍ରତାପ ଭଞ୍ଜଦେଓ। ତାଳଚେର ଠାରେ ଅନୁଷ୍ଠିତ ଅନୁଗୁଳ ଜିଲ୍ଲା



ରାଇଫଲ ଆସୋସିଏସନ ଆନୁକୂଲ୍ୟରେ ଆୟୋଜିତ ୬୦ ତମ ବାର୍ଷିକ ସୁଟିଂ ପ୍ରତିଯୋଗିତାରେ ଭେଟେରାନ ବର୍ଗରେ ଅଂଶଗ୍ରହଣ କରି ଭାନୁପ୍ରତାପ ୬୫ ବର୍ଷ ବୟସରେ ପ୍ରଥମ ସ୍ଥାନ ଅଧିକାର କରି ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଛନ୍ତି। ଖବର ପାଇ ଜିଲ୍ଲାପାଳ ହେମକାନ୍ତ ସୟ ନିଜ କାର୍ଯ୍ୟାଳୟରେ ଉପଢୌକନ ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧିତ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ମୟୂରଭଞ୍ଜ ଆଥଲେଟିକ ଆସୋସିଏସନର ସାଧାରଣ ସମ୍ପାଦକ ବିଜୟ କୁମାର ଦାସ ଓ ସହ ସମ୍ପାଦକ ଅମ୍ବିକା ରାଉତ ଉପସ୍ଥିତ ଥିଲେ। ଶ୍ରୀ ଭଞ୍ଜଦେଓଙ୍କ ଏହି ସଫଳତାର କାହାଣୀ ଆଗାମୀ ଦିନରେ ଯୁବପିଢ଼ିଙ୍କୁ ରାଇଫଲ ସୁଟିଂ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ପାଇଁ ଉତ୍ସାହିତ କରିବ ବୋଲି ସାଧାରଣ ସମ୍ପାଦକ ଶ୍ରୀ ଦାସ ପ୍ରକାଶ କରିଛନ୍ତି।

## ଚୋରା ଦେଶୀମଦ କାରଖାନା ଉପରେ ଚଢ଼ଉ



**ବୈଶିଙ୍ଗା, ୧୪।୧୦(ସମିସ):** ବୈଶିଙ୍ଗା ଥାନା ଅଧୀନ ବାମଡା, ଭିତରଶୋଳ ଏବଂ ଭାଲିଆଡିହି ଠାରେ ଚାଲିଥିବା ଚୋରା ଦେଶୀମଦ କାରଖାନା ଉପରେ ମଙ୍ଗଳବାର ଅପରାହ୍ନରେ ଅବକାରୀ ବିଭାଗ ପକ୍ଷରୁ ସଶସ୍ତ୍ର ପୁଲିସଫୋର୍ସ ମିଳିତ ଭାବରେ ଚଢ଼ାଉ କରଥିବା ଜଣାପଡ଼ିଛି। ଚଢ଼ଉରେ ବିପୁଳ ପରିମାଣର ମହୁଲପୋଚ, ରନ୍ଧା ମଦ ସମେତ ମଦ ପ୍ରସ୍ତୁତିରେ ବ୍ୟବହୃତ ବ୍ୟାପକ ସରଞ୍ଜାମ ଜବତ ପୂର୍ବକ ନଷ୍ଟ କରାଯାଇଛି। ଥାନା ଅଧୀନ ବାମଡା, ଭିତରଶୋଳ ଏବଂ ଭାଲିଆଡ଼ିହି ଠାରେ ଥିବା ଜଙ୍ଗଲିଆ ଅଞ୍ଚଳରେ ଚୋରଦେଶୀ ମଦ କାରଖାନା ବାବଦରେ ଖବରପାଇ ମୟୂରଭଞ୍ଜ ଜିଲ୍ଲା ଅବକାରୀ ଅଧୀକ୍ଷକ ପ୍ରଶାନ୍ତ କୁମାର କହଁରଙ୍କ ନିର୍ଦ୍ଦେଶକ୍ରମେ ବେତନଟୀ ଅବକାରୀ ଥାନା ଅଧିକାରୀ ପ୍ରଦୀପ କୁମାର ବେହେରାଙ୍କ ନେତୃତ୍ୱରେ ଉଦଳା ରେଞ୍ଜ ଇନ୍ସପେକ୍ଟର ସଞ୍ଜୟ କାଣ୍ଡିଙ୍କ ସମେତ ଉଦଳା ଟିମ ମିଳିତ ଭାବରେ ସଶସ୍ତ୍ର ପୁଲିସ ଫୋର୍ସ ସହାୟତାରେ ମଙ୍ଗଳବାର ଅପରାହ୍ନରେ ଅତର୍କିତ ଚଢ଼ଉ କରିଥିଲେ। ଚଢ଼ଉ ସମୟରେ ଅବକାରୀ ବିଭାଗକୁ ଦେଖି ମଦ ମାଫିଆମାନେ ଜଙ୍ଗଲ ଭିତରେ ଚମ୍ପଟ ମାରିଥିଲା। ଅବକାରୀ ବିଭାଗ ଘଟଣାସ୍ଥଳରେ ସର୍ବମୋଟ ୧୨ହଜାର ୫ଶହ କିଲୋଗ୍ରାମ ଓଜନର ମହୁଲପୋଚ, ଚୋରା ଚାଲାଣ ନିମନ୍ତେ ପ୍ରସ୍ତୁତକରି ରଖାଯାଇଥିବା ଏକ ହଜାର ୪୦ଲିଟର ରନ୍ଧାମଦ ସମେତ ମଦ ପ୍ରସ୍ତୁତିରେ ବ୍ୟବହୃତ ବ୍ୟାପକ ସରଞ୍ଜାମ ଜବତ ପୂର୍ବକ ନଷ୍ଟ କରିଥିଲେ। ମଦ ପ୍ରସ୍ତୁତିରେ ବ୍ୟବହୃତ କିଛି ପ୍ଲାଷ୍ଟିକ ଡ୍ରମ ଓ ପ୍ଲାଷ୍ଟିକ ଜାର୍କିନ ଜବତ ପୂର୍ବକ ତଦନ୍ତ ଆରମ୍ଭ କରିଛି ଅବକାରୀ ବିଭାଗ।

### ନଭେମ୍ବରରୁ ବନ୍ଦ ହେବ ଚାଉଳ

# ମୟୂରଭଞ୍ଜରେ ୧.୨୩ ଲକ୍ଷ ରାସନ୍ କାର୍ଡଧାରୀ କରିନାହାନ୍ତି ଇ-କେୱାଇସି

**ବାରିପଦା, ୧୪।୧୦(ସମିସ)**

ରାଜ୍ୟ ସରକାରଙ୍କ ପକ୍ଷରୁ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ଯୋଗ୍ୟ ହିତାଧିକାରୀଙ୍କ ସ୍ଥିତି ଅନୁଧ୍ୟାନ ସହ ଭୂତ ହିତାଧିକାରୀଙ୍କ ରାସନ କାର୍ଡ କାଟିବା ପାଇଁ ରାସନ୍‌କାର୍ଡ ଇ-କେୱାଇସି ଅପଡେଟ୍ କରାଯାଉଛି। ୧୫ମାସ ଧରି ଏହି କାର୍ଯ୍ୟ ଚାଲିଥିଲେ ହେଁ ତାହା ସମ୍ପୂର୍ଣ୍ଣ ହୋଇପାରୁ ନଥିବାରୁ ନଭେମ୍ବର ପାଖରୁ ରାଜ୍ୟ ସରକାର କଡ଼ା ଆଭିମୁଖ୍ୟ ଗ୍ରହଣ କରିବାକୁ ଯାଉଛନ୍ତି। ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କ ସୂଚନା ଅନୁସାରେ ଇ-କେୱାଇସି କରିନଥିବା ହିତାଧିକାରୀଙ୍କୁ ନଭେମ୍ବର ମାସ ପାଖରୁ ମାଗଣା/ରିହାତି ଚାଉଳ ମିଳିବ ନାହିଁ। ବର୍ଷକ ତଳେ ଏହି ଇ-କେୱାଇସି ଅପଡେଟ କାର୍ଯ୍ୟ ଆରମ୍ଭ ହୋଇଥିଲେ ହେଁ ଇ-ପୋସ ମେସିନର ସର୍ଭର ଡାଉନ ଯୋଗୁଁ ଅପଡେଟ କରିବା ପାଇଁ ହିତାଧିକାରୀମାନେ ଘଣ୍ଟା ଘଣ୍ଟା ଧରି ଦହଗଞ୍ଜ ହେଉଥିଲେ। ଫଳରେ ବାରମ୍ବାର ଧାର୍ଯ୍ୟ ତାରିଖ ଘୁଞ୍ଚାଇବାକୁ ପଡୁଥିଲା। ପରନ୍ତୁ ଚଳିତ ମାସ ମଧ୍ୟରେ ଇ-କେୱାଇସି ନହେଲେ ଚାଉଳ ପ୍ରଦାନ ବନ୍ଦହେବ ବୋଲି ମନ୍ତ୍ରୀ ଚରମବାଣୀ ଶୁଣାଇଛନ୍ତି। ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ପ୍ରଦୀପ କୁମାର ପଣ୍ଡାଙ୍କ ସୂଚନାନୁଯାୟୀ, ମୟୂରଭଞ୍ଜ ଜିଲ୍ଲାର ୨୬ଟି ବ୍ଲକ, ୪ଟି ପୌରାଞ୍ଚଳକୁ ମିଶାଇ ୬ଲକ୍ଷ ୧ହଜାର ୩୪୨ପରିବାରର ସମୁଦାୟ ୨୧ଲକ୍ଷ ୩୯ହଜାର ସଦସ୍ୟ ରାସନକାର୍ଡ ଜରିଆରେ ଯୋଗାଣ ସାମଗ୍ରୀ ଓ ଅନ୍ୟାନ ସୁବିଧା ପାଉଥିଲେ। ତେବେ ସତ୍ୟାସତ୍ୟ ଯାଞ୍ଚ ଆରମ୍ଭ ପରେ ମୃତକ, ଚାକିରିଆ ଓ ଧନୀକ ସଦସ୍ୟଙ୍କୁ ମିଶାଇ ୮୬ହଜାର ୭୧୧ଜଣ ବାଦ ପଡ଼ିବା ପରେ ୨୦ଲକ୍ଷ ୫୨ହଜାର ୨୮୯ଜଣ ହିତାଧିକାରୀ ରାସନକାର୍ଡର ଲାଭ ପାଉଛନ୍ତି। ତନ୍ମଧ୍ୟରୁ ୧୯ଲକ୍ଷ ୨୯ହଜାର ୧୭୮ ହିତାଧିକାରୀ ଇ-କେୱାଇସି କରିସାରିଛନ୍ତି।



ଏବେ ମଧ୍ୟ ୧ଲକ୍ଷ ୨୩ହଜାର ୧୧୧ଜଣ ହିତାଧିକାରୀଙ୍କ ଇ-କେୱାଇସି ହୋଇନାହିଁ। ଜିଲ୍ଲାର ୫୨୧ଟି ଖାଉଟି ଯୋଗାଣ ବିତରଣ କେନ୍ଦ୍ରରେ ୨୦୨୪ ଅଗଷ୍ଟ ୨୨ତାରିଖରୁ ହିତାଧିକାରୀଙ୍କ ସ୍ଥିତି ଅନୁଧ୍ୟାନ ପ୍ରକ୍ରିୟା ଆରମ୍ଭ ସହିତ ଇ-କେୱାଇସି କାର୍ଯ୍ୟ ଆରମ୍ଭ ହୋଇଥିଲା। ବାରିପଦା ପୌରପାଳିକାର ୫୨ହଜାର ହିତାଧିକାରୀଙ୍କ ପାଇଁ ୨୮ଟି ୱାର୍ଡରେ ଥିବା ୨୬ଟି ଯୋଗାଣ ବିତରଣ କେନ୍ଦ୍ରରେ ଅନଲାଇନରେ ହିତାଧିକାରୀଙ୍କ ଇ-ପୋସ ମେସିନ ଜରିଆରେ ଇ-କେୱାଇସି ଯାଞ୍ଚ କାର୍ଯ୍ୟ ଜାରି ରହିଛି। ଯାଞ୍ଚ ପରେ ସଂଯୋଗୀକରଣ ମୋବାଇଲକୁ ଏକ ଓଟିପି ଆସିବା ପରେ ହିତାଧିକାରୀଙ୍କ ସ୍ଥିତି ଅନୁଧ୍ୟାନ କରାଯାଉଛି। ଏହାଦ୍ୱାରା ବଞ୍ଚିତ ଥିବା ରାସନ କାର୍ଡଧାରୀଙ୍କ କାର୍ଡ ରହିବା ସହିତ ଭୂତ ହିତାଧିକାରୀଙ୍କ ରାସନ କାର୍ଡ କଟୁଛି। ଲୋକଙ୍କର କେୱାଇସି ଅପ୍‌ଡେଟ୍ ପାଇଁ ଗୋଟି ଗୋଟି କରି ନମ୍ବର ଓ ନାମ ଦେଖି କରିବାକୁ ପଡୁଥିବା ବେଳେ ସମୟ ସାପେକ୍ଷ ପାଇଁ ସରକାର ଦୀର୍ଘ ଦିନ ସୁଯୋଗ ଦେଇଥିଲେ। ୧୫ମାସ ବିତିବା ପରେ ମଧ୍ୟ ଜିଲ୍ଲାରେ ୧ଲକ୍ଷ ୨୩ହଜାର ୧୧୧ଜଣ ଇ-କେୱାଇସି ଅପଡେଟ କରିନାହାନ୍ତି। ଧାର୍ଯ୍ୟ ତାରିଖ ମଧ୍ୟରେ ସମସ୍ତ ରାସନ କାର୍ଡଧାରୀ ଇ-କେୟାଇସି ଯାଞ୍ଚ ନକରିଲେ ସରକାରୀ ଚାଉଳ ପାଇବାରୁ ମଧ୍ୟ ବଞ୍ଚିତ ହେବାକୁ ଥିବାରୁ ସମସ୍ତେ ଆପଟେଡ କରାଇନେବାକୁ ଶ୍ରୀ ପଣ୍ଡା ନିବେଦନ କରିଛନ୍ତି।

## ରାଜ୍ୟସ୍ତରୀୟ ସିପାକ ଟାକ୍ରୋ ଓ ବ୍ୟାଡମିଣ୍ଟନ ପ୍ରତିଯୋଗିତାରେ ୩୦ଜଣ ସାମିଲ

**ବାରିପଦା, ୧୪।୧୦(ସମିସ):** ଚଳିତ ୧୬ରୁ ୧୯ ତାରିଖ ପର୍ଯ୍ୟନ୍ତ ନବରଙ୍ଗପୁର ଜିଲ୍ଲାର ଉମରକୋଟସ୍ଥିତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଓଡ଼ିଶା ରାଜ୍ୟସ୍ତରୀୟ ସିପାକ ଟାକ୍ରୋ ଓ ବ୍ୟାଡମିଣ୍ଟନ ପ୍ରତିଯୋଗିତା ହେବ। ମୟୂରଭଞ୍ଜ ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କ ମାର୍ଗଦର୍ଶନରେ ଓ ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ଭାଗିରଥି ମଲ୍ଲିକଙ୍କ ତତ୍ତ୍ୱାବଧାନରେ ଜିଲ୍ଲାରୁ ୩୦ ଜଣ ଖେଳାଳି ଯୋଗଦେବେ। ସିପାକଟାକ୍ରୋ ବାଳକ ଟିମ ମ୍ୟାନେଜର ଭାବେ ପିଇଟି ପ୍ରଦୀପ ଚୌଧୁରୀ ଓ ବାଳିକା ଟିମ ମ୍ୟାନେଜର ଭାବେ ପିଇଟି ଜ୍ୟୋତିର୍ମୟୀ ଦାସ ମହାପାତ୍ରଙ୍କ ନେତୃତ୍ୱରେ ୧୦ ଜଣ ଯୋଗ ଦେବେ। ସେମାନେ ହେଲେ ୧୭ ବର୍ଷରୁ କମ ବାଳକ ବିଭାଗରେ ଅମିତ କୁଅଁର, ମାନସ ରଞ୍ଜନ ନାଏକ, ସାହିଲ କୁମାର ସେଠୀ, ଆକାଶ ସୋରେନ, ଅମିତ କୁମାର ନାଏକ ଓ ବାଳିକା ବିଭାଗରେ ସିନିଗ ମାଝୀ, କ୍ରିଷ୍ଣା କୁମାରୀ ମହାନ୍ତ, ସୁଦିପ୍ତା ହାଁସଦା, ପୂଜା ହେମ୍ବ୍ରମ, ପାଏଲ ମାଝୀ। ବ୍ୟାଡ଼ମିଣ୍ଟନ ବାଳକ ଟିମ ମ୍ୟାନେଜର ଭାବେ ପିଇଟି ହେମନ୍ତ କୁମାର ଜେନା ଓ ମଧୁସ୍ମିତା ପାତ୍ରଙ୍କ ନେତୃତ୍ୱରେ ୨୦ ଜଣ କ୍ରୀଡାବିତ ଯୋଗ ଦେବେ। ସେମାନେ ହେଲେ ୧୪ ବର୍ଷରୁ ବାଳକ ବିଭାଗରେ ଜଗନ୍ନାଥ ମାଝି, ହିମାଂଶୁ ଶେଖର ଦାସ, ଜ୍ୟୋତିରଞ୍ଜନ ଗିରି, ଦେବାଶିଷ ପାତ୍ର, ଚନ୍ଦ୍ରଭାନୁ ବେହେରା ଓ ବାଳିକା ବିଭାଗରେ ହୀରାମଣି ସିଂ, ସିଲିରାଣୀ ମାରାଣ୍ଡି, ପ୍ରଗତି ସ୍ୱାଗତିକା ଦାସ, ଇପ୍ସିତା ପ୍ରଧାନ, ଦୀପ୍ତିମୟୀ ମାଲାକାର। ସେହିପରି ୧୭ ବର୍ଷରୁ କମ ବାଳକ ବିଭାଗରେ ଅରୁଶ୍ରୀ ବିଶ୍ୱାଳ, ଜୀବନ ଜ୍ୟୋତି ଦାସ, ଏମଡି ତାସିଫ ରାଜା, ଖ୍ୟାତିରଞ୍ଜନ ମହାପାତ୍ର, ଏମଡି ଅଶିପ ଅଲ୍ଲୀ ଓ ବାଳିକା ବିଭାଗରେ ପ୍ରୀତି ବିନ୍ଧାଣୀ, ମିନତୀ ସିଂ, ସବିତା ସିଂ, ଗୁଞ୍ଜନ କୁମ୍ଭାର, ଲକ୍ଷ୍ମୀପ୍ରିୟା ଗିରି। ସ୍ଥାନୀୟ ଏମକେସି ସରକାରୀ ଉଚ୍ଚ ବିଦ୍ୟାଳୟ ଏହି ଭବ୍ୟ ସମ୍ବର୍ଦ୍ଧନା ସଭାରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଗୌତମ କୁମାର ପାତ୍ର ଉପସ୍ଥିତ ରହି ସମସ୍ତଙ୍କୁ ଉତ୍ସାହିତ କରିବା ସହିତ ରାଜ୍ୟସ୍ତରରେ ସଫଳତା କାମନା କରିଛନ୍ତି।




## ମହୁଲି ମଦ ଜବତ; ୨ ଗିରଫ

**ଠାକୁରମୁଣ୍ଡା/ମହୁଲଡିହା, ୧୪।୧୦(ସମିସ):** ଠାକୁରମୁଣ୍ଡା ଅବକାରୀ ଥାନା ପୁଲିସ ମଙ୍ଗଳବାର ସକାଳେ ଚଢ଼ଉ କରି ମୋଟ ୨୫ ଲିଟର ଚୋରା ମହୁଲି ମଦ ଜବତ କରିବା ସହ ୨ ଜଣକୁ ଗିରଫ କରିଛି। ଘଟଣାରେ ୨ ଜଣ ଚୋରା ମହୁଲି ମଦ ବ୍ୟବସାୟୀଙ୍କୁ ଗିରଫ କରିଛି। ଗିରଫ ହୋଇଥିବା ବ୍ୟକ୍ତି ଜଣକ ହେଉଛନ୍ତି ଚମ୍ପାଝର ପଞ୍ଚାୟତର ସମରା ହୋ (୫୧) ବୋଲି ଜଣାପଡ଼ିଛି। ଅନ୍ୟ ଜଣକ ଜରକ ଗ୍ରାମର କନକ ହେମ୍ବ୍ରମ (୩୨)। କୌଣସି ସୂତ୍ରରୁ ଖବର ପାଇ ଠାକୁରମୁଣ୍ଡା ଅବକାରୀ ଥାନା ଅଧିକାରୀଣୀ ଭାରତୀ ନାୟକ ସମେତ ଅନ୍ୟ କର୍ମଚାରୀ ମାନେ ଚମ୍ପାଝର ଓ ଜରକ ଗ୍ରାମରେ ଚୋରା ରେ ମଦ ପ୍ରସ୍ତୁତି ହେଉଥିବା ସ୍ଥାନ ଉପରେ ଚଢ଼ାଉ କରି ମଦକୁ ଜବତ କରିଥିଲେ। ଏନେଇ ଠାକୁରମୁଣ୍ଡା ଅବକାରୀ ଥାନା ପକ୍ଷରୁ କେଶ ନମ୍ବର ୧୨୮, ୧୨୯ ରେ ଦୁଇଟି ମାମଲା ରୁଜୁ ହୋଇଛି।

## ନୂତନ ବ୍ଲକ୍ ସଭାପତିଙ୍କୁ ସମ୍ବର୍ଦ୍ଧନା



**ବାରିପଦା/ରାସଗୋବିନ୍ଦପୁର, ୧୪।୧୦(ସମିସ):** ରାସଗୋବିନ୍ଦପୁର ବ୍ଲକ ବିଜେଡିର ନବ ନିର୍ବାଚିତ ସଭାପତି ଜଗନ୍ନାଥ ଦାଶଙ୍କୁ ବିପୁଳ ସମ୍ବର୍ଦ୍ଧନା ଜଣାଯାଇଛି। ଏନେଇ ଦେବଶୋଳସ୍ଥିତ ବାବା ବୁଧେଶ୍ୱର ଶିବ ମନ୍ଦିର ପ୍ରାଙ୍ଗଣରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ମୁଖ୍ୟଅତିଥି ଭାବେ ପୂର୍ବତନ ବିଧାୟକ ରାଜକିଶୋର ଦାସ, ଜୋନ ନମ୍ବର ୪୮ ଜିଲ୍ଲା ପରିଷଦ ସଭ୍ୟ ଶ୍ୟାମସୁନ୍ଦର ଡାକୁଆ, ରାସଗୋବିନ୍ଦପୁର ସରପଞ୍ଚ ସୁଧାଂଶୁ ନାୟକ, ତୁଟାପଡ଼ା ସରପଞ୍ଚ ଶମ୍ଭୁନାଥ ଦେହୁରୀ, ସାରୁମୁଳା ସରପଞ୍ଚ ମନୋରଞ୍ଜନ ସିଂ, ସାନ ମାଣିଦା ସମିତି ସଭ୍ୟ ଦୂଳରି ସରେନ୍, ବିଜେଡି ମହିଳା ସଭାପତି ଉଜ୍ଜାଇନି ବେହେରା, ପୂର୍ବତନ ବ୍ଲକ ଉପାଧ୍ୟକ୍ଷା ତିଲୋତ୍ତମା ମହାନ୍ତ, ନାରୀନେତ୍ରୀ ମଧୁସ୍ମିତା ଚୋବେ, ବରିଷ୍ଠ କର୍ମକର୍ତ୍ତା ନାରାୟଣ ପ୍ରସାଦ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ନୂତନ ସଭାପତିଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧନା ଜଣାଇଥିଲେ। ବିଜୁ ଜନତା ଦଳକୁ ତୃଣମୂଳ ସ୍ତରରେ ସଙ୍ଗଠିତ କରି ସୁଦୃଢ଼ କରିବା ନେଇ ମତପ୍ରକାଶ କରିଥିଲେ। ବିଜେପି ନିର୍ବାଚନ ପୂର୍ବରୁ ଦେଇଥିବା ମିଛ ପ୍ରତିଶ୍ରୁତି ପୂରଣ କରିବାରେ ବିଫଳ ହୋଇଛି। ଏନେଇ ପ୍ରତି ଲୋକଙ୍କୁ ସଚେତନ କରିବେ ବୋଲି କହିଛନ୍ତି। କାର୍ଯ୍ୟକ୍ରମରେ ବସନ୍ତ ପାଲ, ମୃତ୍ୟୁଞ୍ଜୟ ସେନାପତି, କୁଆଁରୀୟ ମୁର୍ମୁ, ପ୍ରତାପ ପାତ୍ର, ରାମଚନ୍ଦ୍ର ଟୁଡୁ, ରବୀନ୍ଦ୍ର ନାଥ ବେହେରା, ଅଞ୍ଜନ ମହାନ୍ତି, ରାଜୀବ ଦାସ, ସ୍ୱାଗତ ଧର ମହାପାତ୍ର, ବିଶ୍ୱରଞ୍ଜନ ମହାନ୍ତ, ଝାଡେଶ୍ୱର୍ ଭଞ୍ଜ, ସପନ ଲେଙ୍କା, ଦିଲ୍ଲୀପ ରାମ ଆଦି ଉପସ୍ଥିତ ଥିଲେ। ଅଶୋକ କୁମାର ସାହୁ ମଞ୍ଚ ପରିଚାଳନା କରିଥିଲେ।

## ଯାତ୍ରୀବାହୀ ବସ୍ ଚଳାଚଳ ପାଇଁ ଦାବି

**କରଞ୍ଜିଆ, ୧୪।୧୦(ସମିସ):** ପାଞ୍ଚପୀର ଉପଖଣ୍ଡର ସଦର ମହକୁମା କରଞ୍ଜିଆ ହେଉଛି ଉପାନ୍ତ ଓ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ। କରଞ୍ଜିଆ ଏକ ବାଣିଜିକ, ସାଂସ୍କୃତିକ ସମ୍ପର୍ଣ୍ଣ ଓ କୃଷି ବହୁଳ ଅଞ୍ଚଳ ହୋଇଥିବାରୁ ଏଠାରୁ ସବୁଦିନ ରାଉରକେଲା, ସମ୍ବଲପୁର, ସୁନ୍ଦରଗଡ଼, ବଲାଙ୍ଗିରକୁ ଯିବାପାଇଁ ବସ୍ ଉପରେ ନିର୍ଭର କରିଥାନ୍ତି। ଏଠାରୁ ମାତ୍ର ଗୋଟିଏ ତଥା ଅତିବେଶୀରେ ଦୁଇଟା ବସ୍ କେବଳ ସମ୍ବଲପୁର ଓ ରାଉରକେଲାକୁ ଯାଇଥାଏ। ଏଠିକାର ବେପାରୀ, ଶ୍ରମିକ, ରୋଗୀ, କର୍ମଚାରୀ ଛାତ୍ରଛାତ୍ରୀ ପ୍ରାୟ ପ୍ରତିଦିନ ଏହି ସବୁ ସହରକୁ ବିଭିନ୍ନ କାର୍ଯ୍ୟରେ ଯିବାଆସିବା କରିଥାନ୍ତି। ବସ ନଥିବାରୁ ଯାତ୍ରୀମାନେ ବାଧ ହୋଇ କେନ୍ଦୁଝରକୁ ଯାଇ ଗନ୍ତବ୍ୟ ସ୍ଥଳକୁ ଯାଇଥାନ୍ତି ଏବଂ ଏଥିରେ ନାନା ସମସ୍ୟା ଦେଖାଦେଇଥାଏ। ଏବେ ସରକାରଙ୍କ ପକ୍ଷରୁ ଅନେକଗୁଡିଏ ଉନ୍ନତମାନର ସରକାରୀ ବସ ରାଜ୍ୟ ଭିତରେ ଓ ରାଜ୍ୟରୁ ଅନ୍ୟ ରାଜ୍ୟକୁ ଚଳାଚଳ କରୁଛି। ସରକାର ଆହୁରି ମଧ୍ୟ ଅନେକ ଉନ୍ନତମାନର ବସ ଚଳାଚଳ କରିବା ପାଇଁ ସିଦ୍ଧାନ୍ତ ନେଇଥିବାର ଜଣାପଡ଼ିଛି। ସେଥିମଧ୍ୟରୁ ଅନେକ ସ୍ଥାନରୁ ଏହି ବସ ଚଳାଚଳ କଲାଣି। ଆଦିବାସୀ ଅଧ୍ୟୁଷିତ ଉପାନ୍ତ ଅଞ୍ଚଳରୁ ଉନ୍ନତମାନର ଭୋଲ୍‌ଭୋ ବସ୍ କରଞ୍ଜିଆରୁ ରାଉରକେଲା, ସୁନ୍ଦରଗଡ଼, ସମ୍ବଲପୁର, ବଲାଙ୍ଗୀର, ପୁରୀ, ବ୍ରହ୍ମପୁର ଆଦି ଅଞ୍ଚଳକୁ ଗମନାଗମନ କରିଲେ ଏଠିକାର ଅଞ୍ଚଳବାସୀ ଉପକୃତ ହୁଅନ୍ତେ ବୋଲି ଲୋକେ ଆଶାବାନ୍ଧି ରହିଛନ୍ତି। ବିଭିନ୍ନ ଅନୁଷ୍ଠାନ ବିଶେଷକରି ପାଞ୍ଚପୀର ପ୍ରେସ କ୍ଲବ୍ ରାଜ୍ୟ ସରକାରଙ୍କ ପରିବହନ ବିଭାଗକୁ ଏଦିଗରେ ଦୃଷ୍ଟି ଦେବାକୁ ଦାବି କରିଛି।

## ମୌଳିକ ସୁବିଧା ଦାବିରେ ପଦ୍ମପୋଖରୀ ପଞ୍ଚାୟତବାସୀଙ୍କ ବିକ୍ଷୋଭ



**ଶରତ/କପ୍ତିପଦା, ୧୪।୧୦(ସମିସ)**

କପ୍ତିପଦା ବ୍ଲକ ଅଧୀନ ପଦ୍ମପୋଖରୀ ପଞ୍ଚାୟତର ଜନଜାତିମାନେ ମୌଳିକ ସୁବିଧା ଯୋଗାଇଦେବା ପାଇଁ ବ୍ଲକ କାର୍ଯ୍ୟାଳୟ ଘେରଉ କରିବା ସହିତ ଧାରଣା ପ୍ରଦର୍ଶନ କରିଛନ୍ତି। ପରେ ୬ ଦଫା ସମ୍ବଳିତ ଦାବିପତ୍ର ବିଡିଓ ରେଶମା ଟେଟେଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରିଛନ୍ତି। ଦାବିଗୁଡିକ ମଧ୍ୟରେ ପଦ୍ମପୋଖରୀ ପଞ୍ଚାୟତ ଅଧୀନ ସାପଘର ଛକଠାରୁ ଧପଡ଼ା ପଞ୍ଚାୟତ ଲମ୍ବିଥିବା ୭ କିମି ବିଶିଷ୍ଟ ରାସ୍ତାକୁ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ ଯୋଜନା କିମ୍ବା ମୁଖ୍ୟମନ୍ତ୍ରୀ ସଡକ ଯୋଜନାରେ ସାମିଲ କରି ରାସ୍ତାକୁ ପିଚୁ କରାଯିବା ଦାବି ରହିଛି। ଧନାସାହି ଗ୍ରାମରେ ଅଙ୍ଗନବାଡ଼ି କେନ୍ଦ୍ର ପ୍ରତିଷ୍ଠା ଦାବି, ବେହେରାସାହି ଠାରୁ ମହାକୁଡସାହି ପର୍ଯ୍ୟନ୍ତ ରାସ୍ତା ନିର୍ମାଣ କରାଯିବା ଦାବି, ଧନାସାହି ଗ୍ରାମରେ ଏକ ଚେକ୍‌ଡ୍ୟାମ ନିର୍ମାଣ, ଠାକୁରାସାହି ଠାରୁ ଡୁବିଆ ଗ୍ରାମ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ, ସାପଘର ଗ୍ରାମରୁ ଧପଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ରାସ୍ତା ନିର୍ମାଣ, ପଦ୍ମପୋଖରୀ ପଞ୍ଚାୟତର ସମସ୍ତ ପରିବାରଙ୍କୁ ଜଙ୍ଗଲ ଜମି ଅଧିକାର ଆଇନ ୨୦୦୬ ବଳେ ଜମିପଟ୍ଟା ପ୍ରଦାନ କରାଯିବା ଆଦି ଦାବିମାନ ଅନ୍ତର୍ଭୁକ୍ତ ଥିଲା। ତେବେ ସମସ୍ତ ରାସ୍ତା ନିର୍ମାଣ ସମ୍ପର୍କିତ ସମସ୍ୟାକୁ ୧୦ ଦିନ ମଧ୍ୟରେ ସମାଧାନ କରି ରାସ୍ତା ନିର୍ମାଣ କରାଯିବା ନିମନ୍ତେ ବିଡିଓ ରେଶ୍ମା ଟେଟେ ଆନ୍ଦୋଳନକାରୀଙ୍କୁ ଆଶ୍ୱସନା ଦେଇଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି। ଜିଲ୍ଲାର ଅଗ୍ରଣୀ ସାମାଜିକ ସଂଗଠନ 'ଶରତ ବିକାଶ ମଞ୍ଚ' ଏବଂ ପଦ୍ମପୋଖରୀ ପଞ୍ଚାୟତବାସୀନ୍ଦାଙ୍କ ମିଳିତ ସହଯୋଗରେ ଅନୁଷ୍ଠିତ ହୋଇଥିବା ଏହି ଗଣଧାରଣାରେ ପଦ୍ମପୋଖରୀ ପଞ୍ଚାୟତର ଯୁବ ସମାଜସେବୀ ନବୀନ ମୁଣ୍ଡୁରୀ, ଶରତ ବିକାଶ ମଞ୍ଚ ସଭାପତି ଗାମାଏ ରୀମିଲ ଗୋଇପାଇ, ସମ୍ପାଦକ କୁସୁନୁ ଗିଲୁଆ, ମହାନ୍ତି ଦେଓଗାମ, ସାମାଜିକ କର୍ମୀ ରମେଶ ବିରୁଆ, ଉମେଶ ବୁଲିଉଲି, ଶାନ୍ତି ମୁଣ୍ଡୁରୀ, ଜିଙ୍ଗୀ ଜାରିକା, ନାନ୍ଦି ହେମ୍ବ୍ରମ, ଦେହୁରୀ ହେମ୍ବ୍ରମ, ବୁଧିରାମ ବେହେରା ପ୍ରମୁଖ ନେତୃତ୍ୱ ନେଇଥିଲେ। ସମସ୍ତ ଦାବି ଆସନ୍ତା ୧୫ ଦିନ ମଧ୍ୟରେ ନ ପୂରଣ ହୋଇ ପାରିଲେ ବିଧାନସଭା ଘେରଉ କରାଯିବ ବୋଲି ପଦ୍ମପୋଖରୀ ପଞ୍ଚାୟତର ଯୁବ ସମାଜସେବୀ ଶ୍ରୀ ମୁଣ୍ଡୁରୀ ପ୍ରକାଶ କରିଛନ୍ତି।

ଆପଣଙ୍କ ପୁରୁଣା ବ୍ୟାଙ୍କ ଖାତାରେ ଟଙ୍କା ରଖି ଭୁଲିଯାଇଛନ୍ତି କି?



ଯାହା ଆପଣଙ୍କର ତାହାକୁ ପ୍ରାପ୍ତ କରିବାରେ ଆର୍‌ବିଆଇ ଆପଣଙ୍କୁ ସାହାଯ୍ୟ କରିବ ।

ଆପଣଙ୍କ ବ୍ୟାଙ୍କରେ ଅଚଳ ଖାତା (2 ବର୍ଷରୁ ଅଧିକ ଓ 10 ବର୍ଷ ପର୍ଯ୍ୟନ୍ତ ସମୟ ଧରି ନିଷ୍କ୍ରିୟ ଥିବା)ରେ ପଡ଼ିରହିଥିବା ଟଙ୍କା / ଦାବିହୀନ ଜମା (10 ବର୍ଷରୁ ଅଧିକ ସମୟ ଧରି)ଗୁଡ଼ିକୁ ଆର୍‌ବିଆଇର ଡିଇଏ ପାଣ୍ଠିକୁ ସ୍ଥାନାନ୍ତର କରିଦିଆଯାଇଥାଏ । ଆପଣ କିମ୍ବା ଆପଣଙ୍କର ଆଇନଗତ ଉତ୍ତରାଧିକାରୀ ତାହାକୁ ଯେକୌଣସି ସମୟରେ ଦାବି କରିପାରିବେ ।

ନିଜ ଟଙ୍କାକୁ ଦାବି କରିବାର 3ଟି ସହଜ ସୋପାନ

1. ଆପଣଙ୍କ ବ୍ୟାଙ୍କର ଯେକୌଣସି ଶାଖା ପରିଦର୍ଶନ କରନ୍ତୁ, ତାହା ଆପଣଙ୍କ ନିୟମିତ ଶାଖା ନ ହୋଇଥିଲେ ମଧ୍ୟ କିଛି ଅସୁବିଧା ନାହିଁ
2. କେୱାଇସି ଦସ୍ତାବିଜ (ଆଧାର, ପାସ୍‌ପୋର୍ଟ, ମତଦାତା ପରିଚୟପତ୍ର କିମ୍ବା ଡ୍ରାଇଭିଂ ଲାଇସେନ୍ସ) ସହ ଏକ ଫର୍ମ ଦାଖଲ କରନ୍ତୁ
3. ଯାଞ୍ଚ ପରେ, ଯଦି ଆପଣଙ୍କର କୌଣସି ଅର୍ଥରାଶି ପ୍ରାପ୍ୟ ହୋଇଥାଏ ତେବେ ତାହାକୁ ସୁଧ ସହ ପ୍ରାପ୍ତ କରନ୍ତୁ

ଅକ୍ଟୋବରରୁ ଡିସେମ୍ବର 2025 ମଧ୍ୟରେ ସାରାଦେଶରେ ସମସ୍ତ ଜିଲ୍ଲାରେ ଆୟୋଜିତ ହେଉଥିବା ସ୍ୱତନ୍ତ୍ର ଦାବିହୀନ ପରିସମ୍ପତ୍ତି ଶିବିର ପରିଦର୍ଶନ କରନ୍ତୁ




ଆପଣଙ୍କର ଦାବିହୀନ ଜମାକୁ ଠାବ କରିବା ପାଇଁ

ଆପଣଙ୍କ ବ୍ୟାଙ୍କର ୱେବ୍‌ସାଇଟ୍‌ରେ ସନ୍ଧାନ କରନ୍ତୁ କିମ୍ବା ସମ୍ପ୍ରତି 30ଟି ବ୍ୟାଙ୍କକୁ ଅନ୍ତର୍ଭୁକ୍ତ କରୁଥିବା ଆର୍‌ବିଆଇର ଉଦ୍‌ଗମ ପୋର୍ଟାଲ (https://udgam.rbi.org.in) ଯାଞ୍ଚ କରନ୍ତୁ ।

କ୍ୟୁଆର୍ କୋଡ୍ ସ୍କାନ୍ କରନ୍ତୁ
ଅଧିକ ବିବରଣୀ ପାଇଁ, ପରିଦର୍ଶନ କରନ୍ତୁ: https://rbikehtahai.rbi.org.in
ମତାମତ ପାଇଁ, rbikehtahai@rbi.org.in କୁ ଲେଖନ୍ତୁ
ଆନୁଷ୍ଠାନିକ ହ୍ୱାଟ୍ସଆପ୍ ନମ୍ବର 99990 41935

ଜନହିତରେ ଜାରି କରିଛନ୍ତି
भारतीय रिज़र्व बैंक
RESERVE BANK OF INDIA
www.rbi.org.in

# ସମ୍ପାଦକୀୟ



ପ୍ରେମ ଓ କରୁଣା ବିନା ମାନବିକତା ମୂଲ୍ୟହୀନ
-ଦଲାଇ ଲାମା

ସକାଳ
THE SAKALA

## ଭତ୍ତା ଚିନ୍ତା

ଜନଆକାଂକ୍ଷିତ ଯୋଜନାଗୁଡ଼ିକୁ କେନ୍ଦ୍ର ସରକାର ସାଧାରଣତଃ କୌଣସି ରାଜ୍ୟ ବିଧାନସଭା ନିର୍ବାଚନ ଅବ୍ୟବହିତ ପୂର୍ବରୁ ଘୋଷଣା କରନ୍ତି ଏବଂ ଅପ୍ରତ୍ୟାଶିତ ସଫଳତା ମଧ୍ୟ ହାସଲ କରନ୍ତି। ଏହିକ୍ରମରେ ଆସନ୍ନ ବିହାର ବିଧାନସଭା ନିର୍ବାଚନ ପୂର୍ବରୁ ଆଶା କରାଯାଉଥିଲା ଯେ ସଂଗଠିତ ଅଣସରକାରୀ କ୍ଷେତ୍ରରେ କାର୍ଯ୍ୟରତ କର୍ମଚାରୀଙ୍କ ସାମାଜିକ-ଆର୍ଥିକ ନିରାପତ୍ତା ପାଇଁ ଉଦ୍ଦିଷ୍ଟ କର୍ମଚାରୀ ଭବିଷ୍ୟନିଧି ପାଣ୍ଠି(ଇପିଏଫ୍) ଅନ୍ତର୍ଗତ ଅବସରକାଳୀନ ଭତ୍ତା ରାଶିରେ କିଛିଟା ବୃଦ୍ଧି ଘଟିବ। କିନ୍ତୁ ଇପିଏଫ୍ଓର ସଦ୍ୟତମ ବାର୍ଷିକ ବୈଠକରେ ଏହା ଆଜେଣ୍ଡାରେ ମଧ୍ୟ ସାମିଲ୍ ହୋଇନାହିଁ। ଏହାଛଡ଼ା ଏଭଳି କେତେକ ନିଷ୍ପତ୍ତି ନିଆଯାଇଛି, ଯାହା ଏତେ ଦ୍ୱନ୍ଦ୍ୱ ସୃଷ୍ଟି କରୁଛି ଯେ ସାଧାରଣ କର୍ମଚାରୀ କିମ୍ବା ନିଯୁକ୍ତିଦାତାଙ୍କ ପାଇଁ ମଧ୍ୟ ବୁଝି ବୁଝାଇବା କଷ୍ଟକର ହୋଇପଡୁଛି। ସେହିପରି ମୋଟ ଜମା ପରିମାଣର ଶତପ୍ରତିଶତ ଉଠାଣ ନିଷ୍ପତ୍ତିକୁ ନେଇ ମଧ୍ୟ ବିବାଦ ଉଠିଛି। ଯଦି ଅବସର ପୂର୍ବରୁ ସମ୍ପୂର୍ଣ୍ଣ ରାଶି ଉଠାଇ ନିଆଯାଏ ତେବେ ବାର୍ଦ୍ଧକ୍ୟ ଅସୁରକ୍ଷିତ ହୋଇପଡ଼ିବ ବୋଲି ଅଭିଯୋଗ ଆସିଛି।

ବୈଠକର ନିଷ୍କର୍ଷ ଅନୁଯାୟୀ, ଜମା ଉଠାଣ ଓ ବିବାଦ ସମାଧାନ ପ୍ରକ୍ରିୟା ସରଳ ଓ ସର୍ତ୍ତରହିତ ହୋଇଛି ସତ; କିନ୍ତୁ ଦୀର୍ଘବର୍ଷ ଧରି ହୋଇଆସୁଥିବା ଅବସର ପରବର୍ତ୍ତୀ ଭତ୍ତା ବୃଦ୍ଧି ଦାବି ପ୍ରତି ଦୃଷ୍ଟି ନ ପଡ଼ିବା କ୍ଷୋଭର ବିଷୟ। ସମ୍ପ୍ରତି ଇପିଏଫ୍କୁ ଦରମା ଯୋଗଦାନ ଆଧାରରେ ଅବସର ଭତ୍ତା ସର୍ବନିମ୍ନ ୧ ହଜାରରୁ ସର୍ବାଧିକ ୬ ହଜାର ଟଙ୍କା ପର୍ଯ୍ୟନ୍ତ ମିଳୁଛି। ସାମ୍ପ୍ରତିକ କ୍ରମବର୍ଦ୍ଧିଷ୍ଣୁ ମହଙ୍ଗା ଯୁଗରେ ଏତିକି ରାଶି ସମୁଦ୍ରକୁ ଶଙ୍ଖେ ଭଳି। ବୋଧହୁଏ ସରକାର ଅନ୍ୟାନ୍ୟ ସାମାଜିକ ଭତ୍ତା ଯୋଜନାକୁ ତୁଳନା କରି ଇପିଏଫ୍ ପେନ୍ସନ୍ ରାଶି ବୃଦ୍ଧି କରିବାକୁ ଉଚିତ ମଣୁ ନାହାନ୍ତି। ବିଭିନ୍ନ ସାମାଜିକ ଯୋଜନାରେ ମିଳୁଥିବା ଭତ୍ତା ନିର୍ବାଚନ ରାଜନୀତିର ଏକ ଅଂଶବିଶେଷ। ଅପରପକ୍ଷରେ ଇପିଏଫ୍ ସମ୍ପୂର୍ଣ୍ଣ ରୂପେ କର୍ମଚାରୀଙ୍କ ଝାଳବୁହା ଧନର ଯୋଗଦାନରେ ଗଠିତ। ସମ୍ପ୍ରତି ଦେଶରେ ୩୦ କୋଟି ଇପିଏଫ୍ ଆକାଉଣ୍ଟଧାରୀ ଥିବା ବେଳେ ସେମାନଙ୍କର ଏବଂ ସେମାନଙ୍କ ନିଯୁକ୍ତିଦାତାଙ୍କ ଯୋଗଦାନ ପରିମାଣ ୨୬ ଲକ୍ଷ କୋଟି ଟଙ୍କା। ସରକାରୀ କର୍ମଚାରୀମାନଙ୍କୁ ଦିଆଯାଉଥିବା ପେନ୍ସନ୍ ପ୍ରକ୍ରିୟା ଅନୁସରଣରେ ଇପିଏଫ୍ଓ ଏହି ବିପୁଳ ରାଶିକୁ ଲାଭଦାୟକ ପ୍ରତିଭୂତି ଅଂଶଧନରେ ନିବେଶ କଲେ ଆକାଉଣ୍ଟଧାରୀମାନେ ଅବସର ପରେ ଉପକୃତ ହୁଅନ୍ତେ।

ଇପିଏଫ୍ ଆକାଉଣ୍ଟଧାରୀଙ୍କ ମଧ୍ୟରୁ ସିଂହଭାଗ ମଧ୍ୟବିତ୍ତ-ନିମ୍ନମଧ୍ୟବିତ୍ତ ଶ୍ରେଣୀର, ଯେଉଁମାନେ ସରକାରୀ ମାଗଣା ଯୋଜନା ଏବଂ ବିଭିନ୍ନ ଗରିବ କଲ୍ୟାଣ ଯୋଜନାରୁ ବଞ୍ଚିତ। ସମ୍ପ୍ରତି ଜୀବନ ଧାରଣର ଅତ୍ୟାବଶ୍ୟକ ସାମଗ୍ରୀ, ଶିକ୍ଷା ଓ ସ୍ୱାସ୍ଥ୍ୟ ଖର୍ଚ୍ଚ ଏତେ ବଢ଼ିଯାଇଛି ଯେ ଦରମା ଗଣ୍ଡିକ ଘରକୁ ଆସିବାର ପ୍ରଥମ ସପ୍ତାହରେ ହିଁ ସରିଯାଉଛି। ଏଭଳି ଅବସ୍ଥାରେ ଭବିଷ୍ୟତ ପାଇଁ ସଞ୍ଚୟ ଜମା ସୁଯୋଗ ମଧ୍ୟ ସଂକୁଚିତ। ତେଣୁ ଅବସର ପରେ ଖଟିଖିଆମାନେ କେମିତି ବଞ୍ଚିବେ ସେ ବିଷୟରେ ଅନ୍ତତଃ ସରକାର ସହୃଦୟତାର ସହ ମାନବିକ ଦୃଷ୍ଟିକୋଣରୁ ଚିନ୍ତା କରିବା ଉଚିତ ହେବ।

## ବିପଦ ଟଳିନି

ନୋବେଲ୍ ବିଳାସୀ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ମଧ୍ୟସ୍ଥତାରେ ଇସ୍ରାଏଲ୍ ଓ ହମାସ୍ ମଧ୍ୟରେ ଯୁଦ୍ଧବନ୍ଦୀ ପ୍ରତ୍ୟପ୍ରଣ ପ୍ରକ୍ରିୟା ଆରମ୍ଭ ହୋଇଛି। ଏଥିସହିତ ଗାଜାରେ ଶାନ୍ତି ବାହାଲ୍ ହେବାର ଆଶାର ଝଲକ୍ଟିଏ କେବଳ ଦେଖାଦେଇଛି, କିନ୍ତୁ ଅସ୍ଥିରତା ଓ ଅନିଶ୍ଚିତାର ବାଦଲ୍ ଏ ପର୍ଯ୍ୟନ୍ତ ହଟିନାହିଁ। ଏହାପୂର୍ବରୁ ମଧ୍ୟ ଉଭୟ ପକ୍ଷରୁ ଅସ୍ତ୍ରବିରତି ଓ ଯୁଦ୍ଧବନ୍ଦୀ ପ୍ରତ୍ୟର୍ପଣ ପ୍ରୟାସ ଭଣ୍ଡୁର ହୋଇଥିଲା। ସମ୍ପ୍ରତି ବିଶ୍ୱର ବଡ଼ଭାଇ ଆମେରିକା ଉପସ୍ଥିତିରେ ଏହି ପ୍ରକ୍ରିୟା ସମ୍ପାଦିତ ହେଉଛି। କିନ୍ତୁ ଏହାର ଅର୍ଥ ନୁହେଁ ଯେ ଉଭୟ ପକ୍ଷ ମନରେ ଜଳୁଥିବା ନିଆଁ ପ୍ରଶମିତ ହୋଇସାରିଛି। ଅନ୍ତତଃ କ୍ଷମତାଲିପ୍ସୁ ଓ ଯୁଦ୍ଧଖୋର ବେଞ୍ଜାମିନ୍ ନେତାନ୍ୟାହୁ ଇସ୍ରାଏଲ୍ ଶାସନ ମୁଖ୍ୟ ଥିବା ପର୍ଯ୍ୟନ୍ତ ଇସ୍ରାଏଲ୍-ପାଲେଷ୍ଟାଇନ୍ ମଧ୍ୟରେ ସମ୍ପୂର୍ଣ୍ଣ ଶାନ୍ତି ସହାବସ୍ଥାନ ସାକାର ହେବ ବୋଲି ବିଶ୍ୱାସ ଆସୁନାହିଁ।

ଗାଜାପଟିରେ ଟ୍ରମ୍ପ ନିଜର ଯେଉଁ ସ୍ୱପ୍ନ-ପ୍ରକଳ୍ପ ପରିକଳ୍ପନା କରିଛନ୍ତି, ତା'କୁ ସାକାର କରିବା ପାଇଁ ସେହି ଅଞ୍ଚଳରେ ଶାନ୍ତି ଫେରିବା ତାଙ୍କ ପାଇଁ ଅପରିହାର୍ଯ୍ୟ। କିନ୍ତୁ ସେ ଯେ ମଧ୍ୟପ୍ରାଚ୍ୟରେ ଶାନ୍ତି ଚାହାନ୍ତି ତାହା କଳ୍ପନାତୀତ। ମଧ୍ୟପ୍ରାଚ୍ୟରେ ଶାନ୍ତି ଓ ସ୍ଥିରତା ବାହାଲ ହେଲେ ଆମେରିକାର ଆଣବିକ-ଇନ୍ଧନ ଓ ଯୁଦ୍ଧାସ୍ତ୍ର ବାଣିଜ୍ୟର ମହତାକାଂକ୍ଷା ସାକାର ହୋଇପାରିବ ନାହିଁ କି ଇରାନ୍କୁ କାବୁ କରିହେବ ନାହିଁ। ତେଣୁ ନିଜକୁ ବିଶ୍ୱ ଶାନ୍ତିଦୂତ ଭାବେ ଉପସ୍ଥାପନା କରୁଥିଲେ ମଧ୍ୟ ମଧ୍ୟପ୍ରାଚ୍ୟକୁ ସର୍ବଦା ଅଶାନ୍ତ ଓ ଅସ୍ଥିର ରଖିବା ପାଇଁ ଆମେରିକାର ସର୍ବକାଳୀନ ବୈଦେଶିକ ନୀତି ବିରୋଧରେ ଟ୍ରମ୍ପ ଯିବେ ନାହିଁ। ଅପରପକ୍ଷରେ ଆମେରିକା ବିରୋଧରେ ଯାଇ ଜାତିସଂଘର ସଂଖ୍ୟାଗରିଷ୍ଠ ସଦସ୍ୟ ପାଲେଷ୍ଟାଇନ୍ର ସାର୍ବଭୌମତ୍ୱ ସପକ୍ଷରେ ଭୋଟ ଦେଇଛନ୍ତି। ପାଲେଷ୍ଟାଇନ୍ ବିଧିବଦ୍ଧ ଭାବେ ସାର୍ବଭୌମ ରାଷ୍ଟ୍ର ଘୋଷିତ ହେଲେ ହମାସ୍ଙ୍କ ନିରାପଦ ଆଶ୍ରୟସ୍ଥଳୀ ହେବା ନିଶ୍ଚିତ, ଯାହାକୁ ନେତାନ୍ୟାହୁ ବରଦାସ୍ତ କରିବେ ନାହିଁ କି ଇସ୍ରାଏଲ୍ ବିରୋଧରେ ଆମେରିକା ମଧ୍ୟ ଯିବ ନାହିଁ। ତେଣୁ ଏହି ପ୍ରସଙ୍ଗ ଆଗାମୀ ଦିନରେ ପୁଣି ଉତ୍ତେଜନା ଓ ହିଂସା ସୃଷ୍ଟି କରିବାର ଆଶଙ୍କା ରହିଛି। ଇତିମଧ୍ୟରେ ଟ୍ରମ୍ପ ପ୍ରାୟୋଜିତ ଏହି ଯୁଦ୍ଧବିରତି ଚୁକ୍ତିକୁ ଆଫ୍ଗାନିସ୍ତାନ ଓ ପାକିସ୍ତାନର କେତେକ ଅଞ୍ଚଳରେ ତୀବ୍ର ବିରୋଧ ହେଉଛି। ହମାସ ମଧ୍ୟ ଚୁକ୍ତିର କେତେକ ସର୍ତ୍ତକୁ ବିରୋଧ କରିଛି ଅଥଚ ବାଧ୍ୟବାଧକତାରେ କାର୍ଯ୍ୟକାରୀ କରୁଛି। ତେଣୁ ଏହି ବିରୋଧ ଓ ଅସନ୍ତୋଷ ପୁଣି ଏକ ଆତଙ୍କବାଦୀ ଆକ୍ରମଣ, ହିଂସା ଓ ଯୁଦ୍ଧକୁ ଜନ୍ମ ଦେବା ଅସମ୍ଭବ ନୁହେଁ।

ଇସ୍ରାଏଲ୍-ପାଲେଷ୍ଟାଇନ ବିବାଦର ମୂଳ ସମସ୍ୟାର ସମାଧାନ ନ ହେବା ଯାଏଁ ମଧ୍ୟପ୍ରାଚ୍ୟରେ ଶାନ୍ତି ଓ ସ୍ଥିରତା କେବଳ ଏକ ସ୍ୱପ୍ନ ମାତ୍ର। କେବଳ ଯୁଦ୍ଧବନ୍ଦୀ ପ୍ରତ୍ୟର୍ପଣ ଓ ଅସ୍ତ୍ରବିରତି ଭଳି ତାଳିପକା ପ୍ରୟାସରେ ଏହି ମହତ୍ ଲକ୍ଷ୍ୟ ପୂରଣ ହୋଇପାରିବ ନାହିଁ। ଚତୁର ଆମେରିକା ଓ ବାଚାଳ ଟ୍ରମ୍ପ ଏହା ବୁଝି ମଧ୍ୟ ଅବୁଝା ରହିବାର ଛଳନା କରୁଛନ୍ତି। ବେଲୁନ୍ର ଗୋଟିଏ ସ୍ଥାନରେ ଚାପ ପଡ଼ିଲେ ଅନ୍ୟ ପଟ ଫୁଲି ଉଠିବା ଭଳି ଗାଜା ଶାନ୍ତ ହେଲେ ମଧ୍ୟ ଅଶାନ୍ତି, ଆତଙ୍କ ଓ ହିଂସା ଅନ୍ୟ ସ୍ଥାନରେ ମୁଣ୍ଡ ଟେକିପାରେ। ●

# ଗଣତନ୍ତ୍ରର ଅପ୍ରତିହତ ସ୍ୱର: ମ୍ୟାଁମାର୍‌ରୁ ଭେନ୍‌ଜୁଏଲା

**ମନୋରଂଜନ ମହାନ୍ତି**

ବିଶ୍ୱ-ଇତିହାସରେ ଦୁଇଟି ସ୍ୱର୍ଣ୍ଣିମ ଅଧ୍ୟାୟ। ମଣିଷର ଗଣତାନ୍ତ୍ରିକ ଅଧିକାର ପାଇଁ ସାମରିକ ଶାସନ ବିରୋଧରେ ସଂଗ୍ରାମ କରି ମ୍ୟାଁମାର୍‌ର ଅଙ୍ଗ୍ ସାନ୍ ସୁକୀ ପାଇଥିଲେ ନୋବେଲ ଶାନ୍ତି ପୁରସ୍କାର ୧୯୯୧ ମସିହାରେ। ତିନି ଦଶନ୍ଧିରୁ ଉର୍ଦ୍ଧ୍ୱ କାଳ ପରେ ୨୦୨୫ ମସିହାର ନୋବେଲ୍ ଶାନ୍ତି ପୁରସ୍କାର ପାଇଁ ମନୋନୀତ ହୋଇଛନ୍ତି ଭେନ୍‌ଜୁଏଲାର ବିପ୍ଳବିଣୀ ଲୌହମାନବୀ ରୂପେ ପରିଚିତା ମ୍ୟାରିଆ କୋରିନା ମାଚାଡ଼ୋ। ସେଠାରେ ଏକଛତ୍ରବାଦୀ ଶାସନର ବିଲୋପ କରି ଜନସାଧାରଣଙ୍କ ଗଣତାନ୍ତ୍ରିକ ଅଧିକାର ପାଇଁ ଦୀର୍ଘ ଏକ ଦଶନ୍ଧି ଧରି ଚାଲିଥିବା ଆନ୍ଦୋଳନର ନେତୃତ୍ୱ ସେ ନେଉଛନ୍ତି। ଭେନ୍‌ଜୁଏଲା ଦକ୍ଷିଣ-ଆମେରିକାର ଏକ ରାଷ୍ଟ୍ର। ତା' ସୀମାକୁ ଲାଗିଛି କ୍ୟାରିବୀୟ ସାଗର ଓ ଉତ୍ତରଆଟ୍‌ଲାଣ୍ଟିକ୍ ମହାସାଗର। ତା'ର କ୍ଷେତ୍ରଫଳ ୯, ୧୬, ୪୪୫ ବର୍ଗ କି.ମି.। ଜନସଂଖ୍ୟା ମାତ୍ର ୩୦.୫ନିୟୁତ। ଅଥଚ ଦେଶଟି ସଂପ୍ରତି ଘୋର ସଂକଟ ମଧ୍ୟରେ ଗତି କରୁଛି।

ହ୍ୟୁଗୋ ଚାଭେଜ୍ ରାଷ୍ଟ୍ରପତି ଥିଲାବେଳେ ସାମାଜିକ, ଅର୍ଥନୈତିକ, ରାଜନୈତିକ ସଂକଟ ଆରମ୍ଭ ହୋଇ ଏବର ରାଷ୍ଟ୍ରପତି ନିକୋଲାସ୍ ମାଦୁରୋ ଓ ଉପରାଷ୍ଟ୍ରପତି ଡେଲ୍‌ସି ରୋଡ୍‌ରିଗେଜ୍‌ଙ୍କ ଶାସନ ସମୟରେ ବହୁଗୁଣିତ ହୋଇଛି। ମୁଦ୍ରାସ୍ଫୀତି, ଅନାହାର, ରୋଗ, ଅପରାଧ, ମୃତ୍ୟୁହାର ବୃଦ୍ଧି, ଦେଶାନ୍ତର ଗମନ ଦୃଷ୍ଟିରୁ ଭେନ୍‌ଜୁଏଲା ହେଉଛି ଲାଟିନ୍-ଆମେରିକା ଓ କ୍ୟାରିବୀୟ ଅଞ୍ଚଳରେ ଦ୍ୱିତୀୟ ଦରିଦ୍ର ରାଷ୍ଟ୍ର। ସେଠି ପ୍ରଚୁର ତୈଳସମ୍ପଦ ଭରିରହିଛି। 'ପେଟ୍ରୋଲିଅସ୍ ଡି ଭେନ୍‌ଜୁଏଲା ଏସ୍.ଏ' ନାମକ ରାଷ୍ଟ୍ରାୟତ୍ତ ତୈଳ ଓ ପ୍ରାକୃତିକ ବାଷ୍ପ କମ୍ପାନୀ ତା'ର ପରିଚାଳନା ଦାୟିତ୍ୱରେ ଅଛି। କିନ୍ତୁ ସରକାରୀ କୁ-ପରିଚାଳନା ହେତୁ ତୈଳ ଉତ୍ପାଦନ ହ୍ରାସ ପାଉଛି। ଏଣେ ତୈଳ ରପ୍ତାନି ଉପରେ ନିର୍ଭରଶୀଳତା ମାତ୍ରାଧିକ ହେଉଛି। ତୈଳ ମୂଲ୍ୟ ହ୍ରାସ ପାଉଛି। ସର୍ବବୃହତ୍ ତୈଳସମ୍ପଦ ଥାଇ ମଧ୍ୟ ଦେଶବାସୀ ଦରିଦ୍ର।

ରାଜନୈତିକ ଅସ୍ଥିରତା ସାଙ୍ଗକୁ ଭ୍ରଷ୍ଟାଚାର, ଦୁର୍ବଳ ନେତୃତ୍ୱ, ଅମଲାତନ୍ତ୍ରର ଅଧିନାୟକବାଦୀ ଶୈଳୀ ଜନସାଧାରଣଙ୍କ ଦୁର୍ଦ୍ଦଶା ପାଇଁ ପୂର୍ଣ୍ଣତଃ ଦାୟୀ। ବ୍ୟକ୍ତି-ସ୍ୱାଧୀନତା ଓ ନିରାପତ୍ତାର ଘୋର ଅଭାବ। ଖାଦ୍ୟାଭାବ, ପାନୀୟଜଳ ସଂକଟ, ସ୍ୱାସ୍ଥ୍ୟ ସୁବିଧାର ଅଭାବ ହେତୁ ୫ନିୟୁତ ଲୋକ ଦେଶାନ୍ତର ହେଲେଣି। ବେଆଇନ୍ ଭାବରେ ଆମେରିକାରେ ରହୁଥିବା ଭେନ୍‌ଜୁଏଲା-ଅଧିବାସୀଙ୍କ ସଂଖ୍ୟା ୨୦୦୭ରେ ଥିଲା ୫୫, ୦୦୦, ୨୦୨୧ରେ ୧, ୯୫, ୦୦୦, ୨୦୨୩ରେ ୬, ୫୦, ୦୦୦, ୨୦୨୫ରେ ୭ଲକ୍ଷ। କୃଷି ଓ ଉତ୍ପାଦନ କ୍ଷେତ୍ର ସମ୍ପୂର୍ଣ୍ଣ ଅବହେଳିତ। ପରିସଂଖ୍ୟାନ ଅନୁଯାୟୀ ୩୦ନିୟୁତ ଜନସଂଖ୍ୟାବିଶିଷ୍ଟ ଭେନ୍‌ଜୁଏଲାରେ ପ୍ରାୟ ଏକ-ତୃତୀୟାଂଶ ଅର୍ଥାତ୍ ୯.୩ ନିୟୁତ ଲୋକ ଖାଦ୍ୟାଭାବରେ ପୀଡ଼ିତ। ଚିକନ୍‌ଗୁନିଆ, ଡେଙ୍ଗୁ, ହେପାଟାଇଟିସ୍-ଏ, ହେପାଟାଇଟିସ୍-ବି, ମ୍ୟାଲେରିଆ, ମିଳିମିଳା ରୋଗୀଙ୍କ ସଂଖ୍ୟା ବଢ଼ିବଢ଼ି ଚାଲିଛି। ଅଥଚ ଆବଶ୍ୟକ ଔଷଧର ଉତ୍କଟ ଅଭାବ। ବେକାରୀ, ବେରୋଜଗାରୀ ବଢୁଥିବାରୁ ଅପରାଧ ବୃଦ୍ଧି ପାଉଛି। ଏକଛତ୍ରବାଦୀ ଶାସକଙ୍କ ସ୍ୱେଚ୍ଛାଚାର ହେତୁ ମାନବାଧିକାର ଉଲ୍ଲଙ୍ଘନ ହେଉଛି। ଫଳତଃ ନାଗରିକ ଅସନ୍ତୋଷ ବୃଦ୍ଧି ପାଉଛି। ଭେନ୍‌ଜୁଏଲାକୁ ଯାଉଥିବା ଲୋକଙ୍କୁ ବେଆଇନ୍ ଅଟକ ରଖାଯାଉଛି, ଯନ୍ତ୍ରଣା ଦିଆଯାଉଛି। ଆତଙ୍କବାଦ ଓ ଅପହରଣ ଭଳି ମାମଲାରେ ଜଡ଼ିତ କରାଇ ସ୍ଥାନୀୟ ଆଇନ୍‌ର ମନମୁଖି ପ୍ରୟୋଗ କରାଯାଉଛି।

ସ୍ୱଳ୍ପ ଜନସଂଖ୍ୟା ବିଶିଷ୍ଟ ଗୋଟେ କ୍ଷୁଦ୍ର ରାଷ୍ଟ୍ରର ଏପରି ଦୁଃସ୍ଥିତି କାଳରେ ରାଷ୍ଟ୍ରନାୟକଙ୍କ ଏକଛତ୍ରବାଦ ବିରୋଧରେ ବଜ୍ର ସ୍ୱର ଜାଗ୍ରତ କରି ସାଧାରଣ ଜନତାଙ୍କ ଗଣତାନ୍ତ୍ରିକ ଅଧିକାର ପାଇଁ ଜନ-ଆନ୍ଦୋଳନ ଜରିଆରେ ନିରବଚ୍ଛିନ୍ନ ପ୍ରୟାସ କରୁଥିବା ମ୍ୟାରିଆ କୋରିନା ମାଚାଡ଼ୋ ଚଳିତ ବର୍ଷର ନୋବେଲ୍ ଶାନ୍ତି ପୁରସ୍କାର ବିଜୟିନୀ। ମ୍ୟାରିଆ ଜଣେ ଇଣ୍ଡଷ୍ଟ୍ରିଆଲ୍ ବା ଔଦ୍ୟୋଗିକ ଇଂଜିନିୟର୍ ଓ ବିତ୍ତକ୍ଷେତ୍ର (ଫାଇନାନ୍ସ) ରେ ସ୍ନାତକୋତ୍ତର ଉପାଧିପ୍ରାପ୍ତ। 'ସୁମେଟ୍' ସଂଗଠନର ପ୍ରତିଷ୍ଠାତ୍ରୀ ଭାବରେ ନିଜର ରାଜନୈତିକ ଜୀବନ ସେ ଆରମ୍ଭ କରିଥିଲେ। ସେଥିସହିତ 'ଭେଣ୍ଟେ ଭେନ୍‌ଜୁଏଲା' ନାମକ ରାଜନୈତିକ ଦଳର ଜାତୀୟ ସଂଯୋଜିକା ଅଛନ୍ତି। ୨୦୧୪ରୁ ଏପର୍ଯ୍ୟନ୍ତ ରାଷ୍ଟ୍ରପତି ନିକୋଲାସ୍ ମାଦୁରୋଙ୍କ ସରକାର ବିରୋଧରେ ଏକ ଶକ୍ତିଶାଳୀ ସାମାଜିକ ଆନ୍ଦୋଳନର ନେତୃତ୍ୱ ନେଉଛନ୍ତି ମ୍ୟାରିଆ। ୨୦୨୪ରୁ ଗୋପନବାସରେ ଅଛନ୍ତି। ଏକ ଦଶନ୍ଧି ବ୍ୟାପୀ ତାଙ୍କର ସଂଗ୍ରାମକୁ ସ୍ୱୀକୃତି ଜଣାଇ ନୋବେଲ୍ କମିଟି ତାଙ୍କୁ ପ୍ରଦାନ କରିଛି ଅନ୍ତଃରାଷ୍ଟ୍ରୀୟ ସ୍ତରରେ ସର୍ବଶ୍ରେଷ୍ଠ ଶାନ୍ତି ପୁରସ୍କାର।

ଗଣତାନ୍ତ୍ରିକ ଅଧିକାର ପାଇଁ ମ୍ୟାରିଆଙ୍କ ସଂଗ୍ରାମ ଆମକୁ ମନେପକାଇ ଦେଉଛି ଆଜିକୁ ପ୍ରାୟ ଚାରି ଦଶନ୍ଧି ତଳେ ବର୍ମା (ଆଧୁନିକ ମ୍ୟାଁମାର୍)ରେ ସାମରିକ ଶାସନକର୍ତ୍ତା ଜେନେରାଲ୍ ନି ୱିନ୍‌ଙ୍କ ବିରୋଧରେ ଜନଆନ୍ଦୋଳନକୁ କିଭଳି ତୀବ୍ରତର କରିଥିଲେ ବିପ୍ଳବିଣୀ ଅଙ୍ଗ୍‌ସାନ୍ ସୁକୀ। ଜେନେରାଲ ନି ୱିନ୍‌ଙ୍କ ସାମରିକ ଶାସନରେ ବର୍ମାର ଅଧିବାସୀମାନେ ଅତ୍ୟନ୍ତ ଅତିଷ୍ଠ ଓ ଅସ୍ଥିର ହୋଇପଡ଼ିଥିଲେ। ୧୯୮୮ ମସିହାରେ ସୁକୀ ରେଙ୍ଗୁନ୍‌ରେ ପହଞ୍ଚି ବର୍ମାବାସୀଙ୍କ ଦୁରବସ୍ଥାକୁ ହୃଦୟଙ୍ଗମ କଲେ। ସୁକୀ ଲକ୍ଷ୍ୟ କଲେ ଛାତ୍ରମାନେ ନି ୱିନ୍‌ଙ୍କ ବିରୋଧରେ ଆନ୍ଦୋଳନ କରୁଛନ୍ତି। ସୁତରାଂ ସେ ନିଜକୁ ସେହି ଆନ୍ଦୋଳନରେ ସାମିଲ କରାଇଲେ।

ସାରା ଦେଶରେ ସାମରିକ ଶାସନ ବିରୋଧରେ ପ୍ରତିବାଦର ସ୍ୱର ଜାଗି ଉଠିଲା। ୧୯୮୮ ଜୁଲାଇ ୨୩ ତାରିଖରେ ନି ୱିନ୍ 'ବର୍ମିଜ୍ ସୋସିଆଲିଷ୍ଟ ପ୍ରୋଗ୍ରାମ୍ ପାର୍ଟି'ର ନେତୃତ୍ୱରୁ ଓହରିଯିବାକୁ ସ୍ଥିରକଲେ। ୧୯୮୮ ଅଗଷ୍ଟ ୧୫ ତାରିଖରେ ସୁକୀ ନିଜର ଏକ ଲେଖା ସାମରିକ ଶାସନକର୍ତ୍ତାଙ୍କୁ ଦେଲେ। ସେହି ଲେଖାର ଶୀର୍ଷକ ଥିଲା - 'ଦି ଫର୍‌ମେସନ୍ ଅଫ୍ ଏ ପିପୁଲ୍‌ସ୍ କନ୍‌ସଲ୍‌ଟେଟିଭ୍ କମିଟି'। ଶାନ୍ତିପୂର୍ଣ୍ଣ ଓ ନିରସ୍ତ୍ର ଆନ୍ଦୋଳନକାରୀମାନଙ୍କ ବିରୋଧରେ ଦମନମୂଳକ ପନ୍ଥା ଗ୍ରହଣ ନକରିବା ପାଇଁ ଏବଂ ସମସ୍ତ ରାଜନୈତିକ ବନ୍ଦୀଙ୍କୁ ଖଲାସ କରିଦେବା ପାଇଁ ଉକ୍ତ ଲେଖାରେ ସୁକୀ ସାମରିକ ଶାସନକର୍ତ୍ତାଙ୍କୁ ନିବେଦନ କରିଥିଲେ। ଏହି ଲେଖାରେ ମଧ୍ୟ ବର୍ମାର କେତେକ ବିଶିଷ୍ଟ ନାଗରିକ ସ୍ୱାକ୍ଷର କରିଥିଲେ।

ସମଗ୍ର ଦେଶରେ ଶାନ୍ତିପୂର୍ଣ୍ଣ ଓ ଅହିଂସ ଆନ୍ଦୋଳନ ଏକ ବିରାଟ ଆକାର ଧାରଣ କରିବାରୁ ଜେନେରାଲ ନି ୱିନ୍ କ୍ଷମତାରୁ ଓହରିଗଲେ। ୧୯୮୮ ସେପ୍ଟେମ୍ବର ୧୮ ତାରିଖରେ ଜେନେରାଲ ସ'-ମାଉଙ୍ଗ୍ ସାମରିକ ଶାସନକର୍ତ୍ତା ହେଲେ। ସେତିକିବେଳେ ସୁକୀ ଏକ ଦଳ ଗଢ଼ିଲେ ଯାହାର ନାମ ହେଲା 'ନେସ୍‌ନାଲ୍ ଲିଗ୍ ଫର୍ ଡେମୋକ୍ରେସି'। ୧୯୮୮ ଅଗଷ୍ଟ ୧୫ତାରିଖରୁ ୧୯୮୯ ଜୁଲାଇ ୨୦ ତାରିଖ ପର୍ଯ୍ୟନ୍ତ ସୁକୀ ନିରବଚ୍ଛିନ୍ନ ଭାବରେ ସଂଗ୍ରାମ କଲେ ସାମରିକ ଏକଛତ୍ରବାଦ ବିରୋଧରେ। ସୁକୀଙ୍କର ଜନପ୍ରିୟତା ସମଗ୍ର ଦେଶରେ କ୍ରମଶଃ ବୃଦ୍ଧି ପାଇବାକୁ ଲାଗିଲା। ୧୯୯୦ ମେ ୨୭ ତାରିଖରେ ବର୍ମା (ଆଧୁନିକ ମ୍ୟାଁମାର୍)ରେ ସାଧାରଣ ନିର୍ବାଚନ ଅନୁଷ୍ଠିତ ହେଲା। ସେଥିରେ ୪୮୫ଟି ଆସନ ମଧ୍ୟରୁ ସୁକୀଙ୍କ 'ନେସ୍‌ନାଲ୍ ଲିଗ୍ ଫର୍ ଡେମୋକ୍ରେସି' ଦଳ ୩୯୨ଟି ଆସନରେ ବିଜୟ ହାସଲ କଲେ। ସମୁଦାୟ ୧୩ ନିୟୁତ ଭୋଟ ମଧ୍ୟରୁ ସୁକୀଙ୍କ ଦଳ ଶତକଡ଼ା ୭୨ ଭାଗ ଭୋଟ୍ ପାଇ ନିରଙ୍କୁଶ ସଂଖ୍ୟାଗରିଷ୍ଠତା ହାସଲ କଲେ। ନିର୍ବାଚନ ପୂର୍ବରୁ ମାସ ମାସ ଧରି ସୁକୀ ୧୦୦୦ରୁ ଉର୍ଦ୍ଧ୍ୱ ସଭାରେ ଉଦ୍‌ବୋଧନ ଦେଇଥିଲେ।

ନିର୍ବାଚନରେ ସୁକୀଙ୍କ 'ଗଣତନ୍ତ୍ର-ଦଳ'ର ବିପୁଳ ବିଜୟ ଦେଖି ସାମରିକ ଶାସକମାନେ କ୍ରୋଧାନ୍ୱିତ ଓ ଈର୍ଷାପରାୟଣ ହୋଇଉଠିଲେ। ଗଣତନ୍ତ୍ର ସପକ୍ଷରେ ମ୍ୟାଁମାର୍‌ର ଅଧିବାସୀଙ୍କ ରାୟକୁ ସାମରିକ ଶାସକମାନେ ଅସ୍ୱୀକାର ଓ ଅସମ୍ମାନ କଲେ। ୧୯୯୦ ଅକ୍ଟୋବର ମାସରୁ ୧୯୯୨ ଜାନୁଆରୀ ମଧ୍ୟରେ ସୁକୀଙ୍କ 'ନେସ୍‌ନାଲ୍ ଲିଗ୍ ଫର୍ ଡେମୋକ୍ରେସି' ଦଳର ପାର୍ଲାମେଣ୍ଟ୍ ସଭ୍ୟମାନଙ୍କର ବିଚାର ହୋଇ ପ୍ରତ୍ୟେକଙ୍କୁ ୧୦ରୁ ୨୫ବର୍ଷ ପର୍ଯ୍ୟନ୍ତ କାରାଦଣ୍ଡରେ ଦଣ୍ଡିତ କରାଗଲା। ବନ୍ଦୀଶାଳାରେ ରାଜନୈତିକ ବନ୍ଦୀମାନଙ୍କ ପ୍ରତି ଅକଥନୀୟ ଅତ୍ୟାଚାର କରାଗଲା। ୧୯୯୧ ଜୁଲାଇ ୨୦ତାରିଖରୁ ସୁକୀଙ୍କୁ ଗୃହବନ୍ଦୀ କରି ରଖାଗଲା।

ମ୍ୟାଁମାର୍‌ରେ ଗଣତନ୍ତ୍ର ଶାସନ ପ୍ରତିଷ୍ଠା କରିବା ଉଦ୍ଦେଶ୍ୟରେ ସୁକୀ ଯେପରି ନିରବଚ୍ଛିନ୍ନ ସଂଗ୍ରାମ ଓ ସାଧନା କରି ଆସିଥିଲେ, ଯେପରି ଚରମ ତ୍ୟାଗ ସ୍ୱୀକାର କରିଥିଲେ, ଇତିହାସରେ ତାହା ଅତୁଳନୀୟ। ୧୯୯୧ର ନୋବେଲ୍ ଶାନ୍ତି ପୁରସ୍କାର ତାଙ୍କୁ ପ୍ରଦାନ କରାଯାଇଥିଲା। ମଣିଷର ଗଣତାନ୍ତ୍ରିକ ଅଧିକାର ପାଇଁ ସାମରିକ ଓ ଏକଛତ୍ରବାଦୀ ଶାସନ ବିରୋଧରେ ସାହସିକ ସଂଗ୍ରାମ କରିଥିବା ଏହି ଦୁଇଜଣ ବିପ୍ଳବିଣୀ ନାରୀ ବିଶ୍ୱ ଇତିହାସରେ ଚିର ସ୍ମରଣୀୟ ହୋଇ ରହିବେ। ଏକଛତ୍ରବାଦ ବିରୋଧରେ ଅବଳା ରୂପେ ବିଦିତ ନାରୀମାନଙ୍କର ଉପରୋକ୍ତ ଯୁଗାନ୍ତକାରୀ ସଂଗ୍ରାମକୁ ନୋବେଲ୍ ସ୍ୱୀକୃତି ନାରୀ ସଶକ୍ତୀକରଣର ଦୃଢ଼ ବାର୍ତ୍ତା, ସର୍ବୋପରି ପୁରୁଷପ୍ରାଧାନ୍ୟ ସମାଜକୁ ଏକ ଭିନ୍ନ ସଂକେତ ଦେଉଛି। ●

(ଅବସରପ୍ରାପ୍ତ ପ୍ରାଧ୍ୟାପକ)
ଧର୍ମଶାଳା(ଯାଜପୁର),
ମୋ: ୯୮୫୩୨୮୨୯୬୨

# ଜ୍ଞାନର ଅହଙ୍କାର ଓ ଅହଙ୍କାରର ଜ୍ଞାନ

**ଶ୍ରୀବସ୍ତ ନାୟକ**

ଏମିତି ଏକ ସମୟ ଆସିବ ଯେଉଁ ସମୟରେ ତୁମ ପାଖରେ ଚପଲ ଥିବ, କିନ୍ତୁ ପାଦରେ ବଳ ନଥିବ। ହାତ ଥିବ, କିନ୍ତୁ ଯୋଡ଼ିବାକୁ ଶକ୍ତି ନଥିବ। ସମସ୍ତେ ଥାଇ ବି ପାଖରେ କେହି ନଥିବେ। ସମୟ ଆସିବ ଯୌବନରେ ବାର୍ଦ୍ଧକ୍ୟର ଛାଇ ଖେଳିଯିବ, ସ୍ୱପ୍ନ ଦେଖୁଥିବ ହେଲେ ରାତି ନଥିବ। ସମୟ ଆସିବ ତୁମକୁ ବି କେହି ଉପହାସ କରିବେ। ତୁମେ ବି କାହା ନିର୍ଦ୍ଦେଶକୁ ଅପେକ୍ଷା କରିବ। ନିରସ୍ତ୍ର ସୈନିକ ଭଳି ମୂକ ପାଲଟିଯିବ। ବିରହ ବିଚ୍ଛେଦର ଯନ୍ତ୍ରଣା ଭୋଗିବାକୁ ପଡ଼ିବ, ସମସ୍ତ କୁକର୍ମର ପଶ୍ଚାତାପ କରିବାକୁ ପଡ଼ିବ। ତେଣୁ ଏତେ ଗର୍ବ ଅହଙ୍କାର କାହିଁକି? ସମୟ ଆସିବ ସବୁ ଅହଙ୍କାର ଚୂରମାର ହୋଇଯିବ।

ମଣିଷ ମନର ଅହଂ ଭାବନାରେ ଆତ୍ମଗର୍ବ ଅତିଶୟ। ଏ ମଣିଷ ଅହଂ ଭାବନାରେ ବୁଡ଼ି ନିଜକୁ ମଣେ ମହାନ। ନମ୍ରତା ଭାବନା ପ୍ରତି ବୀତସ୍ପୃହ ହୋଇ ଆତ୍ମଗର୍ବେ ବଳୀୟାନ ହୁଏ। ଅଜ୍ଞାନ ଅନ୍ଧକାର ରହିତ ମଣିଷ ଅହଙ୍କାର କରିବା ସ୍ୱାଭାବିକ। କିନ୍ତୁ ଯେତେବେଳେ ଜ୍ଞାନୀ ଲୋକମାନେ ନିଜ ଜ୍ଞାନକୁ ନେଇ ଗର୍ବ ଓ ଅହଙ୍କାର କରିଥା'ନ୍ତି, ସେତେବେଳେ ସମାଜ ବିନାଶ ଆଡ଼କୁ ଗତି କରିଥାଏ। କିଏ ନିଜର ଧନକୁ ନେଇ ଗର୍ବ କରେ ତ କିଏ ପୁଣି ନିଜର ସୌନ୍ଦର୍ଯ୍ୟକୁ ନେଇ ଗର୍ବ କରେ। କିଏ ଜ୍ଞାନକୁ ନେଇ ଗର୍ବ କରେ ତ କିଏ ପୁଣି ନିଜର ଦାନ ଓ ଭକ୍ତିକୁ ନେଇ ଗର୍ବ କରେ। ଅଧୁନା ସମାଜରେ ଅହଙ୍କାରୀ ଜ୍ଞାନୀମାନଙ୍କର ଅଭାବ ନାହିଁ। ଏହି ଅହଙ୍କାରୀ ଜ୍ଞାନୀମାନେ ନିଜର ଜ୍ଞାନର ଦ୍ୱାହି ଦେଇ ବିକାଶ ଆଳରେ ସମାଜକୁ ବିନାଶ ଆଡ଼କୁ ନେଇଯାଉଛନ୍ତି।

ଲଙ୍କାପତି ରାବଣ ବେଦ, ଶାସ୍ତ୍ର ଓ ସଙ୍ଗୀତରେ ବେଶ୍ ପାରଙ୍ଗମ ଥିଲେ। ସେ ଶିବଭକ୍ତ ମଧ୍ୟ ଥିଲେ। ତାଙ୍କର ତପସ୍ୟାରେ ସ୍ୱୟଂ ଶିବଙ୍କୁ ସନ୍ତୁଷ୍ଟ କରିଥିଲେ। ସେ ବ୍ରହ୍ମଜ୍ଞାନୀ ଥିଲେ, କିନ୍ତୁ ସେଇ ଜ୍ଞାନକୁ ସେ ବିନମ୍ରତାରେ ବ୍ୟବହାର କରି ନ ଥିଲେ। ସୀତାଙ୍କୁ ହରଣ କରିବା, ନିଜକୁ ସବୁଠାରୁ ଶ୍ରେଷ୍ଠ ଭାବିବା ସେଇ ଅହଙ୍କାରର ପରିଣାମ ସ୍ୱରୂପ ତାଙ୍କର ସ୍ୱର୍ଣ୍ଣ ଲଙ୍କା ଧ୍ୱଂସ ହେଲା। ଜ୍ଞାନ ସହିତ ବିନମ୍ରତା ନଥିଲେ ସେଇ ଜ୍ଞାନ ବିନାଶକାରୀ ସଦୃଶ। ଦୁର୍ବାସା ଋଷି ବଡ଼ ଜ୍ଞାନୀ ଓ ତପସ୍ୱୀ ଥିଲେ। କିନ୍ତୁ କ୍ରୋଧ ଓ ଅହଙ୍କାରବଶତଃ ତାଙ୍କର ଶାପରେ ଅନେକ ରାଜ୍ୟ, ଅନେକ ପରିବାର ଦୁର୍ଭୋଗରେ ପଡ଼ିଥିଲା। ରାଜା ବଳୀଙ୍କ ଦାନ ଦେବାର ଅହଙ୍କାର ଓ ଆତ୍ମବଡ଼ିମା ଯୋଗୁଁ ପାତାଳ ପୁରକୁ ଗଲେ। ଅହଙ୍କାର ପାଇଁ ମହର୍ଷି ନାରଦ ମଧ୍ୟ ଶ୍ରେଷ୍ଠ ଭକ୍ତ ହେବାର ଯୋଗ୍ୟତା ହରେଇଛନ୍ତି। ଯେତେବେଳେ ଜ୍ଞାନ କ୍ରୋଧ ସହିତ ମିଶେ ସେଥିରୁ କେବଳ ଦୁଃଖ ଜନ୍ମେ। ମହାଭାରତର ଦୁର୍ଯ୍ୟୋଧନ ଯୁଦ୍ଧଶାସ୍ତ୍ର, ରାଜନୀତି ଓ କୌଶଳରେ ଥିଲେ ଅପାର ଜ୍ଞାନୀ। ସେ ଶିକ୍ଷା ଓ ଶକ୍ତିରେ ସମ୍ପନ୍ନ ଥିଲେ ମଧ୍ୟ ଅହଙ୍କାରରେ ପାଣ୍ଡବମାନଙ୍କୁ ଦ୍ୱେଷ କରି ତାଙ୍କ ସମସ୍ତ ଜ୍ଞାନକୁ ଅନ୍ୟାୟରେ ବ୍ୟୟ କଲେ। ଶେଷରେ କୁରୁକ୍ଷେତ୍ରରେ ତାଙ୍କର ପରାଜୟ ହେଲା। ଜ୍ଞାନ ଯଦି ସତ୍ୟରେ ନ ଥାଏ, ସେଥିରୁ ଅବଶ୍ୟ ବିନାଶ ଆସେ।

ହିଟଲର୍ ଅସାଧାରଣ ରାଜନୀତିକ ଜ୍ଞାନ, ସମ୍ବୋଧନ କରିବାର କଳା ଓ ସେନାନୀତିରେ ନିପୁଣ ଥିଲେ। ସେହି ଜ୍ଞାନକୁ ଯଦି ସେ ମାନବସେବାରେ ବ୍ୟବହାର କରିଥା'ନ୍ତେ, ସମଗ୍ର ବିଶ୍ୱ ଉନ୍ନତିର ପଥରେ ଯାଇପାରିଥା'ନ୍ତା। କିନ୍ତୁ ସେ ଅହଙ୍କାର, ହିଂସା ଓ ଅନ୍ୟଜାତି ପ୍ରତି ଦ୍ୱେଷରେ ସେଇ ଜ୍ଞାନକୁ ବ୍ୟବହାର କଲେ। ପରିଣାମ ସ୍ୱରୂପ ବିଶ୍ୱ ଦେଖିଲା ଦ୍ୱିତୀୟ ବିଶ୍ୱଯୁଦ୍ଧ। ଏଠାରେ ଜ୍ଞାନ ରହିତ ଅହଙ୍କାର ପ୍ରଳୟଙ୍କାରୀ ବିଶ୍ୱବ୍ୟାପୀ ଯୁଦ୍ଧକୁ ନିମନ୍ତ୍ରଣ କରିଥିଲା। ମୋଗଲ୍ ସମ୍ରାଟ୍ ଔରଙ୍ଗଜେବ ରାଜନୀତି, ଶାସନ ଓ ଧର୍ମଶାସ୍ତ୍ରରେ ଜ୍ଞାନୀ ଥିଲେ। କିନ୍ତୁ ସେଇ ଜ୍ଞାନକୁ ସେ ସହିଷ୍ଣୁତାରେ ନୁହେଁ, କଠୋରତାରେ ବ୍ୟବହାର କଲେ। ତାଙ୍କର ଅହଙ୍କାରୀ ନୀତି ସମଗ୍ର ମୋଗଲ ସାମ୍ରାଜ୍ୟକୁ ଦୁର୍ବଳ କରିଦେଲା। ଶାସନରେ ଜ୍ଞାନ ଅହଙ୍କାରରେ ବ୍ୟବହୃତ ହେଲେ, ସାମ୍ରାଜ୍ୟ ଧ୍ୱଂସ ନିଶ୍ଚିତ। ଇତିହାସ ସାକ୍ଷୀ ଅଛି ଯେ ଏହିଭଳି ଅନେକ ଜ୍ଞାନୀମାନଙ୍କର ଅହଙ୍କାର ଯୋଗୁଁ ସେମାନଙ୍କର ପତନ ହୋଇଛି ଏବଂ ସମଗ୍ର ସମାଜ ଧ୍ୱଂସାବିମୁଖୀ ହୋଇଛି।

ଜ୍ଞାନର ଅହଙ୍କାର ମଣିଷକୁ ତଳିତଳାନ୍ତ କରିଦିଏ। କିନ୍ତୁ ଅହଙ୍କାରର ଜ୍ଞାନ ମଣିଷର ଶ୍ରେଷ୍ଠତାକୁ ପ୍ରତିପାଦିତ କରିଥାଏ। ଯେଉଁ ମଣିଷ ପାଖରେ ଅହଙ୍କାର ବିଷୟରେ କିଛି ନା କିଛି ଜ୍ଞାନ ଥିବ ସେମାନେ ହେଲେ ପ୍ରକୃତ ଜ୍ଞାନୀ। ମର୍ଯ୍ୟାଦାପୁରୁଷ ଶ୍ରୀରାମ ଜ୍ଞାନୀ ଥିଲେ, କିନ୍ତୁ ତାଙ୍କର ଜ୍ଞାନ ଥିଲା ଅହଙ୍କାର ବର୍ଜନ ଉପରେ। ଅବତାରୀ ପୁରୁଷ ଶ୍ରୀକୃଷ୍ଣ କେବେ ବି ନିଜକୁ ଭାଗବାନ ବୋଲି ସମ୍ବୋଧିତ କରିନାହାନ୍ତି। ସକ୍ରେଟିସ୍ ନିଜ ମହାନତାର ପ୍ରମାଣ ଦେବାକୁ ଯାଇ କହିଛନ୍ତି ଯେ ମୁଁ ଏତିକି ଜ୍ଞାନ ଆହରଣ କରିଛି ଯେ ମୁଁ କିଛି ଜାଣିନାହିଁ। ଏହା ହିଁ ପ୍ରକୃତ ଜ୍ଞାନ। ଏହି ବିନମ୍ରତାରୁ ସେ ମହାନ୍। ପ୍ରକୃତ ଜ୍ଞାନୀ ସିଏ, ଯିଏ ଜ୍ଞାନକୁ ଅହଙ୍କାରରେ ନୁହେଁ, ସେବାରେ ବ୍ୟବହାର କରେ।

ଜ୍ଞାନ ହେଉଛି ମଣିଷର ସର୍ବୋତ୍କୃଷ୍ଟ ସମ୍ପଦ। ଜ୍ଞାନର ଆଲୋକରେ ମଣିଷ ନିଜେ ସଚେତନ ହୁଏ ଏବଂ ସମାଜକୁ ଆଗକୁ ନେଇଯାଏ। କିନ୍ତୁ କେବେ କେବେ ଏହି ଜ୍ଞାନ ମଣିଷକୁ ବିନମ୍ର କରିବାରୁ ବ୍ୟର୍ଥ ହୋଇ ଅହଙ୍କାରର ସୃଷ୍ଟି କରେ। ଏହି ଜ୍ଞାନର ଅହଙ୍କାର ସମସ୍ତଙ୍କ ପାଇଁ କ୍ଷତିକାରକ। ଜ୍ଞାନର ସତ୍ୟ ସ୍ୱରୂପ ଯଥାର୍ଥ ଜ୍ଞାନ ମଣିଷକୁ ନମ୍ରତା, ସହିଷ୍ଣୁତା ଓ ସେବାଭାବୀ କରିଥାଏ। 'ବିଦ୍ୟା ଦଦାତି ବିନୟମ୍'। ଅର୍ଥାତ୍, ସତ୍ୟ ଜ୍ଞାନ ବିନମ୍ରତାକୁ ଜନ୍ମ ଦେଇଥାଏ। ତେଣୁ ଜ୍ଞାନର ଅହଙ୍କାରକୁ ପରିତ୍ୟାଗ କରି ଅହଙ୍କାର ବିଷୟରେ ଜ୍ଞାନ ଆହରଣ କଲେ ସମାଜର ମଙ୍ଗଳ ସାଧିତ ହେବ। ●

କଟକ, ମୋ: ୯୪୩୮୦୭୦୮୪୯

# ରାଧା ଦାମୋଦର ବ୍ରତ

**ଲୋକକଥାରେ ଲୋକଦେବତା**

**ସ୍ୱପ୍ନେଶ୍ୱର**

ଦ୍ୱାପର ଯୁଗର କଥା। ମାମୁ କଂସର ନିମନ୍ତ୍ରଣ ପାଇ କୃଷ୍ଣବଳରାମ ଅକ୍ରୁରଙ୍କ ସହ ରଥାରୋହଣ କରି ମଥୁରା ଯିବା ପାଇଁ ବାହାରିଲେ। କୃଷ୍ଣ ଥିଲେ ଗୋପୀଗୋପାଳମାନଙ୍କର ପ୍ରାଣର ପ୍ରାଣ। ତେଣୁ ଗୋପୀମାନେ ଏକତ୍ରିତ ହୋଇ କୃଷ୍ଣଙ୍କର ପଥରୋଧ କଲେ। ଶ୍ରୀକୃଷ୍ଣ ସେମାନଙ୍କୁ ରାସ୍ତା ଛାଡ଼ି ଦେବାକୁ ଅନୁରୋଧ କରି କହିଲେ- '...ମନରେ ନ ଭାଳ, ଗୋପୀଗୋପାଳ ଭେଟ ସର୍ବକାଳ।' କିନ୍ତୁ ଗୋପୀମାନେ ଥିଲେ ନଛୋଡ଼ବନ୍ଧା। କେବେ ଓ କେଉଁଠାରେ ଦେଖାହେବ ବୋଲି ସେମାନେ କୃଷ୍ଣଙ୍କ ପାଖରେ ଅଳି କଲେ। ତହୁଁ ଶ୍ରୀକୃଷ୍ଣ କହିଲେ, ... 'ଚଳ ନୀଳଗିରି, ରତ୍ନ ସିଂହାସନେ ଥିବୁ ବିହରି / ସବୁହୁଁ ଅଧିକ ଅତି ପୂଣ୍ୟ ମାସ ଅଟେ କାର୍ତ୍ତିକ / ମୋତେ କାର୍ତ୍ତିକ ମାସରେ ଭେଟିବ, ରାଇ ଦାମୋଦର କରି ପୂଜିବ / ସିନ୍ଧୁକୂଳରେ ରାଇ ଦାମୋଦର, ମୋତେ ପୂଜିବ ଥିବି ମୁଁ ସେଠାର / ମୋର କାର୍ତ୍ତିକେ ଦାମୋଦର ମୂର୍ତ୍ତି. ମୋତେ ପୂଜିବ ଗୋ ଗୋପ ଯୁବତୀ(ଓଡ଼ିଆ ଓଷାବ୍ରତ କଥା)।'

ଶ୍ରୀକୃଷ୍ଣଙ୍କ ଉପଦେଶ ଅନୁସାରେ ନୀଳାଚଳରେ କାର୍ତ୍ତିକ ମାସରେ ରାଧାଦାମୋଦରଙ୍କର ଯୁଗଳ ମୂର୍ତ୍ତିର ଆରାଧନା କରି ରାଧାଦାମୋଦର ବ୍ରତ ପାଳନ କରାଯାଏ। ମହାପ୍ରଭୁ ଜଗନ୍ନାଥ ବ୍ରତଧାରୀମାନଙ୍କର ଆରାଧନା ଶ୍ରଦ୍ଧାର ସହ ଗ୍ରହଣ କରନ୍ତି ବୋଲି ବିଶ୍ୱାସ କରାଯାଏ ଏବଂ ସେ ବିଷୟରେ ଶ୍ରୀକ୍ଷେତ୍ରରେ ଏକ ରୋଚକ ଲୋକକଥା ଶୁଣିବାକୁ ମିଳେ। ପୁରୀର ଶ୍ୱେତଗଙ୍ଗା ନିକଟରେ ବାସୁଦେବ ନାମକ ଜଣେ ବ୍ରାହ୍ମଣ ବାସ କରୁଥିଲେ। ତାଙ୍କ ମାଆ ଶ୍ରୀୟା, ପତ୍ନୀ ରାଧା ଓ ଭଉଣୀ ସୁମେଧାଙ୍କୁ ନେଇ ତାଙ୍କର ଚାରିଜଣର ପରିବାର। ରାଧା ଓ ସୁମେଧା ଥିଲେ ମହାପ୍ରଭୁ ଜଗନ୍ନାଥଙ୍କର ଭକ୍ତ। ସବୁ ବର୍ଷ କାର୍ତ୍ତିକ ମାସରେ ଦୁହେଁ ନିଷ୍ଠାର ସହ ରାଧାଦାମୋଦର ବ୍ରତ ପାଳନ କରୁଥିଲେ। କିନ୍ତୁ ବୁଢ଼ୀ ଶ୍ରୀୟାଙ୍କୁ ଏ ସବୁ ଭଲ ଲାଗୁ ନ ଥିଲା। ସକାଳୁ ସକାଳୁ ଘରର କାମଦାମ ଛାଡ଼ି ଝିଅ ଓ ବୋହୁର ପୂଜା କରି ଯିବାକୁ ଶ୍ରୀୟା ପସନ୍ଦ କରୁ ନଥିଲେ। ଦିନେ ନଣନ୍ଦ ଭାଉଜ ପୂଜା ପାଇଁ ବାହାରିବା ବେଳକୁ ଶ୍ରୀୟା ଭୀଷଣ ଝଗଡ଼ା କଲେ। ରାଧା ଓ ସୁମେଧାଙ୍କ ପୂଜାରେ ବିଳମ୍ବ ଘଟିଲା। ସମୟ ଗଡ଼ି ଯାଉଥିବାରୁ ଦୁହେଁ ମହାପ୍ରଭୁଙ୍କୁ ପ୍ରାର୍ଥନା କଲେ। ମହାପ୍ରଭୁ ଶ୍ରୀଜଗନ୍ନାଥ ତାଙ୍କ କାତର ପ୍ରାର୍ଥନା ଶୁଣିଲେ। ତାଙ୍କ ଆଦେଶରେ ମାତା ସରସ୍ୱତୀ ବୁଢ଼ୀର କଣ୍ଠରେ ବିଜେ ହେଲେ ଏବଂ ପୂଜା ପାଇଁ ଅନୁମତି ଦେଲେ। ନଣନ୍ଦ ଭାଉଜ ଡେରିରେ ସମୁଦ୍ର କୂଳକୁ ଯାଇ ପୂଜା ଆରାଧନା ଆରମ୍ଭ କଲେ। ସେମାନଙ୍କ ଭକ୍ତି ଓ ପୂଜାରେ ନିଷ୍ଠା ଦେଖି ମହାପ୍ରଭୁ ମୁଗ୍ଧ ହେଲେ ଓ ସେଠାରେ ଅନେକ ସମୟ ପର୍ଯ୍ୟନ୍ତ ରହିଗଲେ।

ଏଣେ ଶ୍ରୀମନ୍ଦିରରେ ସକାଳ ଧୂପ ପାଇଁ ଗର୍ଭଗୃହରେ ପ୍ରସାଦ ବଢ଼ା ହେଲା ଏବଂ ଟେରା ପଡ଼ିଲା। ଧୂପ ପରେ ମହାପ୍ରଭୁଙ୍କୁ ଦର୍ଶନ କରିବା ପାଇଁ ଭକ୍ତମାନଙ୍କ ସହିତ ଗଜପତି ମହାରାଜା ମଧ୍ୟ ଅପେକ୍ଷା କରିଥିଲେ। ପ୍ରସାଦ ଅର୍ପଣ ପୂର୍ବରୁ ପଣ୍ଡା ମହାପ୍ରଭୁଙ୍କୁ ଆବାହନ କରି ଚଳୁରେ ଦର୍ଶନ କରନ୍ତି। ତା' ପରେ ଭୋଜନ ପ୍ରସାଦ ସମର୍ପଣ ହେବା ଶ୍ରୀମନ୍ଦିରର ପରମ୍ପରା। କିନ୍ତୁ ସେ ଦିନ ମହାପ୍ରଭୁ ରାଧା ଓ ସୁମେଧାର ପୂଜା ସମୁଦ୍ର କୂଳରେ ଗ୍ରହଣ କରୁଥିବାରୁ ଚଳୁରେ ଦର୍ଶନ ଦେଲେ ନାହିଁ। ଗଜପତି ଭାବିଲେ ଯେ ସେବକମାନେ କିଛି ଅନ୍ୟାଚାର କରି ଥିବାରୁ ଠାକୁର ଚଳୁରେ ଆସୁ ନାହାନ୍ତି। ତେଣୁ ସେ ତତକ୍ଷଣାତ୍ ସଂପୃକ୍ତ ସେବକମାନଙ୍କୁ ବହିଷ୍କାର କରି ଶାସନୀ ବ୍ରାହ୍ମଣମାନଙ୍କୁ ନିଯୁକ୍ତ କଲେ। ସେବକ ପ୍ରିୟ ଜଗନ୍ନାଥ ସତ୍ୟାଗ୍ରହ କଲେ। ସେ ନବନିଯୁକ୍ତ ସେବକମାନଙ୍କର ସେବା ଗ୍ରହଣ କଲେ ନାହିଁ। ତାହା ଦେଖି ଗଜପତି, ସେବକ, ସାଧୁସନ୍ଥ ଓ ଭକ୍ତମାନେ ମଧ୍ୟ ଉପବାସରେ ରହିଲେ। ତୃତୀୟ ଦିନ ରାତିରେ ମହାପ୍ରଭୁ ରାଜାଙ୍କୁ ସ୍ୱପ୍ନରେ କହିଲେ- 'ତିନିଦିନ ହେଲା ମୋ ଉପବାସ, ମୋର ପଣ୍ଡାଙ୍କୁ କରିଅଛୁ ବସ / ତୁ ଯେ ବୋଲିଲୁ ଉଚ୍ଛୁର ହୋଇଲା, ତହିଁ ପଣ୍ଡାଙ୍କର ଦୋଷ ନୋହିଲା / ମୋତେ ଦେଖିଲେ ସିନା ଚଳୁ ଦେବେ, ମୁଁ ତ ସେଠାରେ ନ ଥିଲି ଦଇବେ / ସେଇଠାରେ ମୋର ବଡ଼ ଶରଧା, ଯହିଁ ପୂଜନ୍ତି ଦାମୋଦର ରାଧା।'(ଓଡ଼ିଆ ଓଷାବ୍ରତ କଥା)। ତା' ପରଦିନ ରାଜା ନିଜେ ମନ୍ଦିରକୁ ଯାଇ ପ୍ରଥମେ ମହାପ୍ରଭୁଙ୍କୁ କ୍ଷମା ପ୍ରାର୍ଥନା କଲେ। ତା' ପରେ ପଣ୍ଡାମାନଙ୍କୁ କ୍ଷମା ମାଗି ପୁଣି ସେମାନଙ୍କୁ ସେବାରେ ନିଯୁକ୍ତି ଦେଲେ। ମନ୍ଦିରର ନୀତିକାନ୍ତି ପୂର୍ବବତ୍ ସୁରୁଖୁରୁରେ ଚାଲିଲା। ●

ମୋ: ୯୯୦୦୦୮୩୪୩୩

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ଜୟ ଢ଼ୋଲକିଆ ହେବେ ବିଜେପି ପ୍ରାର୍ଥୀ

# ବୃହତ୍ ବ୍ୟବଧାନରେ ବିଜୟୀ ହେବୁ: ବିଜେଡି

## ପ୍ରତାରକଙ୍କୁ ଉଚିତ୍ ଜବାବ ଦେବେ ନୂଆପଡ଼ାବାସୀ

ଭୁବନେଶ୍ୱର,୧୪।୧୦(ସମିସ): ଚଳିତ ବର୍ଷ ଦଶହରା ପରେ ପରେ ରାଜ୍ୟର ପାଣିପାଗ ନରମ ହେଉଥିବାବେଳେ ନୂଆପଡ଼ା ରାଜନୀତି ଉଷ୍ମ ହେବାରେ ଲାଗିଛି। ପୂର୍ବରୁ କଂଗ୍ରେସ ଘାସିରାମ ମାଝୀଙ୍କୁ ପ୍ରାର୍ଥୀ ଘୋଷଣା କରିଥିବାବେଳେ ବିଜେପି ଜୟ ଢ଼ୋଲକିଆଙ୍କୁ ପ୍ରାର୍ଥୀ କରିବାକୁ ନିଷ୍ପତ୍ତି ନେଇଛି । ଆସନ୍ତା ୧୬ ତାରିଖରେ ଜୟ ଢୋଲକିଆ ବିଜେପି ପ୍ରାର୍ଥୀଭାବେ ନାମାଙ୍କନ ଦାଖଲ କରିବେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ରାଜ୍ୟ ସଭାପତି ମନମୋହନ ସାମଲ,

## ଉଷ୍ମ ହେଉଛି ନୂଆପଡ଼ା ରାଜନୀତି

ଦଳର ମନ୍ତ୍ରୀ, ସାଂସଦ ଓ ବିଧାୟକମାନେ ଉପସ୍ଥିତ ରହିବେ ବୋଲି ବିଜେପି ସାଂସଦ ସୁଜିତ୍ କୁମାର ସୂଚନା ଦେଇଛନ୍ତି ।

ଅନ୍ୟପକ୍ଷରେ ନୂଆପଡ଼ା ଉପନିର୍ବାଚନ ପ୍ରସଙ୍ଗରେ ବିଜେଡିର ବରିଷ୍ଠ ନେତା ତଥା ବିଧାୟକ ଅରୁଣ କୁମାର ସାହୁ ବିଜେପିକୁ ତେରଛା ବାଣ ମାରିବା ସହ ଅକଳ୍ପନୀୟ ବ୍ୟବଧାନରେ ବିଜେଡି ବିଜୟ ହେବ ବୋଲି ଦୃଢ଼ୋକ୍ତି ପୋଷଣ କରିଛନ୍ତି। ସେ କହିଛନ୍ତି ଯେ ଗତକାଲି ଉପନିର୍ବାଚନ ବିଜ୍ଞପ୍ତି ପ୍ରକାଶ ପାଇଛି। ବିଜେଡି ଠିକଣା ସମୟରେ ବଢ଼ିଆ ପ୍ରାର୍ଥୀ ଦେବ, ସେ ନେଇ ସନ୍ଦେହ ପ୍ରକାଶ କରିବାର ଆବଶ୍ୟକତା ନାହିଁ।ନୂଆପଡାରେ ଜିତାପଟ ହାସଲ କରିବା ବିଜେଡିର ଆଭିମୁଖ୍ୟ । ସେହି ଅନୁଯାୟୀ ଦଳ କାର୍ଯ୍ୟ କରୁଛି। ଜଣେ ଚାଲିଗଲା ପରେ ତାଙ୍କ ପରିବାରରୁ ଜଣଙ୍କୁ ପ୍ରାର୍ଥୀ ଦେବା ପରମ୍ପରା ବନ୍ଦ ହେବା ଆବଶ୍ୟକ ବୋଲି ସେ ମତବ୍ୟକ୍ତ କରିଛନ୍ତି।

ଅନୁରୂପ ଭାବରେ ବିଜେଡିର ଅନ୍ୟତମ ବିଧାୟକ ସାରଦା ପ୍ରସନ୍ନ ଜେନା କହିଛନ୍ତି ଯେ ବିଜେଡି ଓ ନବୀନ ପଟ୍ଟନାୟକଙ୍କ ସହ ନୂଆପଡ଼ାବାସୀ ଅଛନ୍ତି। ପ୍ରତାରଣା କରୁଥିବା ଲୋକଙ୍କ ସହ ନୂଆପଡ଼ାବାସୀ ରହିବେ ନାହିଁ ବୋଲି ନିଷ୍ପତ୍ତି ନେଇ ସାରିଛନ୍ତି। ରାଜ୍ୟ ବିଜେପି ସରକାର ରାଜ୍ୟ ସହ ପ୍ରତାରଣା କରୁଥିବା ବେଳେ ଜୟ ଢୋଲକିଆ ନୂଆପଡ଼ାବାସୀଙ୍କ ସହ ପ୍ରତାରଣା କରିଛନ୍ତି। ଉଭୟଙ୍କୁ ଭୋଟର ଠିକଣା ସମୟରେ ଜବାବ୍ ଦେବେ। ନୂଆପଡା ଉପ ନିର୍ବାଚନ ପାଇଁ ବଡ଼ ଷ୍ଟ୍ରାଟେଜି ବିଜେଡି କରିଛି। ବିଜେଡି ଯେଉଁ ଷ୍ଟାଇଲରେ ଲଢ଼ିବ ବିଜେପି ତାହା ପରିକଳ୍ପନା ବି କରି ପାରିବ ନାହିଁ। ପ୍ରାର୍ଥୀ ଚୟନ କୁ ନେଇ ଦଳରେ କୌଣସି ଅଡୁଆ ନାହିଁ। ଠିକ ସମୟରେ ସଭାପତି ପ୍ରାର୍ଥୀଙ୍କ ନାମ ଘୋଷଣା କରିବେ ବୋଲି ସେ କହିଛନ୍ତି।

## ବଡ଼ଧରଣର ନିଶା କାରବାର ରାକେଟ ପର୍ଦ୍ଦାଫାସ

# ୫୧୦୦ ବୋତଲ କଫ୍‌ସିରପ୍ ଜବତ, ୨୦ ଗିରଫ

ସମ୍ବଲପୁର, ୧୪।୧୦(ସମିସ): ସମ୍ବଲପୁର ପୁଲିସ ଆଜି ଏକ ବଡ଼ଧରଣର ନିଶା କାରବାର ରାକେଟ୍‌ର ପର୍ଦ୍ଦାଫାସ କରିଛି। ବରେଇପାଲି ଥାନା ଅଞ୍ଚଳରେ ବେଆଇନ ଭାବେ ଚାଲାଣ ହେଉଥିବା ୫୧୦୦ ବୋତଲ କଫସିରପ୍ ଜବତ କରିବା



ସହ ଏଥିରେ ସମ୍ପୃକ୍ତ ୨୦ ଜଣଙ୍କୁ ଗିରଫ କରିଛି। ସେମାନଙ୍କ ମଧ୍ୟରୁ ପାଞ୍ଚଜଣ ଏହି କାରବାରର ମାଷ୍ଟରମାଇଣ୍ଡ ବୋଲି ଜଣାଯାଇଛି। ଅଭିଯୁକ୍ତମାନେ ହେଲେ, ଲୋକେଶ ପଧାନ ଓରଫ୍ ଆକାଶ (୩୦), ମନୀଷ ସିଂହ (୨୭), ମହିନ୍ଦ୍ର କିସାନ(୨୫), ପ୍ରଭାତ ଭୋଇ ଓରଫ୍ ଟିଟୁ (୨୩), ଅମୋଦ କରାଳି (୩୨), ତ୍ରିନାଥ ବେହେରା ଓରଫ୍ ଟିନୁ (୩୧), ଶେଖ ଫିରୋଜ ଓରଫ୍ ସୋନୁ (୨୯), ପୀତବାସ ସାହୁ (୪୦), ସତ୍ୟମ ନାଗ (୩୩), ଚିଣ୍ଟୁ ସୁନା (୨୫), ସଞ୍ଜୀବ ମେହେର (୨୦), ରବି ଦାସ ଓରଫ ସାହୁ (୨୫) ଓ ସତ୍ୟମ ସ୍ୱାଇଁ (୩୦), ଦୁର୍ଗା ଦୀପ (୪୦), ବସନ୍ତ ଗୁରୁ (୨୭), ସୁଦର୍ଶନ ରାଉତ ଓରଫ୍ ସୋନୁ (୨୩), ହାସାନ ରାଜା (୨୪), ପପି ବିଭାର (୨୫), ଅମନ ଦୀପ (୨୧) ଓ ଅନିଲ ଯାଦବ (୩୨)। ସେମାନଙ୍କଠାରୁ ଗୋଟିଏ କାର, ଗୋଟିଏ ପିକ୍‌ଅପ୍ ଭ୍ୟାନ, ୧୭ଟି ଜରିବ୍ୟାଗ୍‌ରେ ୫୧୦୦ ବୋତଲ ଏସ୍‌କଫ୍ କଫସିରପ୍, ୫ଟି ମୋବାଇଲ ଓ ନଗଦ ୪୦,୯୨୦ ଟଙ୍କା ଜବତ କରାଯାଇଛି। ଜବତ କଫସିରପ୍‌ର ମୂଲ୍ୟ ପାଖାପାଖି ୧୫ ଲକ୍ଷ ଟଙ୍କା ହେବ ବୋଲି ଆକଳନ କରାଯାଉଛି। ଜିଲ୍ଲା ପୁଲିସ କାର୍ଯ୍ୟାଳୟରେ ଆରକ୍ଷୀ ଅଧୀକ୍ଷକ ମୁକେଶ କୁମାର ଭାମୁ ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି। ଏହି ମାମଲାର ତଦନ୍ତ ଜାରି ରହିଛି ଏବଂ ଆଗକୁ ଗିରଫଦାରୀ ସଂଖ୍ୟା ବଢ଼ିବ ବୋଲି ସେ କହିଛନ୍ତି। ବରେଇପାଲି ପୁଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରିଛି।

ଏସ୍‌ପି ଶ୍ରୀ ଭାମୁ କହିଛନ୍ତି, ଅଭିଯୁକ୍ତ ଲୋକେଶ, ମହିନ୍ଦ୍ର, ପ୍ରଭାତ, ଅମୋଦ ଓ ମନୀଷ ଗୋଟିଏ ପିକ୍‌ଅପ୍ ଓ କାର୍‌ରେ କଟକରୁ ଏହି ବେଆଇନ କଫସିରପ୍ ଆଣିଥିଲେ। ଏହି କଫସିରପ୍‌କୁ ସେମାନେ

### କଟକକୁ ଲମ୍ବିଛି ଚେର

ବିଭିନ୍ନ ପଡ଼ାରେ ବେଆଇନ ବିକ୍ରୟକାରୀଙ୍କୁ ଦେଇଥାନ୍ତେ। ପଚରାଉଚରା ସମୟରେ ଲୋକେଶ କହିଛି ଯେ ସେ ସ୍ଥାନୀୟ କଫସିରପ ଚାଲାଣକାରୀମାନଙ୍କଠାରୁ ଟଙ୍କା ସଂଗ୍ରହ କରି ପରଧିଆପାଲିର ଚନ୍ଦ୍ରଶେଖର ନାଏକକୁ ଦେଇଥିଲା। ସେ ୟୁପିଆଇ ଜରିଆରେ କଟକର ଡ୍ରଗ୍ ଯୋଗାଣକାରୀକୁ ଟଙ୍କା ପଠାଇଥିଲା। ଏହି ମାମଲାର ତଦନ୍ତ ଜାରି ରହିଛି। ଫେରାର୍ ଥିବା କିଛି ଅଭିଯୁକ୍ତଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ଏସ୍‌ପି କହିଛନ୍ତି। ମୁଖ୍ୟ ଅଭିଯୁକ୍ତ ୫ ଜଣ ଧରାପଡ଼ିଥିବାବେଳେ ୨ ଜଣ ଫେରାର ଅଛନ୍ତି। ଏହିଭଳି ନିଶା କାରବାରକୁ କିଛି ଲୋକ ଆର୍ଥିକ ସହଯୋଗ ଦେଉଛନ୍ତି, ସେମାନଙ୍କ ପର୍ଦ୍ଦାଫାସ କରାଯିବା ସହ ସେମାନଙ୍କ ସମ୍ପତ୍ତି ବ୍ୟାଜ୍ୟାପ୍ତ କରାଯିବ। ପ୍ରାୟ ସମସ୍ତଙ୍କ ନାମରେ ଅପରାଧିକ ମାମଲା ରହିଛି।

## ପୂର୍ଣ୍ଣଗର୍ଭା ହୀରାକୁଦ

**ଜଳସ୍ତର ୬୩୦ ଫୁଟ୍**

ସମ୍ବଲପୁର, ୧୪।୧୦ (ସମିସ): ପୂର୍ଣ୍ଣଗର୍ଭା ହୀରାକୁଦ। ମଙ୍ଗଳବାର ସନ୍ଧ୍ୟା ୬ଟା ସୁଦ୍ଧା ଜଳଭଣ୍ଡାରର ସର୍ବୋଚ୍ଚ ଜଳଧାରଣ କ୍ଷମତା ୬୩୦ ଫୁଟ୍ ଛୁଇଁଛି। ନଦୀବନ୍ଧର ବାମପାର୍ଶ୍ୱର ୨ଟି ଓ ଡାହାଣ ପାର୍ଶ୍ୱର ଗୋଟିଏ; ଏହିଭଳି ମୋଟ ୩ଟି ସ୍ଲୁଇସ୍ ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ ଜାରି ରହିଛି। ଜଳଭଣ୍ଡାରକୁ ସେକେଣ୍ଡ ପ୍ରତି ୮୧,୭୮୭ ଘନଫୁଟ୍ ଜଳ ପ୍ରବେଶ କରୁଥିବା ବେଳେ ପାୱାର ଚ୍ୟାନେଲ, ଶିଳ୍ପାନୁଷ୍ଠାନ, କେନାଲ ଆଦି ଦେଇ ସମାନ ପରିମାଣର ଜଳ ନିଷ୍କାସିତ ହେଉଛି। ସ୍ପିଲୱେ ଦେଇ ୪୯,୩୨୦ ଘନଫୁଟ୍ ଜଳ ନିଷ୍କାସିତ ହେଉଥିବା ବେଳେ ପାୱାର ଚ୍ୟାନେଲ ଦେଇ ୨୭,୭୦୭ ଘନଫୁଟ, ଶିଳ୍ପାନୁଷ୍ଠାନ ସକାଶେ ୨୩୬ ଘନଫୁଟ, କେନାଲ ପାଇଁ ୪,୫୨୪ ଘନଫୁଟ ଜଳ ନିଷ୍କାସିତ ହେଉଛି। ଗତବର୍ଷ ଆଜିର ଦିନରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୨୮.୫୦ ଫୁଟ୍ ରହିଥିବା ନଦୀବନ୍ଧ ସୂତ୍ରରୁ ପ୍ରକାଶ।


**PUJA OFFER SALE**

Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.

**9437015112**


**ପୂର୍ବ ତଟ ରେଳପଥ**

**ଶୁଦ୍ଧିପତ୍ର ସଂ. - 01**

ଟେଣ୍ଡର ବିଜ୍ଞପ୍ତି ସଂ. ETCECONIBBS2025044
ତା. 25.09.2025 ରିଖ

ଉପରୋକ୍ତ ଟେଣ୍ଡର ବିଜ୍ଞପ୍ତିରେ ନିମ୍ନଲିଖିତ ସଂଶୋଧନ କରାଯାଇଛି, ଯାହାକୁ ଦୟାକରି ଧ୍ୟାନ ଦେବା ଆବଶ୍ୟକ।

**ବିଷୟ :** ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :-

| ପ୍ରକାଶିତ ଅନୁଯାୟୀ | ବର୍ତ୍ତମାନ ପଢ଼ାଯିବା ଆବଶ୍ୟକ |
|---|---|
| ତା.28.10.2025 ରିଖ 1200 ଘଟିକାରେ | ତା.07.11.2025ରିଖ 1200 ଘଟିକାରେ |

ବିସ୍ତୃତ ବିବରଣୀ ନିମନ୍ତେ ଦୟାକରି ୱେବସାଇଟ୍ : www.ireps.gov.in ଅବଲୋକନ କରନ୍ତୁ।

ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ)/ ଭୁବନେଶ୍ୱର

PR-133/CI/25-26

**AFFIDAVIT**

By Virtue of an affidavit sworn before The Notary Public, Bhubaneswar Vide CF No 743, date- 16/09/2025 I , Elieo harijan, resident of At- Tikirachura, Po-Binjili, Po-Kosagumunda,Dist-Nabarangapur ,Pin-764058, declare that I have changed my daughter 's name from Suhana Abha Rani to Suhana Abharani Chalki. Hens,Suhana Abharani Chalki She shall be know as For all future purposes.

SUHANA ABHARANI CHALKI

**AFFIDAVIT**

By Virtue of an affidavit Sl. No. 437/25, dtd. 14.05.2025 before the Notary Public, Bhubaneswar, I, Ruksana Begum, At- Ray No.90, Shanti Nagar, Sikharchandi, Po. KIIT, Ps.-Infocity, Bhubanesar have changed my minor son's name from Rajaya Mustafa to Mir Raza E Mustafa for all purposes. Henceforth he shall be known as **Mir Raza E Mustafa** for all purposes.

Sd/- Ruksana Begum

# ଚୌଦ୍ୱାର କଏଦୀ ଫେରାର ପଛରେ ଆନ୍ତରାଜ୍ୟ ଗ୍ୟାଙ୍ଗ!

ଭୁବନେଶ୍ୱର,୧୪।୧୦(ସମିସ):ଚୌଦ୍ୱାର ଜେଲ୍‌ରୁ ଫେରାର ଦୁଇ କୁଖ୍ୟାତ ଅପରାଧୀଙ୍କ ପତ୍ତା ଏଯାଏ ପୁଲିସ ପାଇନାହିଁ । ମାତ୍ର ଏହି ଘଟଣାକୁ ନେଇ ଯେଉଁ ନୂଆ ନୂଆ ତଥ୍ୟ ଆସୁଛି ତାହା ଅତ୍ୟନ୍ତ ସାଂଘାତିକ ବୋଲି କୁହାଯାଉଛି । ଆନ୍ତରାଜ୍ୟ ଅପରାଧୀ ଗୋଷ୍ଠୀର

- ମାସକ ତଳୁ ଯୋଜନା, ଜେଲ କର୍ମଚାରୀଙ୍କ ସଂପୃକ୍ତି ସନ୍ଦେହ
- ଫେରାର ଘଟଣା ପରେ ପଶିଲା ଜେଲ ବିଭାଗର ଚେତା
- ଏଣିକି ନିୟମିତ ଜେଲ ବୁଲିବେ ଜିଲ୍ଲାପାଳ ଆଉ ଏସ୍‌ପି

ମୁଖ୍ୟ କୁହାଯାଉଥବା ସୁବ୍ରତ ସିଂହ ପ୍ରାୟ ମାସକ ତଳୁ ଏଥିପାଇଁ ଯୋଜନା କରିଥିଲା ଓ ଶେଷରେ ଦୁଇ ଅପରାଧୀଙ୍କୁ ଫେରାର କରିବାରେ ସଫଳ ହୋଇଥିଲା। ଯେଉଁପରି ଭାବରେ ଦୁଇ ଅପରାଧୀ ଫେରାର ହେଲେ, ସେଥିରେ ଜେଲ ବିଭାଗ କର୍ମଚାରୀଙ୍କ ସହଯୋଗ ଥିବା ଜଳଜଳ ଦିଶୁଛି । ଜେଲ କର୍ମଚାରୀଙ୍କ ସହଯୋଗ ବିନା ଦୁଇ ହତ୍ୟା ଅଭିଯୁକ୍ତ ଅପରାଧୀ କେବେ ବି ଫେରାର ହୋଇ ପାରି ନ ଥାନ୍ତେ ବୋଲି ମଧ୍ୟ ଅଭିଯୋଗ ହୋଇଛି ।

ଏହାପରେ ଜେଲ ବିଭାଗର ଚେତା ପଶିଛି। ରାଜ୍ୟରେ ଥିବା ସବୁ ଜେଲକୁ ଅଚାନକ ପରିଦର୍ଶନ କରିବାକୁ ସବୁ ଜିଲ୍ଲାର ଜିଲ୍ଲାପାଳ ଓ ଏସ୍‌ପିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଜେଲ ଡିଜି ସୁଶାନ୍ତ ନାଥ। ଜେଲରେ ରହୁଥିବା ଅଭିଯୁକ୍ତ, ବିଚାରାଧୀନ କଏଦୀଙ୍କୁ ମୌଳିକ ସୁବିଧା ମିଳୁଛି କି ନାହିଁ ତାହାର ତଦାରଖ କରିବେ ଜିଲ୍ଲାପାଳ ଓ ଏସପି। ଜିଲ୍ଲାସ୍ତରର ଏହି ଦୁଇ ଅଧିକାରୀ ନିୟମିତ ବ୍ୟବଧାନରେ ଜେଲକୁ ଅଚାନକ ପରିଦର୍ଶନ କରିବେ ଓ ଏହାଦ୍ୱାରା ଜେଲ ପରିଚାଳନାରେ ସ୍ୱଚ୍ଛତା ଏବଂ ଶୃଙ୍ଖଳା ବଜାୟ ରହିପାରିବ ବୋଲି ସେ କହିଛନ୍ତି। ଉଚ୍ଚ ଅଧିକାରୀଙ୍କ ପରିଦର୍ଶନ ଫଳରେ ଜେଲ୍ କର୍ମଚାରୀ ଦାୟିତ୍ୱସମ୍ପନ୍ନ ହେବେ ଓ କଏଦୀମାନେ ଆଉ ଫେରାର ହେବାକୁ ସାହାସ ଜୁଟାଇବେ ନାହିଁ ବୋଲି ଜେଲ ବିଭାଗ ମନେ କରୁଛି। ଅବଶ୍ୟ ଜେଲ ମାନୁଆଲରେ ପୂର୍ବରୁ ବ୍ୟବସ୍ଥା ଥିଲେ ମଧ୍ୟ ଏହାକୁ କାର୍ଯ୍ୟକାରୀ କରାଯାଉ ନ ଥିଲା। ମାତ୍ର ଚୌଦ୍ୱାର ଜେଲରୁ ଦୁଇ କଏଦୀ ଫେରାର ହେବା ପରେ ଜେଲ ବିଭାଗ ତତ୍ପର ହୋଇ ଉଠିଛି। ଗତକାଲି ଜେଲରଙ୍କୁ ବଦଳି କରାଯିବା ପରେ ଆଜି ସମସ୍ତ ଜେଲକୁ ବୁଲିବା ପାଇଁ ଜିଲ୍ଲାପାଳ ଏବଂ ଏସ୍‌ପିଙ୍କୁ ଜେଲ୍ ଡ଼ିଜି ଚିଠି ଲେଖିଛନ୍ତି ।

GOVERNMENT OF ODISHA
"e" PROCUREMENT NOTICE
A-729

Bid Identification No: S.E, KCD-I (KIP)-07/2025-26
(Pertaining to Kanpur Canal Division-I, Jhumpura)

| | | |
|---|---|---|
| 1. | Name of the Work | "M/R to Kanupur Irrigation Colony, Jhumpura for the FY 1st June 2025 to 31 March 2026." |
| 2 | Estimated cost | Rs.6,26,590.00 |
| 3 | Period of completion | 06 (Six) Calendar Months including rainy season. |
| 4 | Date & time of availability of bid document in the portal | Dt.15.10.2025 from 10.00 Hours to Dt.29.10.2025 up to 17.00 Hours |
| 5 | Last date / Time for receipt of bids in the portal | 29.10.2025 up to 17.00 Hours. |
| 6 | Date & Time of opening of tender | 30.10.2025 at 11.00 Hours. |
| 7 | Name and address of the Officer Inviting Bid | Er Duryodhan Kisan Superintending Engineer, Kanpur Canal Division-I, At/PO- Jhumpura, Dist- Keonjhar, Odisha-758031 |

Further details can be seen from the e-Procurement portal "https://www.tendersodisha.gov.in."

(Er. Duryodhan Kisan)
Superintending Engineer,
Kanpur Canal Division-I,
Jhumpura, Keonjhar, Odisha..

OIPR-32157/11/0005/2526

**AFFIDAVIT**

By virtue of an affidavit (Date.22/09/2025) sworn before the Executive Magistrate, Padampur. I, **Mamata Bhoi** (new name), W/o Late Himanshu Sekhar Sahoo, permanent & current resident of AT/PO- Kanut, Dist- Balangir, PIN- 767026, Odisha declare that I have changed my name from **Mamata Sahoo** (old name) to **Mamata Bhoi** (new name). Henceforth, I shall be known as **Mamata Bhoi** (new name) for all purposes.

**Mamata Bhoi**

**AFFIDAVIT**

By virtue of an affidavit sworn before Notary Public, Bhubaneswar, on dated 10.10.2025, I Sangram Kishore Rout, Resident At- Panamurga, Po- Ghatipiri, Dist- Dhenkanal, Odisha, PIN- 759015, declare that I have changed my son's name from Saubhagya Jena to Soubhagya Rout. Henceforth, He shall be known as **SOUBHAGYA ROUT** for all future purposes.

■ ଏମ୍‌କେସିଜି ଇଣ୍ଟରମେଡିସ୍ ପ୍ରତିଯୋଗିତାରେ ଅଘଟଣ

# ଦୁଇ ଛାତ୍ରଗୋଷ୍ଠୀଙ୍କ ମଧ୍ୟରେ ରକ୍ତାକ୍ତ ସଂଘର୍ଷ

ବ୍ରହ୍ମପୁର, ୧୪।୧୦ (ସମିସ): ଏମ୍‌କେସିଜି ମେଡିକାଲ କଲେଜ ଛାତ୍ର ସଂସଦ ପକ୍ଷରୁ ଆୟୋଜିତ ଇଣ୍ଟର୍ ମେଡିସ୍ ପ୍ରତିଯୋଗିତାରେ ସୋମବାର ମଧ୍ୟରାତ୍ରିରେ ୨ଛାତ୍ର ଗୋଷ୍ଠୀଙ୍କ ମଧ୍ୟରେ ରକ୍ତାକ୍ତ ସଂଘର୍ଷ ଘଟିଛି। ଏଥିରେ କଟକ ଏସ୍‌ସିବି, ବୁର୍ଲା ଭିମ୍‌ସାର ଓ ଏମ୍‌କେସିଜି ମେଡିକାଲ କଲେଜର ୬ରୁ ଉର୍ଦ୍ଧ୍ୱ ଛାତ୍ର ଆହତ ହୋଇଛନ୍ତି।

- ଭାଙ୍ଗିଲେ ଏସ୍‌ସିବି ଓ ଏମ୍‌କେସିଜିର ବସ୍
- ବିଭିନ୍ନ ମେଡିକାଲ କଲେଜର ୬ରୁ ଉର୍ଦ୍ଧ୍ୱ ଛାତ୍ର ଆହତ

ଏମ୍‌କେସିଜି ଓ ଏସ୍‌ସିବି ମେଡିକାଲ ଛାତ୍ରଙ୍କ ମଧ୍ୟରେ ପ୍ରଥମେ କଥା କଟାକଟି ଓ ପରେ ଉଭୟଙ୍କ ମଧ୍ୟରେ ମାରପିଟ ମଧ୍ୟ ହୋଇଥିଲା। ଏଥିରେ ଏସ୍‌ସିବି, ଭିମ୍‌ସାର ଓ ଏମ୍‌କେସିଜି ମେଡିକାଲ୍ କଲେଜର ୬ରୁ ଉର୍ଦ୍ଧ୍ୱ ଛାତ୍ର ଆହତ ହୋଇଥିବା ବେଳେ ୩ଜଣ ଛାତ୍ର ରକ୍ତାକ୍ତ ହୋଇ ମେଡ଼ିକାଲର ଆଶୁ ଚିକିତ୍ସା ବିଭାଗରେ ଭର୍ତ୍ତି ହୋଇଥିଲେ। ପରେ ଉଭୟ ଗୋଷ୍ଠୀଙ୍କ ପକ୍ଷରୁ ହୋଇଥିବା ଢେଲା ଓ କାଚ ବୋତଲ ମାଡ଼ରେ ଏମ୍‌କେସିଜି ଓ ଏସ୍‌ସିବି ମେଡ଼ିକାଲ୍ କଲେଜର ବସ୍ ଭାଙ୍ଗିଥିଲା। ଖବର ପାଇ ମେଡିକାଲ କଲେଜର କିଛି ବରିଷ୍ଠ ଡାକ୍ତର ଘଟଣାସ୍ଥଳରେ ପହଞ୍ଚି ଉଭୟ ଗୋଷ୍ଠୀର ଛାତ୍ରଙ୍କୁ ବୁଝାସୁଝା କରିଥିଲେ। ପରେ କଟକ ଏସ୍‌ସିବି ଛାତ୍ରମାନେ ଏମକେସିଜି ମେଡିକାଲ ଛାଡ଼ି ପଳାଇଥିଲେ।

## ଯାନ୍ତ୍ରିକ ପଦ୍ଧତିରେ ଧାଡ଼ି ବୁଣା ଧାନ ଯନ୍ତ୍ର

ଚଳିତ ବର୍ଷ ରାଜ୍ୟ ସରକାଙ୍କ ଦ୍ୱାରା ରାଜ୍ୟ ଯୋଜନା ଅନ୍ତର୍ଗତ ଧାଡ଼ିରେ ଧାନ ବୁଣା ଯନ୍ତ୍ର ୨୦୨୫ - ୨୬ ବର୍ଷରେ ଆମ୍ଭ ଢେଙ୍କାନାଳ ଜିଲ୍ଲାରେ ୮୮୦ ହେକ୍ଟର ଚାଷ ଜମିରେ ଧାଡ଼ି ପ୍ରଣାଳୀରେ ଧାନ ବୁଣା ଯନ୍ତ୍ର ଦ୍ୱାରା ଚାଷ କରାଯାଇଅଛି । ଆମ୍ଭ ଜିଲ୍ଲାର ସାତଟି ବ୍ଲକ ତଥା ସଦର, ଗଁଦିଆ, ଓଡ଼ାପଡ଼ା, ହିନ୍ଦୋଳ, କାମାକ୍ଷାନଗର, ଭୁବନ ଓ କଙ୍କଡ଼ାହାଡ଼ ବ୍ଲକରେ ଏହି ଯୋଜନା ଚାଲୁଅଛୁ ।

ଏହି ଅତ୍ୟାଧୁନିକ ପ୍ରଣାଳୀ ଦ୍ୱାରା ଜମିରେ ପାଣିର ଅବଶ୍ୟକତା କମ୍ ଥାଏ ଉପଯୁକ୍ତ ଗଭୀରତାରେ ଗଛକୁ ଗଛକୁ ଦୂରତାରେ ବିହନ ବୁଣା ଯାଏ । ଅଙ୍କୁରୋଦଗମ ଗଜା ଶକ୍ତି ବୃଦ୍ଧି ହୁଏ ଏବଂ ଅଧିକ ଲାଭ ମିଳେ । ଏହା ଦ୍ୱାରା ଖର୍ଚ୍ଚ କମ୍, ଶୀଘ୍ର ଅମଳ ଏବଂ ଶ୍ରମ କମ୍ ହୋଇଥାଏ । ସରକାରଙ୍କ ଦ୍ୱାରା ପ୍ରତି ଚାଷୀ ମାନେ ଏହି ଯୋଜନା ଦ୍ୱାରା ଉପକୃତ ହେବେ ।

ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ
ଢେଙ୍କାନାଳ

**AFFIDAVIT**

I, Jabir Mohammed, S/o- Late Sagir Mohammad, resident of Paikerapur, Post-Chhatia, Ps- Byree, Dist- Jajpur, PIN-754023, Odisha declare by this affidavit No. 312, dtd- 27.09.2025 that now onwards I shall be known as **JABIR MOHAMMAD** for all future purposes.

**AFFIDAVIT**

I, Smt. Kamalesh Kumari Parida, W/o- Lingraj Parida, at Adarshmarg, Po/Ps– Ainthapali, Dist.: Sambalpur, declare by this affidavit before Notary Public, Sambalpur that my maiden name was Kamalesh Kumari Dang as per my Voter ID. After married with Lingraj Parida, my name changed from Kamalesh Kumari Dang to Kamalesh Kumari Parida. Henceforth, I shall be known as **Kamalesh Kumari Parida** for all purposes.

**AFFIDAVIT**

By virtue of an affidavit sworn before Notary public Bhubaneswar on dated, 13.10.2025, I Binod Kumar Behera, resident At- Haridagahir, Ps- Karikol, Sub Dist- Athagad, Dist- Cuttack, Odisha, PIN-754209 declare that I have changed my name from Binod Kumar Beura to Binod Kumar Behera. Henceforth I shall be known as **BINOD KUMAR BEHERA** for all purposes.

## ଡିସେମ୍ବର ୧୩ରୁ ୭ମ ବାରିପଦା ଜାତୀୟ ଆଦିବାସୀ କ୍ଷୁଦ୍ର ଚଳଚ୍ଚିତ୍ର ଉତ୍ସବ



ବାରିପଦା,୧୪।୧୦(ସମିସ): ସାନ୍ତାଳୀ ଆର୍ଟ ଆଣ୍ଡ ଫିଲ୍ମ ଡେଭେଲପମେଣ୍ଟ ଫାଉଣ୍ଡେସନ୍ ଆନୁକୂଲ୍ୟରେ ୭ମ ବାରିପଦା ଜାତୀୟ ଆଦିବାସୀ କ୍ଷୁଦ୍ର ଚଳଚ୍ଚିତ୍ର ଉତ୍ସବ ଡିସେମ୍ବର ୧୩ ଓ ୧୪ ତାରିଖରେ ଅନୁଷ୍ଠିତ ହେବ। ଜାତୀୟସ୍ତରୀୟ ଏହି ପ୍ରତିଯୋଗିତାରେ ପ୍ରତିବର୍ଷ ପରି ଏବର୍ଷ ମଧ୍ୟ ଦୁଇଟି ବିଭାଗ ଯଥା କ୍ଷୁଦ୍ର ଚଳଚ୍ଚିତ୍ର (୩୦ମିନିଟ) ଓ ଡକ୍ୟୁମେଣ୍ଟାରି (୪୫ମିନିଟ) ଫିଲ୍ମଗୁଡ଼ିକ ଅଂଶଗ୍ରହଣ କରିପାରିବେ। ଇଚ୍ଛୁକ ପ୍ରଯୋଜକମାନେ ଅନଲାଇନ୍‌ରେ ନଭେମ୍ବର ୨୦ତାରିଖ ସୁଦ୍ଧା ପଞ୍ଜୀକରଣ କରିପାରିବେ ବୋଲି ଫାଉଣ୍ଡେସନ୍‌ର ପ୍ରତିଷ୍ଠାତା ଦୀପକ କୁମାର ବେଶ୍ରା ଜଣାଇଛନ୍ତି। ଫାଉଣ୍ଡେସନ୍‌ର ପ୍ରମୁଖ ପୃଷ୍ଠପୋଷକ ତଥା ପୂର୍ବତନ ମନ୍ତ୍ରୀ ସରୋଜିନୀ ହେମ୍ବ୍ରମ ଉତ୍ସବର ସଫଳତା କାମନା କରିବା ସହ ବହୁ ସଂଖ୍ୟାରେ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବା ପାଇଁ ଅନୁରୋଧ କରିଛନ୍ତି। ପ୍ରତିଯୋଗିତାରେ ସର୍ବଶ୍ରେଷ୍ଠ କ୍ଷୁଦ୍ର ଚଳଚ୍ଚିତ୍ର, ଡକ୍ୟୁମେଣ୍ଟାରୀ, ଡେବ୍ୟୁ ନିର୍ଦ୍ଦେଶକ, ଛାତ୍ର ଚଳଚ୍ଚିତ୍ର, ଶିଶୁ ଚଳଚ୍ଚିତ୍ର ଓ ମହିଳା ନିର୍ଦ୍ଦେଶିକାଙ୍କୁ ପୁରସ୍କୃତ କରାଯିବା ସହ ନିର୍ଦ୍ଦିଷ୍ଟ ବ୍ୟକ୍ତିବିଶେଷଙ୍କୁ ଗୌରବ ଓ ଆଜୀବନ ସଫଳତା ସମ୍ମାନରେ ସମ୍ମାନିତ କରାଯିବ ବୋଲି ଶ୍ରୀ ବେଶ୍ରା କହିଛନ୍ତି।

**ନଭେମ୍ବର ୨୦ ସୁଦ୍ଧା ପଞ୍ଜୀକରଣ**

**କଟକ କ୍ଲବ୍**

ପଞ୍ଜୀକୃତ କାର୍ଯ୍ୟାଳୟ: ବାରବଟି ଫୋର୍ଟ, ବାରବାଟୀ ଷ୍ଟାଡିୟମ ନିକଟ, କଟକ – ୭୫୩୦୦୧, ଓଡିଶା
ଫୋନ୍: ୦୬୭୧-୨୩୦୧୦୪୧, ୭୯୭୮୨୬୭୬୫୦
CIN: U91990OR1949NPL000181
ୱେବସାଇଟ୍: www.cuttackclub.com, ଇ-ମେଲ୍: info@cuttackclub.com

କଟକ କ୍ଲବର ସଦସ୍ୟମାନଙ୍କ ପାଇଁ ସୂଚନା
(କମ୍ପାନୀ (ପରିଚାଳନା ଓ ପ୍ରଶାସନ) ନିୟମାବଳୀ, 2014 ର ନିୟମ 20(4)(v) ଅନୁଯାୟୀ)

ଏତଦ୍ୱାରା ସୂଚିତ କରାଯାଉଛି ଯେ, ୭୬ତମ ବାର୍ଷିକ ସାଧାରଣ ସଭା (AGM) ରବିବାର, ୨୫ ଅକ୍ଟୋବର ୨୦୨୫ ରେ ସକାଳ ୧୦.୦୦ ଟାରେ, କଟକ କ୍ଲବର ସେଣ୍ଟେନାରୀ ହଲ (ଆନେକ୍ସ-୧), ବାରବଟି ଫୋର୍ଟ, ବାରବାଟୀ ଷ୍ଟେଡିୟମ ନିକଟରେ, କଟକ - ୭୫୩୦୦୧, ଓଡିଶା ଠାରେ ଆୟୋଜିତ ହେବ। ସଦସ୍ୟମାନଙ୍କୁ ନିମ୍ନଲିଖିତ ବିଷୟ ସୂଚନା ଦିଆଯାଉଛି

1) AGM ର ନୋଟିସ, ଏଜେଣ୍ଡା, ଯୋଗ୍ୟତା ମାନଦଣ୍ଡ ଓ ପ୍ରସ୍ତାବ ସମ୍ବନ୍ଧୀୟ ନିୟମାବଳୀ ସଦସ୍ୟମାନଙ୍କ ନିବନ୍ଧିତ ଇ-ମେଲ ଆଇ.ଡି. ଏବଂ WhatsApp ମାଧ୍ୟମରେ ପଠାଯାଇଛି।
2) କମ୍ପାନୀ ନ୍ୟାସନାଲ ସିକ୍ୟୁରିଟିଜ ଡିପୋଜିଟୋରି ଲିମିଟେଡ୍ (NSDL) କୁ ସଦସ୍ୟମାନଙ୍କ ପାଇଁ ଇ-ଭୋଟିଂ ସୁବିଧା ପ୍ରଦାନ କରିବାକୁ ନିଯୁକ୍ତ କରିଛି। ବ୍ୟବସାୟଗୁଡିକ ଇଲେକ୍ଟ୍ରୋନିକ ମାଧ୍ୟମରେ ରିମୋଟ୍ ଭୋଟିଂ (E-voting) ଓ ଶାରୀରିକ ଭୋଟିଂ (Physical voting) ଦୁହିଁଟି ମାଧ୍ୟମରେ ସମ୍ପାଦିତ ହେବ।
3) ରିମୋଟ୍ ଇ-ଭୋଟିଂ ଅବଧି ୨୪.୧୦.୨୦୨୫ (ଶୁକ୍ରବାର) ସକାଳ 09:00 ଠାରୁ ସନ୍ଧ୍ୟା 17:00 (IST) ପର୍ଯ୍ୟନ୍ତ ରହିବ। ଉକ୍ତ ସମୟସୀମା ପରେ ରିମୋଟ୍ ଭୋଟିଂ ଅନୁମତି ନହେବ।
4) ଶାରୀରିକ ଭୋଟିଂ ୨୫.୧୦.୨୦୨୫ (ଶନିବାର) ଦିନ କ୍ଲବ ପ୍ରାଙ୍ଗଣରେ ଦୁପର 12.00 ଠାରୁ ଆରମ୍ଭ ହେବ। ଯେ ସଦସ୍ୟମାନେ ପୂର୍ବରୁ ଇ-ଭୋଟିଂ କରିଥିବେ ସେମାନେ ସଭାରେ ଯୋଗ ଦେଇପାରିବେ, କିନ୍ତୁ ପୁଣିଥରେ ଭୋଟ ଦେଇପାରିବେ ନାହିଁ।
5) ରିମୋଟ୍ ଇ-ଭୋଟିଂ ପାଇଁ User ID ଓ Password ସହିତ ନିର୍ଦ୍ଦେଶନାମା NSDL ଦ୍ୱାରା ସଦସ୍ୟମାନଙ୍କ ନିବନ୍ଧିତ ଇମେଲ ଓ ମୋବାଇଲ ନମ୍ବରକୁ ପଠାଯିବ (କଟଅଫ ତାରିଖ ୩୧ ଅଗଷ୍ଟ ୨୦୨୫ ଅନୁସାରେ)। ଯଦି ଇ-ଭୋଟିଂରେ କୌଣସି ଅସୁବିଧା ହୁଏ, କ୍ଲବ ତାହା ପାଇଁ ଦାୟୀ ନ ହେବ।
6) NSDL ର ଇମେଲ ପାଇଲେ, ସେମାନଙ୍କ ୱେବସାଇଟ୍ https://www.evoting.nsdl.com କୁ ଯାଆନ୍ତୁ। "Login" ବିକଳ୍ପକୁ ଚୟନ କରନ୍ତୁ (Shareholder/Member ଶିରୋନାମାର ତଳେ ଉପଲବ୍ଧ)। ତାହାପରେ ସିଷ୍ଟମ ଆପଣଙ୍କୁ User ID ପ୍ରବେଶ କରିବାକୁ ପଚାରିବ- NSDL ଦ୍ୱାରା ପ୍ରଦାନିତ User ID ଓ Password ପ୍ରବେଶ କରନ୍ତୁ।
7) ସଫଳତାର ସହିତ ଲଗଇନ୍ କଲାପରେ, e-voting ପୃଷ୍ଠାରେ "EVEN" ବିକଳ୍ପ ଚୟନ କରନ୍ତୁ ଓ ଭୋଟ ଦିଅନ୍ତୁ। ପସନ୍ଦ କରାଯାଇଥିବା ବିକଳ୍ପ ଚୟନ କରି "Submit" ଏବଂ "Confirm" କ୍ଲିକ୍ କରନ୍ତୁ। "Vote cast successfully" ବାର୍ତ୍ତା ଦେଖାଯିବ।
8) ଏକଥର ଭୋଟ ନିଶ୍ଚିତ କଲାପରେ ତାହାକୁ ପରିବର୍ତ୍ତନ କରିପାରିବେ ନାହିଁ।
9) ଯଦି କୌଣସି ସମସ୍ୟା ବା ଅସୁବିଧା ହୁଏ, ଦୟାକରି ଯୋଗାଯୋଗ କରନ୍ତୁ।

Ph.: 022-48867000, 022-24997000, Email: evoting@nsdl.co.in

କଟକ କ୍ଲବ ପକ୍ଷରୁ ଓ ତାହାର ପକ୍ଷରେ
ସୁଭେନ୍ଦୁ ମୋହନ ପଟ୍ଟନାୟକ
ମାନ୍ୟବର ସଚିବ ତଥା ନିର୍ଦ୍ଦେଶକ
DIN: 02407792

ପଞ୍ଚାୟତ ସମିତି, ମାଲକାନଗିରି
**PANCHAYAT SAMITI, MALKANGIRI**
Dist.: Malkangiri
Pin-764048, Ph./Fax : 06861-231219
Email: ori-bmalkangiri@nic.in

ବିଜ୍ଞାପନ

ଏତଦ୍ୱାରା ପଞ୍ଚାୟତ ସମିତି, ମାଲକାନଗିରି ଅଧିନସ୍ଥ ସମସ୍ତ ଗ୍ରାମ ପଞ୍ଚାୟତର ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଯେ , ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ଅଧିନରେ ଆର୍ଥିକ ବର୍ଷ(୨୦୨୫-୨୬) ୦୧.୦୪.୨୦୨୫ ଠାରୁ ୩୦.୦୯.୨୦୨୫ ଓ ପ୍ରଧାନମନ୍ତ୍ରୀ ଆବାସ ଯୋଜନା - ଗ୍ରାମୀଣ ଯୋଜନା ଅଧିନରେ କାର୍ଯ୍ୟକାରୀ କରାଯାଇ ଥିବା ପଞ୍ଚାୟତ ସମିତି , ଲାଇନ ଡିପାର୍ଟମେଣ୍ଟ , ଗ୍ରାମ ପଞ୍ଚାୟତ ସ୍ତରୀୟ କିମ୍ବା ଅନ୍ୟାନ୍ୟ କାର୍ଯ୍ୟକାରୀ ସଂସ୍ଥା ମାନଙ୍କ ଦ୍ୱାରା କାର୍ଯ୍ୟକାରୀ କରାଯାଇ ଥିବା ସମସ୍ତ ଆବଶ୍ୟକୀୟ ନଥିପତ୍ର ସହ କାର୍ଯ୍ୟକୁ ତନଖି ଦେଖିବେ ଓ ସାମାଜିକ ସମୀକ୍ଷା କାର୍ଯ୍ୟକ୍ରମ ନିମ୍ନ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁସାରେ ଅନୁଷ୍ଠିତ ହେବ । ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ମାଲକାନଗିରି ଙ୍କ ପତ୍ର ସଂଖ୍ୟା ୫୨୦୩ ତାରିଖ ୧୦.୧୦.୨୦୨୫ ପ୍ରକାରେ ନିମ୍ନ ନିର୍ଧାରିତ କାର୍ଯ୍ୟସୂଚୀ ଅନୁସାରେ ଅନୁଷ୍ଠିତ ହେବ । ଏଣୁ ସମସ୍ତ ଗ୍ରାମ ପଞ୍ଚାୟତ କାର୍ଯ୍ୟକାରୀ ଅଧିକାରୀ, କନିଷ୍ଠ ଯନ୍ତ୍ରୀ, ଗ୍ରାମ ପଞ୍ଚାୟତ ରୋଜଗାର ସହାୟକ, ମେଟ୍ ଓ ଅନ୍ୟାନ୍ୟ କାର୍ଯ୍ୟକାରୀ ସଂସ୍ଥା ଅଧିକାରୀ ମାନଙ୍କୁ ନିଜ ନିଜ ଗ୍ରା.ପ. ଅଫିସରେ କାର୍ଯ୍ୟସୂଚୀ ଅନୁସାରେ ସମସ୍ତ ଆବଶ୍ୟକୀୟ ନଥିପତ୍ର ସହ ଉପସ୍ଥିତ ରହିବାକୁ ଅନୁରୋଧ କରାଗଲା । ଏଥିସହ ପ୍ରଧାନମନ୍ତ୍ରୀ ଆବାସ ଯୋଜନା - ଗ୍ରାମୀଣ ଯୋଜନାରେ ଅନ୍ତର୍ଭୁକ୍ତ ଥିବା ସମସ୍ତ ନଥିପତ୍ର ଗୁଡ଼ିକୁ ଯାଞ୍ଚ କରିବା ପାଇଁ ସମୀକ୍ଷା ଦଳକୁ ପ୍ରଦାନ କରିବେ ।

ମାଲକାନଗିରି ଅଧିନସ୍ଥ ସମସ୍ତ ଗ୍ରାମ ପଂଚାୟତର ସରପଞ୍ଚ ଓ ସର୍ବସାଧାରଣଙ୍କୁ ଅନୁରୋଧ କରା ଯାଉଛି ଯେ ଏଥିରେ ସହଯୋଗ କରିବା ହେବେ ।

| କ୍ରମିକ ନମ୍ବର | ଗ୍ରାମ ପଞ୍ଚାୟତ | ସାମାଜିକ ସମୀକ୍ଷା ଆରମ୍ଭ ତାରିଖ | ସାମାଜିକ ସମୀକ୍ଷା ଶେଷ ତାରିଖ | ଗ୍ରାମସଭା ତାରିଖ | ନୋଡାଲ ଅଧିକାରି | ବ୍ଲକ୍ ସ୍ତରୀୟ ଜନଶୁଣାଣୀ ତାରିଖ |
|---|---|---|---|---|---|---|
| ୧ | ଡାଲାନଗୁଡା | ୧୫.୧୦.୨୦୨୫ | ୩୦.୧୦.୨୦୨୫ | ୩୦.୧୦.୨୦୨୫ | ଏମ୍. ଆଇ | |
| ୨ | ତଣ୍ଡିକି | ୧୫.୧୦.୨୦୨୫ | ୩୦.୧୦.୨୦୨୫ | ୩୦.୧୦.୨୦୨୫ | ବି.ପି.ଏମ୍ (ଓ.ଏଲ.ଏମ୍) | |
| ୩ | ପଦ୍ମଗିରି | ୧୫.୧୦.୨୦୨୫ | ୩୦.୧୦.୨୦୨୫ | ୩୦.୧୦.୨୦୨୫ | ଡବ୍ଲୁ.ଇ.ଓ | |
| ୪ | ସିନ୍ଧିମାଲା | ୩୧.୧୦.୨୦୨୫ | ୧୭.୧୧.୨୦୨୫ | ୧୭.୧୧.୨୦୨୫ | ଏମ୍. ଆଇ | |
| ୫ | ଉଦୁପା | ୩୧.୧୦.୨୦୨୫ | ୧୭.୧୧.୨୦୨୫ | ୧୭.୧୧.୨୦୨୫ | ଏ.ଇ.ଇ | |
| ୬ | ଗଙ୍ଗଲା | ୩୧.୧୦.୨୦୨୫ | ୧୭.୧୧.୨୦୨୫ | ୧୭.୧୧.୨୦୨୫ | ଡବ୍ଲୁ.ଇ.ଓ | |
| ୭ | ପେଦାୱାଡା | ୧୮.୧୧.୨୦୨୫ | ୦୩.୧୨.୨୦୨୫ | ୦୩.୧୨.୨୦୨୫ | ଏ.ପି.ଓ | |
| ୮ | ଗୌଡ଼ଗୁଡା | ୧୮.୧୧.୨୦୨୫ | ୦୩.୧୨.୨୦୨୫ | ୦୩.୧୨.୨୦୨୫ | ଏ.ବି.ଡି.ଓ | |
| ୯ | ଝରାପାଲି | ୧୮.୧୧.୨୦୨୫ | ୦୩.୧୨.୨୦୨୫ | ୦୩.୧୨.୨୦୨୫ | ବି.ପି.ଏମ୍ (ଓ.ଏଲ.ଏମ୍) | ୩୦.୦୩.୨୦୨୬ |
| ୧୦ | ତମସା | ୦୪.୧୨.୨୦୨୫ | ୨୨.୧୨.୨୦୨୫ | ୨୨.୧୨.୨୦୨୫ | ବି.ପି.ସି (ଆର.ଏଚ୍) | |
| ୧୧ | ତଣ୍ଡାପାଲି | ୦୪.୧୨.୨୦୨୫ | ୨୨.୧୨.୨୦୨୫ | ୨୨.୧୨.୨୦୨୫ | ଏ.ଇ.ଇ | |
| ୧୨ | ଗୋରାଖୁଣ୍ଟା | ୦୪.୧୨.୨୦୨୫ | ୨୨.୧୨.୨୦୨୫ | ୨୨.୧୨.୨୦୨୫ | ଏମ୍. ଆଇ | |
| ୧୩ | ଶିଖପାଲି | ୦୨.୦୨.୨୦୨୬ | ୧୮.୦୨.୨୦୨୬ | ୧୮.୦୨.୨୦୨୬ | ଏ.ପି.ଓ | |
| ୧୪ | ମାଟାପାକା | ୦୨.୦୨.୨୦୨୬ | ୧୮.୦୨.୨୦୨୬ | ୧୮.୦୨.୨୦୨୬ | ଏ.ବି.ଡି.ଓ | |
| ୧୫ | ସେରପାଲି | ୦୨.୦୨.୨୦୨୬ | ୧୮.୦୨.୨୦୨୬ | ୧୮.୦୨.୨୦୨୬ | ସି.ଡି.ପି.ଓ | |
| ୧୬ | ପେଡ଼ାକୋଣ୍ଡା | ୨୦.୦୨.୨୦୨୬ | ୦୬.୦୩.୨୦୨୬ | ୦୬.୦୩.୨୦୨୬ | ଏମ୍. ଆଇ | |
| ୧୭ | ବିରଲକ୍ଷ୍ମଣପୁର | ୨୦.୦୨.୨୦୨୬ | ୦୬.୦୩.୨୦୨୬ | ୦୬.୦୩.୨୦୨୬ | ବି.ପି.ଏମ୍ (ଓ.ଏଲ.ଏମ୍) | |
| ୧୮ | ପାଣ୍ଡ୍ରୀପାଣି | ୨୦.୦୨.୨୦୨୬ | ୦୬.୦୩.୨୦୨୬ | ୦୬.୦୩.୨୦୨୬ | ବି.ପି.ସି (ଆର.ଏଚ୍) | |
| ୧୯ | ମାର୍କାପାଲି | ୦୯.୦୩.୨୦୨୬ | ୨୫.୦୩.୨୦୨୬ | ୨୫.୦୩.୨୦୨୬ | ଏ.ଇ.ଇ | |

ଗୋଷ୍ଠୀ ଉନ୍ନୟନ ଅଧିକାରୀ
ମାଲକାନଗିରି

**AFFIDAVIT**

By virtue of an affidavit before the Notary Public, Titilagarh, on dated- 13/09/2025. I, **Pradyumna Benia** (new name), formerly called as **Pradyumna Jenia** (old name), S/o Madana Benia, permanent resident of AT- Amurla, PO-Binekela, PS- Titilagarh, Dist- Balangir, (Odisha), PIN- 767033 now residing at the same place declare that I have changed my name from **Pradyumna Jenia** (old name) to **Pradyumna Benia** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion I shall be known as **Pradyumna Benia** (new name) for all purposes.

**Pradyumna Benia**

**AFFIDAVIT**

I, Bimla Nandi, W/O Late-Ram Chandra Nandi, resident of Chhancha, Ward No.25, Po/Ps-Baripada Town, Dist.-Mayurbhanj, Pin.No.-757001, Odisha, declared by this affidavit No-1043 dtd. 14.10.2025 that now onwards I shall be known as Bimala Nandi (67) for all future purposes.

Bimla Nandi

**AFFIDAVIT**

By virtue of an affidavit (No. 605/25) sworn before the Notary Public, Borigumma on dated- 12/10/2025. I, **Sri Padu Jani,** S/o Late Ghana Jani, Address: Village- Phundaguda, Khudiguda, PO/PS-Borigumma, Dist- Koraput, Pin-764056, Odisha declare that I have changed my son's name from **Kamandan Jani** to **Kamaladan Jani** in his Aadhar Card (vide No. 8139 7095 7497). Henceforth, he shall be known as **Kamaladan Jani** (new name) for all purposes.

**Sri Padu Jani**

**AFFIDAVIT**

By virtue of an affidavit sworn before Notary public Bhubaneswar on dated, 13.10.2025, I Kanchan Mohanty, W/o- Susanta Kumar Mohanty resident At- Bisunipada, Po-Jhintisasan, Balakati, Dist-Khordha, Odisha, PIN- 752100 declare that I have changed my name from Kanchan Vishwakarma to Kanchan Mohanty. Henceforth I shall be known as **KANCHAN MOHANTY** for all purposes.

**AFFIDAVIT**

By virtue of an affidavit No. 5822, sworn before the Executive Magistrate Champua on dated-14/10/2025. I **Jasabati Munda,** W/o-Markanda Munda, resident of Vill/Po-Bankia, Ps- Champua, Dist-Keonjhar Pin- 758044, Odisha declare that I have changed my name from **Joshabati Munda** (old name) to **Jasabati Munda** (new name). Henceforth she shall be known as **Jasabati Munda** for all future purposes.

**Jasabati Munda**

**AFFIDAVIT**

By Virtue of an affidavit sworn before The Notary Public, Bhubaneswar Vide CF No 744, date- 16/09/2025 I , Elieo harijan, resident of At- Tikirachura, Po-Binjili, Po-Kosagumunda,Dist-Nabarangapur ,Pin-764058, declare that I have changed my Son's name from Lucky sawan kumar to Lucky sawan Chalki.Hens ,Lucky sawan chalki. He shall be know as for all future purposes.

LUCKY SWAIN CHALKI

# ବିଦ୍ୟାଳୟ ପରିସର କର୍ଦ୍ଦମାକ୍ତ; ଛାତ୍ରଛାତ୍ରୀ ହଟହଟା




**ଚମ୍ପୁଆ,୧୪ା୧୦(ସମିସ):** ଚମ୍ପୁଆ ଶିକ୍ଷା ବିଭାଗ ରଜିଆ ପଞ୍ଚାୟତର ଚତରିସାହି ପ୍ରାଥମିକ ବିଦ୍ୟାଳୟର ଅବସ୍ଥା ଦିନକୁ ଦିନ ଦୟନୀୟ ଦେବାରେ ଲାଗିଛି। ଅସରାୟ ବର୍ଷା ହେଲେ ବିଦ୍ୟାଳୟର ପ୍ରବେଶ ଦ୍ୱାରଠାରୁ ଆରମ୍ଭ କରି ଶ୍ରେଣୀ ଗୃହ ପର୍ଯ୍ୟନ୍ତ ଆଣ୍ଠୁଏ ଲେଖାଏଁ ପାଣି ଜମା ରହୁଛି। ବିଦ୍ୟାଳୟକୁ ଆସୁଥିବା ଛାତ୍ରଛାତ୍ରୀ ଓ ଶିକ୍ଷକଠାରୁ ଆରମ୍ଭ କରି ଅଭିଭାବକମାନେ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ସୂଚନା ଅନୁସାରେ, ୨୦୦୦ ମସିହାରେ ଏହି ସାହିଠାରେ ଶିକ୍ଷାଦାନ ପାଇଁ ସରକାରୀ ପ୍ରାଥମିକ ବିଦ୍ୟାଳୟ ସ୍ଥାପନ ହୋଇଥିଲା। ଚଳିତ ବର୍ଷ ଲଗାଣ ବର୍ଷା ଫଳରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଥିବା ବେଳେ ଅସରାୟ ବର୍ଷା ହେଲେ ଏହି ବିଦ୍ୟାଳୟ ପରିସରରେ ଅଣ୍ଟୁଏ ଲେଖାଏଁ ପାଣି ଜମା ହୋଇରହୁଛି। ଏଥିପ୍ରତି ଶିକ୍ଷା ବିଭାଗ ବା ପଞ୍ଚାୟତ ଅଧିକାରୀଙ୍କ ନଜର ପଡିପାରୁ ନାହିଁ। କୁନିକୁନି ପିଲାମାନେ ବିଦ୍ୟାଳୟକୁ ଆସୁଥିବା ବେଳେ ଏହି ପାଣି ଭିତରେ ପଶି କାଦୁଅ ସରସର ହୋଇ ବିଦ୍ୟାଳୟକୁ ଆସୁଛନ୍ତି। ଏନେଇ ସରପଞ୍ଚ ସନ୍ତୋଶ ନାଏକ କହିଛନ୍ତି ଯେ ତାଙ୍କ ପାଖରେ ଏନେଇ କୌଣସି ସୂଚନା ନାହିଁ। ଉକ୍ତ ବିଦ୍ୟାଳୟକୁ ଯାଇ ଖର୍ଚ୍ଚ ଅଟକଳ କରାଯିବା ସହ ଚମ୍ପୁଆ ବିଡିଓଙ୍କ ଦୃଷ୍ଟିକୁ ଅଣାଯାଇ ତୁରନ୍ତ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି।

### ପିଏମଜିଏସ୍‌ୱାଇ ନିର୍ମାଣ କାର୍ଯ୍ୟ ନିମ୍ନମାନର

# ଖଡିପାଳ-କାଠକଟା ରାସ୍ତା ଶୋଚନୀୟ

**ଆନନ୍ଦପୁର, ୧୪ା୧୦ (ସମିସ)**

ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ ଯୋଜନାର ନିର୍ମାଣ କାର୍ଯ୍ୟ ଅତ୍ୟନ୍ତ ନିମ୍ନମାନର ହେଉଥିବାରୁ ବର୍ଷକ ମଧ୍ୟରେ ରାସ୍ତା ଅବସ୍ଥା ଅତ୍ୟନ୍ତ ଦୟନୀୟ ହୋଇପଡୁଥିବା ଅଭିଯୋଗ ହୋଇଛି; ଯାହାର ନିଛକ ଚିତ୍ର ଦେଖିବାକୁ ମିଳିଛି ଆନନ୍ଦପୁର ବ୍ଲକର ଖଡ଼ିପାଳ-କାଠକଟା ରାସ୍ତାରେ। ରାସ୍ତାର ବିଭିନ୍ନ ସ୍ଥାନରେ ବଡବଡ ଗାତ ହୋଇଥିବାରୁ ଯାତାୟାତରେ ବ୍ୟାଘାତ ସୃଷ୍ଟି ହେଉଛି। ବର୍ଷା ପାଣି ଏହି ଗାଡ଼ରେ ଜମି ରହୁଥିବାରୁ ବାଇକ ଆରୋହୀ ଓ ସ୍କୁଲ କଲେଜ ଛାତ୍ରଛାତ୍ରୀମାନେ ଯାତାୟାତରେ ବିଶେଷ ଅସୁବିଧା ଭୋଗ କରୁଛନ୍ତି। ଆଖପାଖ ୪ଟି ପଞ୍ଚାୟତର ଜନସାଧାରଣ ଏହିରାସ୍ତା ଉପରେ ନିର୍ଭର କରିଥାନ୍ତି। ନିର୍ମାଣକାରୀ ଠିକାଦାର ୩ ବର୍ଷ ପର୍ଯ୍ୟନ୍ତ ରାସ୍ତାର ରକ୍ଷଣାବେକ୍ଷଣ କରିବାର ଚୁକ୍ତିନାମା ଥିଲେ ମଧ୍ୟ ସାମାନ୍ୟ ମରାମତି କରାଯାଉନାହିଁ ଯାହାକି ଏହି ୭ କିଲୋମିଟର ବ୍ୟାପି ରାସ୍ତା ଅତ୍ୟନ୍ତ ଦୟନୀୟ ହୋଇପଡିଛି



ବୋଲି ଖଡ଼ିପାଳ କାଠ କଟା ପଟାଙ୍ଗ ଟାଙ୍ଗର ବରଗୋଠ ରାଇପାଳ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ସେହିପରି ପଟାଙ୍ଗ ନିକଟରେ ହେବାକୁ ଥିବା କଲଭର୍ଟ ଅଧପନ୍ତରିଆ ହୋଇପଡ଼ିଥିବାରୁ ସାଧାରଣ ଲୋକଙ୍କ ପାଇଁ ବିପଦପୂର୍ଣ ହୋଇପଡିଛି। ଏଣୁ ବିଭାଗୀୟ କର୍ତ୍ତୃପକ୍ଷ ଏହି ରାସ୍ତାର ମରାମତି ଦିଗରେ ଉଚିତ ପଦକ୍ଷେପ ନେବାକୁ ଅଞ୍ଚଳବାସୀ ଦାବି ଜଣାଇଛନ୍ତି।

# ଗୋଶାଳା ଯୋଗୁଁ ଅସ୍ୱାସ୍ଥ୍ୟକର ପରିବେଶ ଅଭିଯୋଗ

**ତୁରୁମୁଙ୍ଗା, ୧୪ା୧୦ (ସମିସ):** କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ରାଜନଗର ପଞ୍ଚାୟତ ରାଜନଗର ଗ୍ରାମରେ ଥିବା ନନ୍ଦିନୀ ଗୋଶାଳାକୁ ନେଇ ଅସ୍ୱାସ୍ଥକର ପରିବେଶ ସାଙ୍ଗକୁ ପ୍ରଦୂଷଣ ହେଉଥିବା ନେଇ ରାଜନଗର ଗ୍ରାମବାସୀ ତୁରୁମୁଙ୍ଗା ଥାନାରେ ଅଭିଯୋଗକରିବାସହଗୋଶାଳାକୁବନ୍ଦକରିବାକୁଦାବିକରିଛନ୍ତି।ଜନବସତିରେ ଗୋଶାଳା ହୋଇଥିବା ଯୋଗୁଁ ଦୁର୍ଗନ୍ଧ ସାଙ୍ଗକୁ ଅଞ୍ଚଳରେ ମଶା ମାଛି ବଂଶ ବୃଦ୍ଧି ପାଉଛି। ଗୋଶାଳାରେ ମରୁଥିବା ଗାଈଗୁଡିକୁ ପୋତି ଦିଆଯାଉଥିବା ଅଭିଯୋଗ ଆଣିଛନ୍ତି ଗ୍ରାମବାସୀ। ଗ୍ରାମଦେଇ ପ୍ରବାହିତ ହୋଉଥିବା ପୁଣ୍ୟତୋୟା ବୈତରଣୀ ନଦୀରେ ଥିବା ଶୈବ୍ୟା କାବେରୀ ପୀଠକୁ ବର୍ଷ ସାରା ପର୍ଯ୍ୟଟକଙ୍କ ଆଗମନ ହୋଇଥାଏ। ଏଠାରେ ଆସୁଥିବା ପର୍ଯ୍ୟଟକ ବଣଭୋଜି ମଧ୍ୟ କରିଥାଆନ୍ତି ମାତ୍ର ୬ ମାସ ପୂର୍ବରୁ ଏଠାରେ ହୋଇଥିବା ଗୋଶାଳା ଯୋଗୁଁ ଏ ଅଞ୍ଚଳ ପଚା ଦୁର୍ଗନ୍ଧ ଯୋଗୁଁ ପର୍ଯ୍ୟଟକ ମୁହଁ ଫେରାଉଥିବା ଅଭିଯୋଗରେ ଦର୍ଶାଇଛନ୍ତି ଗ୍ରାମବାସୀ। ରାଜନଗର ପଞ୍ଚାୟତ ସରପଞ୍ଚ ସୁଧାଂଶୁ ଶେଖର ନାଏକ, ସମିତିସଭ୍ୟ ଅବନୀ ନାଏକ, ଶତ୍ରୁଘ୍ନ ସିଂହ ଧୀରେନ ଚକ୍ର ପ୍ରମୁଖ ଅଭିଯୋଗ କରିଛନ୍ତି।

# ଯୁବ ବ୍ୟବସାୟୀଙ୍କ ବିୟୋଗ



**ହାଟଡ଼ିହୀ,୧୪ା୧୦(ସମିସ):** ହାଟଡ଼ିହୀ ବ୍ଲକ ହାଟଡ଼ିହୀ ଗ୍ରାମର ଯୁବ ବ୍ୟବସାୟୀ ବଳରାମ ପଣ୍ଡା(୩୮)ଙ୍କ ଅକାଳ ବିୟୋଗ ଘଟିଛି। ଲିଭର ଜଣ୍ଡିସ ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସାଧୀନ ଥିଲେ। ୫ଦିନ ପୂର୍ବରୁ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହୋଇପଡିବାରୁ ବାପା ହରେକୃଷ୍ଣ ପଣ୍ଡା ତାଙ୍କୁ କଟକ ମେଡିକାଲକୁ ନେଇଯାଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କ ମୃତ୍ୟୁ ହୋଇଛି। ପରେ ସ୍ଥାନୀୟ ବ୍ୟବସାୟୀମାନେ ଗଭୀର ଶୋକ ପ୍ରକାଶ କରିଛନ୍ତି। ହାଟଡ଼ିହୀ ତହସିଲ କାର୍ଯ୍ୟାଳୟ ନିକଟରେ ବଳରାମ ଦୀର୍ଘବର୍ଷ ଧରି ଏକ ପାନ ଦୋକାନ ଦେଇ ନିଜ ପରିବାରର ଗୁଜୁରାଣ ମେଣ୍ଟାଇ ଆସୁଥିଲେ। ସେ ବାବା ହଟକେଶ୍ୱର ଶୈବ ମନ୍ଦିର ସହ ପାଖ ଗ୍ରାମର ବିଭିନ୍ନ ମନ୍ଦିରର ଜଣେ ଭଲ ପୂଜକ ଭାବେ ମଧ୍ୟ ବେଶ୍ ଲୋକପ୍ରିୟ ଥିଲେ। ବଳରାମଙ୍କ ହସଖୁସି ମିଜାଜ୍ ଓ ମେଳାପି ସ୍ୱଭାବ ପାଇଁ ସେ ସମସ୍ତଙ୍କର ଅତି ପ୍ରିୟପାତ୍ର ହୋଇ ପାରିଥିଲେ। ତାଙ୍କ ମରଶରୀର ଗାଁକୁ ଆସିଥିଲା ବେଳେ ପରିବାର, ବନ୍ଧୁପ୍ରିୟଜନ ଓ ଗ୍ରାମବାସୀଙ୍କ ଉପସ୍ଥିତିରେ ଗାଁ ମଶାଣିରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ହାଟଡ଼ିହୀ ସରପଞ୍ଚ ଚିନ୍ମୟ ନାୟକ, ବରିଷ୍ଠ ସମାଜସେବୀ ଗୌରାଙ୍ଗ ରଣା, ଯୁବ ବ୍ୟବସାୟୀ ନିତ୍ୟାନନ୍ଦ ପହି, ପୂର୍ବତନ ପିସିସି ସଭାପତି ଜୟଦେବ ଜେନା, ଯୁବନେତା ଚିତ୍ତରଞ୍ଜନ ପାତ୍ର, ମାନସ ନାୟକ, ସମିତିସଭ୍ୟ କୈଳାସ ରାଉତ, ବିଜେପି ନେତା ଆଲୋକ ସେଠୀ, ଯୁବନେତା ବିଜୟ ଜେନା, ଅକ୍ଷୟ ମହାପାତ୍ର ପ୍ରମୁଖ ଗଭୀର ଶୋକ ପ୍ରକାଶ କରିଛନ୍ତି।

# ମାନସିକ ବିକୃତ ମହିଳା ଓ ଛୁଆର ଥଇଥାନ ଦାବି



**ହାଟଡ଼ିହୀ,୧୪ା୧୦(ସମିସ):** ହାଟଡ଼ିହୀ ବ୍ଲକ ବାଙ୍ଗୋର ପଞ୍ଚାୟତସ୍ଥିତ ଓଏମସି ହଟିଂରେ ଜଣେ ମାନସିକ ବିକୃତ ମହିଳା ଏକ ଶିଶୁକୁ ଧରି ବିଭିନ୍ନ ଅଞ୍ଚଳରେ ବୁଲୁଥିବା ଦେଖାଯାଇଛି। ନିଜ ନାଁ ଓ ଗାଁ ଠିକଣା ଠିକ୍ ସେ କହି ପାରୁନଥିବା ବେଳେ ଓଏମସି ପଡ଼ିଆରେ ରହୁଥିବା ତା'ର ଜଣେ ସମ୍ପର୍କୀୟଙ୍କ ଘରେ ସେ ରହୁଥିବା ନେଇ କେବଳ କହୁଛି। ଏପରି ସ୍ଥିତିରେ ସେହି ମହିଳାଙ୍କ ନିକଟରେ ଥିବା ଶିଶୁର ଭବିଷ୍ୟତକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସେହି ମାନସିକ ବିକୃତ ମହିଳା ଓ ତା' ଶିଶୁ ଉପରେ ପ୍ରଶାସନର ଦୃଷ୍ଟି ନପଡିବା ଦୁର୍ଭାଗ୍ୟ ବୋଲି କୁହାଯାଇଛି। ପ୍ରଶାସନ ଦ୍ୱାରା ଯଦି ଉକ୍ତ ମହିଳା ଏବଂ ତା' କୋଳରେ ଥିବା ଶିଶୁକୁ କୌଣସି ଥଇଥାନ କେନ୍ଦ୍ରରେ ଉପଯୁକ୍ତ ଲାଳନପାଳନର ବ୍ୟବସ୍ଥା କରାଯାଆନ୍ତା ତା'ହେଲେ ଉଭୟଙ୍କ ଭାଗ୍ୟ ପରିବର୍ତ୍ତନ ହୋଇପାରନ୍ତା ବୋଲି ସ୍ଥାନୀୟ ବୁଦ୍ଧିଜୀବୀ ଦାବି କରିଛନ୍ତି।

### ଗୋଧୂଳି ଗଜଲକ୍ଷ୍ମୀ ପୂଜା

# ନିଶାମୁକ୍ତି ପାଇଁ ଆହ୍ୱାନ ଦେଲେ ଉପଜିଲ୍ଲାପାଳ



**ଚମ୍ପୁଆ,୧୪ା୧୦(ସମିସ):** ଚମ୍ପୁଆ ଏନଏସିର ୧ ନମ୍ବର ୱାର୍ଡ ଗୋଧୂଳି ଗ୍ରାମରେ ମା' ଗଜଲକ୍ଷ୍ମୀ ପୂଜାରେ ଉପଜିଲ୍ଲାପାଳ ଉମାକାନ୍ତ ପରିଡା ଯୋଗ ଦେଇଥିଲେ। କମିଟି ପକ୍ଷରୁ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ କଳା ଓ ପରିବେଶକୁ ଭଲପାଉଥିବା ଶ୍ରୀ ପରିଡା ଯୋଗଦେଇ ଗ୍ରାମାଞ୍ଚଳର ଉନ୍ନତି ହେଲେ ସହରାଞ୍ଚଳ ତଥା ଦେଶର ଉନ୍ନତି ହୋଇଥାଏ ବୋଲି କହିବା ସହିତ ପ୍ରତ୍ୟେକ ମା' ନିଜ ପିଲାମାନଙ୍କୁ ଶିକ୍ଷାଦାନ କ୍ଷେତ୍ରରେ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଥିଲେ। ବିଶେଷ ଭାବରେ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ବଢୁଥିବା ନିଶା ବ୍ୟବହାର ଯୁବ ପିଢିକୁ ଭୁଲ ବାଟକୁ ନେଉଥିବାରୁ ଯୁବ ପିଢି ସଠିକ ମାର୍ଗ ଅନୁସରଣ କରିବାକୁ ଆହ୍ୱାନ ଦେଇଥିଲେ। ଏପରିକି ଗୋଧୂଳି ଗ୍ରାମକୁ ଏକ ନିଶାମୁକ୍ତ ଗ୍ରାମ ଭାବେ ଗଠନ କରାଯାଉ ବୋଲି ୫୬ ବର୍ଷ ଧରି ପୂଜା କରିଆସୁଥିବା ଏହି ପୂଜା କମିଟିର ସଦସ୍ୟଙ୍କୁ ଏବଂ ଉପସ୍ଥିତ ମା'ମାନଙ୍କୁ ଆହ୍ୱାନ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ପୂର୍ବତନ ଶିକ୍ଷକ ଲକ୍ଷ୍ମୀକାନ୍ତ ନାଏକ, ବୁଦ୍ଧିଜୀବୀ ଇଶ୍ୱର ନାଏକ, ଶିକ୍ଷକ ଅବିନାଶ ପ୍ରଧାନ ପ୍ରପୁଖ ଯୋଗ ଦେଇଥିଲେ। ଶ୍ରୀ ପରିଡା ଉକ୍ତ ମଞ୍ଚରେ ଏକ ଜଗନ୍ନାଥ ଭଜନ ପରିବେଶଣ କରିଥିଲେ। ପରେପରେ କୁନିକୁନି ପିଲାମାନଙ୍କ ଦ୍ୱାରା ନୃତ୍ୟ ସଂଗୀତ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

# ଥାନା ଘେରିଲା ଭୀମ ଆର୍ମି ସଂଗଠନ



**ଆନନ୍ଦପୁର, ୧୪ା୧୦ (ସମିସ):** ଆଦିବାସୀଙ୍କ ବିରୋଧରେ ମିଥ୍ୟା ମାମଲାକୁ ବିରୋଧ କରି ଘଷିପୁରା ଥାନା ଘେରଉ କରିଛି କେନ୍ଦୁଝର ଭିମ୍ ଆର୍ମି ସଂଗଠନ। ପୁଲିସ୍ ବଳୟକୁ ଭେଦକରି ଥାନା ମଧ୍ୟକୁ ଠେଲାପେଲା ଓ ଉତ୍ତେଜନା ମଧ୍ୟରେ ଧସେଇ ପଶିବାକୁ ଉଦ୍ୟାମ କରିଥିଲେ ଆନ୍ଦୋଳନକାରୀ। କିଛିଦିନ ତଳେ ନିର୍ଦ୍ଦିଷ୍ଟ ଏକ ଘଟଣାରେ କେତେକ ଅନୁସୂଚିତ ଜାତିର ଯୁବକଙ୍କ ନାମରେ ମାମଲା ରୁଜୁ କରିଥଲା ଘଷିପୁରା ପୁଲିସ। ସଂପୃକ୍ତ ଯୁବକଙ୍କ ସଂପୃକ୍ତି ନଥିବା ଓ ପୁଲିସ୍ ଉଦ୍ଦେଶ୍ୟମୂଳକ ଭାବେ ତାଙ୍କ ନାମ ଯୋଡିଥିବା ଅଭିଯୋଗରେ ଦର୍ଶାଇ ସଂଗଠନ ପକ୍ଷରୁ ଏହି ଆନ୍ଦୋଳନରେ ମହିଳା ଓ ବିଭିନ୍ନ କର୍ମକର୍ତ୍ତା ସାମିଲ ହୋଇଥିଲେ। ଘଷିପୁରା ଥାନା ସବଇନସପେକ୍ଟରଙ୍କୁ ନିଲମ୍ବନ ପାଇଁ ଦାବି କରିଛି ଭିମ୍ ଆର୍ମି। ସେପଟେ ଅଭିଯୋଗକୁ ଖଣ୍ଡନ କରିଛନ୍ତି କେନ୍ଦୁଝର ଜିଲ୍ଲା ଅତିରିକ୍ତ ଏସ୍‌ପି। ପୋଲିସ୍ ଦ୍ୱାରା କୈଣସି ଭୁଲ୍ ହୋଇନାହିଁ ବରଂ ସଂପୃକ୍ତ ଘଟଣାରେ ନିରପେକ୍ଷ ଭାବେ କାମ କରିଛି। ଦାବିକୁ ଏସ୍‌ପି ଆଉଥରେ ତଜମା କରି ଆବଶ୍ୟକ ପଦକ୍ଷେପେ ବେବେ ବୋଲି କହିଛନ୍ତି ଅତିରିକ୍ତ ଏସ୍‌ପି ହରପ୍ରିୟା ନାୟକ।

# ନୂତନ ପଞ୍ଚାୟତ ଗଠନ ପାଇଁ ଉପଜିଲ୍ଲାପାଳଙ୍କୁ ଦାବିପତ୍ର



**ଆନନ୍ଦପୁର, ୧୪ା୧୦ (ସମିସ):** ଆନନ୍ଦପୁର ବ୍ଲକ୍ ବାଉଁଶଗଡ଼ ପଞ୍ଚାୟତର ତିନିଟି ଗ୍ରାମ ସମେତ ବୈତରଣୀ ନଦୀର ଅପାରପାର୍ଶ୍ୱରେ ଥିବା ବୀରଗୋବିନ୍ଦପୁର ପଞ୍ଚାୟତର ଦୁଇ ଗ୍ରାମକୁ ନେଇ ନୂତନ ପଞ୍ଚାୟତ ଗଠନ ପାଇଁ ଗ୍ରାମବାସୀ ଉପଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ପଞ୍ଚାୟତ ପୁନର୍ଗଠନ ପ୍ରକ୍ରିୟା ଆରମ୍ଭ ହୋଇଥିବାରୁ ବାଉଁଶଗଡ଼ ପଞ୍ଚାୟତର ବାଙ୍ଗିଡ଼ି, ଷଡ଼ଙ୍ଗୀ ଓ ସୁନ୍ଦୁରିଆ ଗ୍ରାମକୁ ନେଇ ନୂତନ ପଞ୍ଚାୟତ ଗଠନ ପାଇଁ ଦାବି ହେଉଛି। ସୁନ୍ଦୁରିଆ ଗ୍ରାମରେ ୯୫୦, ବାଙ୍ଗିଡ଼ିରେ ୧୨୫୦, ଷଡ଼ଙ୍ଗୀରେ ୬୫୦ଜଣ ଭୋଟର ରହିଥିବାରୁ ତିନି ଗ୍ରାମର ଲୋକସଂଖ୍ୟା ପ୍ରାୟ ୫ ହଜାର ଆଦିବାସୀ ବହୁଳ ଅଞ୍ଚଳ। ଏଠାକାର ବିକାଶ ଠିକ୍‌ରେ ହୋଇପାରୁନି। ନୂତନ ପଞ୍ଚାୟତ ଗଠନ କରାଗଲେ ଲୋକେ ସରକାରୀ ଯୋଜନାର ସୁଫଳ ସହଜରେ ପାଇପାରିବେବୋଲିଦାବିପତ୍ରରେଉଲ୍ଲେଖ କରାଯାଇଛି। ଏହାଛଡ଼ା ଗୋହିରାବଣୀ, କୁଣ୍ଡିବାହାଳି ଗ୍ରାମ ବୈତରଣୀ ନଦୀର ଅପରପାର୍ଶ୍ୱ ବୀରଗୋବିନ୍ଦପୁର ପଞ୍ଚାୟତରେ ରହିଛି। ଏହି ଦୁଇ ଗ୍ରାମର ଲୋକେ ବିଭିନ୍ନ ସରକାରୀ ସୁବିଧାରୁ ବଞ୍ଚିତ ହେଉଛନ୍ତି। ଏହି ଦୁଇ ଗ୍ରାମକୁ ନୂତନ ପଞ୍ଚାୟତରେ ସାମିଲ ହେବାକୁ ସହମତି ପ୍ରକାଶ କରିଛନ୍ତି। ଏନେଇ କେନ୍ଦୁଝର ଜିଲ୍ଲାପାଳ, ରାଜସ୍ୱ ମନ୍ତ୍ରୀ, ପଞ୍ଚାୟତିରାଜ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି।

# ଜରୁରୀ ପରିସ୍ଥିତି ରାଜବନ୍ଦୀଙ୍କୁ ତାମ୍ର ସନନ୍ଦ



**ଆନନ୍ଦପୁର, ୧୪ା୧୦ (ସମିସ):** ଓଡିଶାରେ ଜରୁରୀ ପରିସ୍ଥିତି କାଳରେ ରାଜବନ୍ଦୀଙ୍କୁ କେନ୍ଦୁଝର ଜିଲ୍ଲା ପ୍ରଶାସନ ପକ୍ଷରୁ ସମ୍ମାନ ସ୍ୱରୂପ ତାମ୍ର ସନନ୍ଦ ପ୍ରଦାନ କରାଯାଇଛି। ଜିଲ୍ଲା ସଂସ୍କୃତି ବିଭାଗ ଆନୁକୂଲ୍ୟରେ ରାଜ୍ୟ ସରକାରଙ୍କ ପକ୍ଷରୁ କେନ୍ଦୁଝର ଏଡିଏମ ଏହି ବନ୍ଦୀଙ୍କୁ ନିଜ କାର୍ଯ୍ୟାଳୟ ପ୍ରକୋଷ୍ଠରେ ପୁଷ୍ପଗୁଛ ସହିତ ସମ୍ମାନପତ୍ର ସ୍ୱରୂପ ତାମ୍ର ସନନ୍ଦ ଅର୍ପଣ କରିଥିଲେ। ୧୯୭୫ ଡିସେମ୍ବର ୮ ତାରିଖ ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ଜାତୀୟ ଜରୁରୀ ପରିସ୍ଥିତି ଜାରି କରିଥିଲେ। ଏହି ପରିପ୍ରେକ୍ଷୀରେ ଓଡିଶାର ଅନ୍ୟ ଜିଲ୍ଲା ସମେତ କେନ୍ଦୁଝର ଜିଲ୍ଲା ଓ ଆନନ୍ଦପୁର ଅଞ୍ଚଳରେ ତତ୍କାଳୀନ ଜନସଙ୍ଘର ଯୁବନେତା କ୍ଷୀରୋଦ ପ୍ରସାଦ ସ୍ୱାଇଁଙ୍କ ନେତୃତ୍ୱରେ ସତ୍ୟନାରାୟଣ ମହାପାତ୍ର, ଅରୁଣ କୁମାର ମିଶ୍ର, ରବୀନ୍ଦ୍ର ପ୍ରସାଦ ଚାନ୍ଦ, ଗଦାଧର ମିଶ୍ର, ଦୁର୍ଗାଚରଣ ଦଳେଇ, ନଗେନଚନ୍ଦ୍ର ଚାନ୍ଦ, ନିତ୍ୟାନନ୍ଦ ଦାସ, ହେମନ୍ତ କୁମାର ଜେନା ପ୍ରମୁଖ ତିନି ମାସରୁ ଉର୍ଦ୍ଧ୍ୱ କାଳ ଜେଲ କଟାଇଥିଲେ। ଆନନ୍ଦପୁର ଓ କେନ୍ଦୁଝରର ସମସ୍ତ ରାଜବନ୍ଦୀଙ୍କୁ ଏହି ଅବସରରେ ପ୍ରଶାସନ ପକ୍ଷରୁ ସମ୍ମାନିତ କରାଯାଇଥିବା ସୂଚନା ଦିଆଯାଇଛି।

# ଶହେ ପରିବାରରେ ସାଇ ଭଜନ ଅଭିଯାନ



**ଆନନ୍ଦପୁର, ୧୪ା୧୦ (ସମିସ):** ଶ୍ରୀସତ୍ୟସାଇ ବାବାଙ୍କ ଜୟନ୍ତୀ ଉପଲକ୍ଷେ ପରିବାର ଭଜନ ଆରମ୍ଭ ହୋଇଛି। ଶହେ ପରିବାରରେ ହେବାକୁ ଥିବା ଏହି କାର୍ଯ୍ୟକ୍ରମ ଆନନ୍ଦପୁର କଣ୍ଟିପାଳ ଶୈଳଙ୍ଗ ସରେଇ ଗ୍ରାମରୁ ଆରମ୍ଭ ହୋଇଥିବା ବେଳେ ଆନନ୍ଦପୁର ସମିତି ଆବାହକ ନିତ୍ୟାନନ୍ଦ ସାମଲଙ୍କ ପରିବାର ରୁ ଶୁଭାରମ୍ଭ ହୋଇଛି। ପ୍ରତିଦିନ ଭାବ ଓ ଭକ୍ତିରେ ହେଉଥିବା ଏହି ପରିବାର ଭଜନରେ ଆବାହକ ଶ୍ରୀ ସାମଲଙ୍କ ତତ୍ତ୍ୱାବଧାନରେ ଡାକ୍ତର ଶିଶିର କୁମାର ଦାସ ଅଧ୍ୟାପକ ପ୍ରମୋଦ ରାଜ ହାଡିବନ୍ଧୁ ସି ବଂକିମ ପଟ୍ଟନାୟକ ମଦନ ପାଣି ଅସିତ ନାୟକ ବାବୁଲି ମିଶ୍ର ଦିଲୀପ ଧଳ ନନ୍ଦକିଶୋର ଦଳେଇ ରାଜେନ୍ଦ୍ର ସାହୁ ମନରଞ୍ଜନ ସିଂହ ଶ୍ରୀକାନ୍ତ ସାହୁ ଶତ୍ରୁଘ୍ନ ଶତପଥୀ ଅସିତ କୁମାର ନାୟକ ଗୋପରଞ୍ଜନ ପାଣି ନିରୁପମା ପଟ୍ଟନାୟକ ମାମା ମହାପାତ୍ର ଲିଲି ରାଉତ ସମେତ ସାଇ ପରିବାରର ଭାଇଭଉଣୀମାନେ ଯୋଗଦେଉଥିବା ଜଣାଯାଇଛି। ଏହି କାର୍ଯ୍ୟକ୍ରମ ଆସନ୍ତା ନଭେମ୍ବର ୨୩ ତାରିଖ ପର୍ଯ୍ୟନ୍ତ ପ୍ରତିଦିନ ଚାଲିବ ବୋଲି ସୂଚନା ମିଳିଛି।

# ଓଡ଼ିଶା ରାଜ୍ୟ ସମବାୟ ନୀତି ସମ୍ବନ୍ଧିତ ଆଞ୍ଚଳିକ କର୍ମଶାଳା

**କେନ୍ଦୁଝର, ୧୪ା୧୦(ସମିସ)**




କେନ୍ଦୁଝର ପ୍ରେକ୍ଷାଳୟରେ ପାଞ୍ଚଟି ଜିଲ୍ଲା କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଯାଜପୁର ଓ ଭଦ୍ରକକୁ ନେଇଓଡିଶା ରାଜ୍ୟ ସମବାୟନୀତି ୨୦୨୫ ଉପରେ ଏକ ଆଞ୍ଚଳିକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ସମବାୟ, ହସ୍ତତନ୍ତ ଓ ବୟନ ଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ମୁଖ୍ୟଅତିଥି ଭାବେ ନୂତନ ସମବାୟ ଚିଠା ନୀତି ସମ୍ପର୍କରେ ସୂଚନା ଦେଇଥିଲେ। ବିଧାୟକ, ତେଲକୋଇ ଡାକ୍ତର ଫକୀର ମୋହନ ନାଏକ, ବିଧାୟକ ପାଟଣା ଅଖିଳଚନ୍ଦ୍ର ନାଏକ, ବିଶିଷ୍ଟ ସମବାୟବିତ ତଥା ଓଡିଶା ରାଜ୍ୟ ସମବାୟ ନୀତି ୨୦୨୫ ଚିଠା କମିଟିର ପ୍ରମୁଖ ସଦସ୍ୟ ଯଜ୍ଞେଶ୍ୱର ବାବୁ, ପ୍ରଖ୍ୟାତ ସମବାୟବିତ ପ୍ରଫେସର ହରେକୃଷ୍ଣ ମିଶ୍ର, ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ତଥା ଓଡିଶା ରାଜ୍ୟ ସମବାୟ ନୀତି ୨୦୨୫ ଚିଠା କମିଟିର ସଦସ୍ୟ ଗୋପବନ୍ଧୁ ଶତପଥୀ, ବରିଷ୍ଠ ସମବାୟବିତ ତଥା ଚିଠା କମିଟିର ସଦସ୍ୟ ଅଜୟ କୁମାର ସାହୁ, ପ୍ରମୋଦ ସାହୁ, ଯୁଗ୍ମ ନିବନ୍ଧକ, କୃଷ୍ଣଚନ୍ଦ୍ର ଦାସ, ଯୁଗ୍ମ ନିବନ୍ଧକ, ସମବାୟ ସମିତି ସମୂହ ଉପସ୍ଥିତ ଥିଲେ। ପାଞ୍ଚଟି ଜିଲ୍ଲାର ସମସ୍ତ ଉପନିବନ୍ଧକ, ସମବାୟ ସମିତି ସମୂହ ତଥା ଅନ୍ୟାନ୍ୟ ସମବାୟ ବିଭାଗର ଅଧିକାରୀ ସହଯୋଗ କରିଥିଲେ। ଉପନିବନ୍ଧକ କେନ୍ଦୁଝର ପର୍ଶୁରାମ ପାତ୍ରଙ୍କ ତତ୍ତ୍ୱାବଧାନରେ ସମବାୟ ବିଭାଗର ଅନ୍ୟାନ୍ୟ କର୍ମଚାରୀ ଏକାଦଶୀ ଦାସ, ସହକାରୀ ନିବନ୍ଧକ, ବାଲେଶ୍ୱର, ମଙ୍ଗଳ ସୋରେନ, ବରିଷ୍ଠ ସହକାରୀ ନିବନ୍ଧକ ଚମ୍ପୁଆ, ରାମଚନ୍ଦ୍ର ବିଶ୍ୱାଳ, ସହକାରୀ ନିବନ୍ଧକ ଅନନ୍ଦପୁର, ବସନ୍ତ ନାୟକ, ସହକାରୀ ନିବନ୍ଧକ କରଞ୍ଜିଆ, ସୁଶୀଲଚନ୍ଦ୍ର ନାଏକ, ହେମନ୍ତ ନାଏକ, ବିମ୍ବାଧର ନାଏକ, ଯତୀନ ମହାନ୍ତ, ବିଭୁତି ଭୂଷଣ ନାଏକ, ଦିବ୍ୟରଞ୍ଜନ ସେଠୀ, ରଞ୍ଜନ ନାଏକ ପ୍ରମୁଖ ସହଯୋଗ କରିଥିଲେ। ଉପନିବନ୍ଧକ ମୟୂରଭଞ୍ଜ ଅଶୋକ ପାଣି ଧନ୍ୟବାଦ ଅର୍ପଣ କରିଥିଲେ।

### ଠିକାସଂସ୍ଥାର ନିଘା ନାହିଁ

# ପାଇପ୍ ଫାଟି ରାସ୍ତାରେ ପାଣି



**ତେଲକୋଇ, ୧୪ା୧୦(ସମିସ):** ବୃହତ ଜଳଯୋଗାଣ ପ୍ରକଳ୍ପ ଏଲ୍‌ଆଣ୍ଡଟି ସଂସ୍ଥାର ମନମୁଖୀ କାର୍ଯ୍ୟ ଯୋଗୁଁ ତେଲକୋଇ ବ୍ଲକ ଶିବନାରାୟଣପୁର ଗୋଡା ଗ୍ରାମ ଦୋଳମଣ୍ଡପ ସାହିଠାରୁ ତଳସାହି ପର୍ଯ୍ୟନ୍ତ ରାସ୍ତା ଅତ୍ୟନ୍ତ ଶୋଚନୀୟ ହୋଇ ପଡ଼ିଛି। ରାସ୍ତା କଡ଼ରେ ବିଛା ଯାଇଥିବା ପାଣି ପାଇପ ଫାଟି ଆଜକୁ ଦୁଇ ଦିନ ହେବ ରାସ୍ତା ଉପରେ ଆଣ୍ଠୁଏ ପାଣି ପ୍ରବାହିତ ହେଉଛି। ଫଳରେ ଦୋଳ ମଣ୍ଡପ ସାହିରୁ ତଳ ସାହି ପର୍ଯ୍ୟନ୍ତ ଦୀର୍ଘ ରାସ୍ତା ପାଣି ସର ସର ହେବା ସହିତ କାଦୁଅରେ ଭର୍ତ୍ତି ହୋଇଛି। ସ୍ଥାନୀୟ ବାସିନ୍ଦାଙ୍କ ସମେତ ଛାତ୍ରଛାତ୍ରୀ ବିଦ୍ୟାଳୟ ଯିବାଆସିବାରେ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ ହୋଇଛି। ଅନ୍ୟପଟେ ଦୁଇ ଦିନ ଧରି ବ୍ୟାପକ ଜଳ ଅପଚୟ ହେଉଥିଲେ ସୁଦ୍ଧା ଜଳଯୋଗାଣକାରୀ ସଂସ୍ଥାର ନିଦ ଭାଙ୍ଗୁ ନାହିଁ। ଏଥିପ୍ରତି ବିଭାଗୀୟ ଅଧିକାରୀ ଦୃଷ୍ଟି ଦେବାକୁ ଦାବି ହୋଇଛି।

## ଛତୁ ଚାଷ ପାଇଁ ସ୍ୱରୋଜଗାର ତାଲିମ




ମହୁଲଡିହା,୧୪।୧୦(ସମିସ): ଗ୍ରାମୀଣ ସ୍ୱରୋଜଗାର ତାଲିମ କେନ୍ଦ୍ର ପକ୍ଷରୁ ଖଣ୍ଡବନ୍ଧ ଗ୍ରାମରେ ୧୦ ଦିନିଆ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି । ବାରିପଦାସ୍ଥିତ ଆରସେଟି ପକ୍ଷରୁ ଏହି ତାଲିମ ଶିବିରରେ ପ୍ରଶିକ୍ଷକମାନେ ରହି ତାଲିମ ପ୍ରଦାନ କରିଥିଲେ । ଖଣ୍ଡବନ୍ଧ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଆୟୋଜିତ ତାଲିମ ଶିବିରରେ ଅନ୍ତର୍ଯ୍ୟାମୀ ମହାନ୍ତ ତାଲିମଦାତା ଭାବେ ଯୋଗଦେଇ ପ୍ରଶିକ୍ଷଣ ପ୍ରଦାନ କରିଥିଲେ । ୩୦ ଜଣ ମହିଳା ନିୟମିତ ତାଲିମ ଗ୍ରହଣ କରି ଛତୁ ଉତ୍ପାଦନ, ସଂରକ୍ଷଣ ଓ ଛତୁରୁ ବିଭିନ୍ନ ଖାଦ୍ୟ ସାମଗ୍ରୀ ତିଆରି କରିବା ପ୍ରଣାଳି ପ୍ରଶିକ୍ଷଣ ନେଇଥିଲେ । ଆରସେଟିର ନିର୍ଦ୍ଦେଶକ ହେମନ୍ତ କୁମାର ଦାଶ, ଜିଲ୍ଲା ପରିଷଦ ଜୀବିକା ପ୍ରୋଗ୍ରାମ ମ୍ୟାନେଜର ମଧୁସ୍ମିତା ଭୂୟାଁ, କାର୍ଯ୍ୟକ୍ରମ ଅଧିକାରୀ (ଗୃହ) କନ୍ୟାକୁମାରୀ ମିଶ୍ର, ଠାକୁରମୁଣ୍ଡା ପ୍ରେସ କ୍ଲବ ସଭାପତି ଶରତ କୁମାର ତ୍ରିପାଠୀ ପ୍ରମୁଖ ଅତିଥି ଭାବେ ଯୋଗଦେଇ ତାଲିମର ପ୍ରୟୋଗ ଏବଂ ରୋଜଗାର ବୃଦ୍ଧି ଉପରେ ଗୁରୁତ୍ୱାରୋପ କରିଥିଲେ ଲକ୍ଷ୍ମୀଧର ହାଁସଦା ହାଁସଦା ଓ ଭାଗ୍ୟବତୀ ଓଝା ତାଲିମ ପରୀକ୍ଷକ ଭାବେ ଯୋଗଦେଇ ତାଲିମାର୍ଥୀଙ୍କୁ ମୂଲ୍ୟାୟନ କରିଥିଲେ । ପ୍ରଶିକ୍ଷାର୍ଥୀଙ୍କୁ ଆରସେଟି ପକ୍ଷରୁ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା । ଶେଷରେ ଅନ୍ତର୍ଯ୍ୟାମୀ ମହାନ୍ତ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ ।

## ବେସରକାରୀ ବିଏଡ୍ କୋର୍ସ ଖୋଲିବା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ମମତାଙ୍କ ପ୍ରସ୍ତାବ

ବାରିପଦା,୧୪।୧୦(ସମିସ): ରାଜ୍ୟରେ ବିଏଡ୍ ଶିକ୍ଷା ପ୍ରତି ଛାତ୍ରଛାତ୍ରୀଙ୍କ ଆଗ୍ରହ ବଢୁଥିବା ବେଳେ ଅଧିକା ସଂଖ୍ୟାରେ ବିଏଡ୍ କଲେଜ ଖୋଲୁନାହିଁ । ସରକାରୀ ସ୍ତରରେ ଯେତିକି ବିଏଡ୍ ସିଟ୍ ଅଛି ତାହା ପର୍ଯ୍ୟାପ୍ତ ନୁହେଁ । ତେଣୁ ବହୁ ସଂଖ୍ୟକ ଛାତ୍ରଛାତ୍ରୀ ଆନ୍ଧ୍ର ତଥା ଅନ୍ୟ ରାଜ୍ୟରେ ଲକ୍ଷାଧିକ ଟଙ୍କା ଦେଇ ପାଠପଢୁଛନ୍ତି ଏବଂ ପାସ୍‌କରି ଓଡ଼ିଶାରେ ସରକାରୀ ଚାକିରି କରୁଛନ୍ତି । ପ୍ରତିବର୍ଷ ଲକ୍ଷାଧିକ ଛାତ୍ରଛାତ୍ରୀ ଆନ୍ଧ୍ର ମୁହାଁ ହେଉଛନ୍ତି । ଯାହାଫଳରେ କୋଟିକୋଟି ଟଙ୍କା ଓଡ଼ିଶାରୁ ବାହାର ରାଜ୍ୟକୁ ଯାଉଛି । ଯାହାକି ଅର୍ଥନୈତିକ ଦୃଷ୍ଟିରୁ ମଧ୍ୟ ଆମ ରାଜ୍ୟ ଓଡ଼ିଶା ନିମ୍ନଗାମୀ ହେଉଛି । ତା ସହିତ ରାଜ୍ୟରେ ବିଏଡ୍ କୋର୍ସ କମ୍ ଥିବାରୁ ବହୁ ଛାତ୍ରଛାତ୍ରୀ ଏମ୍‌ଏଡ୍ କୋର୍ସ କରି ମଧ୍ୟ କୌଣସି ନିଯୁକ୍ତିର ସୁଯୋଗ ପାଇ ପାରୁନାହାନ୍ତି । ଯଦି ରାଜ୍ୟ ସରକାର ବେସରକାରୀ ମହାବିଦ୍ୟାଳୟମାନଙ୍କରେ ବିଏଡ୍ କୋର୍ସ ଖୋଲିବାକୁ ଅନୁମତି ଦେଇଥାନ୍ତେ, ତେବେ ଆମ ରାଜ୍ୟର ବହୁ ସଂଖ୍ୟକ ଛାତ୍ରଛାତ୍ରୀ ଓ ଗରିବ ଶ୍ରେଣୀର ଛାତ୍ରଛାତ୍ରୀ ମଧ୍ୟ ସୁଯୋଗ ପାଇଥାନ୍ତେ । ଏବଂ ଏମ୍‌ଏଡ୍ ପାସ୍ କରିଥିବା ଛାତ୍ରଛାତ୍ରୀ ନିଯୁକ୍ତି ମଧ୍ୟ ପାଇଥାନ୍ତେ । ଏସବୁ ସମସ୍ୟାକୁ ଆଖି ଆଗରେ ରଖି ଶିକ୍ଷା ବର୍ଷ ୨୦୨୩-୨୪ ମସିହାରେ ସମନ୍ୱିତ ବିଏ ବିଏଡ୍ ଓ ବିଏସି ବିଏଡ୍ ଖୋଲିବା ନିମନ୍ତେ ଉଚ୍ଚ ଶିକ୍ଷା ବିଭାଗ ଏଚପିସି ପୋର୍ଟାଲରେ ସୁଯୋଗ ଦେଇଥିଲେ ଓ ବହୁ ବେସରକାରୀ ଅନୁଷ୍ଠାନ ବା ମହାବିଦ୍ୟାଳୟ ଗୁଡ଼ିକ ବିଏଡ୍ କୋର୍ସ ଖୋଲିବା ପାଇଁ ଆବେଦନ ମଧ୍ୟ କରିଥିଲେ । ମାତ୍ର ଏଯାବତ୍ ଆଶାୟୀ ଛାତ୍ରଛାତ୍ରୀମାନେ ଅପେକ୍ଷାରତ । ଛାତ୍ରଛାତ୍ରୀଙ୍କ ସମସ୍ୟାକୁ ହୃଦବୋଧ କରି ରାଜ୍ୟସଭା ସାଂସଦ ମମତା ମହାନ୍ତ ପତ୍ର ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କୁ ଉପରୋକ୍ତ ସମସ୍ୟାଗୁଡ଼ିକ ସମ୍ବନ୍ଧରେ ବିସ୍ତୃତ ତଥ୍ୟ ଉପସ୍ଥାପନ କରି ରାଜ୍ୟର ବିଭିନ୍ନ ବେସରକାରୀ ଅନୁଷ୍ଠାନ ଗୁଡ଼ିକରେ ବିଏଡ୍ କୋର୍ସ ଖୋଲିବା ପାଇଁ ଅନୁମତି ଦେବାକୁ ପ୍ରସ୍ତାବ ଦେଇଛନ୍ତି । ତତ୍‌ସହିତ ରାଜ୍ୟରେ ସରକାରୀ ସ୍ତରରେ ବିଏଡ୍ କଲେଜ କମ୍ ଥିବାରୁ ମୁଖ୍ୟମନ୍ତ୍ରୀଙ୍କ ସହିତ, ରାଜ୍ୟ ଉଚ୍ଚଶିକ୍ଷା ମନ୍ତ୍ରୀ ଓ ଉଚ୍ଚଶିକ୍ଷା ଶାସନ ସଚିବଙ୍କୁ ବେସରକାରୀ ସ୍ତରରେ ବିଏଡ୍ ଖୋଲିବା ନିମନ୍ତେ ବିଶେଷ ଅନୁରୋଧ ମଧ୍ୟ କରିଛନ୍ତି । ମୟୂରଭଞ୍ଜ ଭଳି ଆଦିବାସୀ ବହୁଳ ଜିଲ୍ଲାରେ ବିଏଡ୍ କୋର୍ସ ଖୋଲିବାର ଆବଶ୍ୟକତା ରହିଛି ବୋଲି ଶ୍ରୀମତୀ ମହାନ୍ତ ମୟୂରଭଞ୍ଜ ଜିଲ୍ଲା ପ୍ରତି ବିଶେଷ ଦୃଷ୍ଟି ଦେବାକୁ ସରକାରଙ୍କର ଦୃଷ୍ଟି ଆକର୍ଷଣ କରିଛନ୍ତି ।

### ଗମ୍ଭାରିଆ ସେତୁ ନିକଟରେ ଡକାୟତି ଯୋଜନା ପଣ୍ଡ

## ଅସ୍ତ୍ରଶସ୍ତ୍ର ସହ କାର୍ ଜବତ; ୪ ଅଭିଯୁକ୍ତ ଗିରଫ






ରାଇରଙ୍ଗପୁର/ବହଳଦା,୧୪।୧୦ (ସମିସ): ମୟୂରଭଞ୍ଜ ଜିଲ୍ଲା ବହଳଦା ଥାନା ଅଞ୍ଚଳରେ ଗତକାଲି ରାତିରେ ପୁଲିସ ଏକ ବଡ଼ଧରଣର ଡକାୟତି ଯୋଜନା ପଣ୍ଡ କରିଛି । ଡକାୟତି ଘଟଣାରେ ବହଳଦା ଥାନା ଭାରପ୍ରାପ୍ତ ଇନ୍ସପେକ୍ଟର ଭାସ୍କର ପ୍ରଧାନଙ୍କ ନେତୃତ୍ୱରେ ପୁଲିସ ଟିମ୍ ଗମ୍ଭାରିଆ ନଦୀ ସେତୁ ନିକଟରୁ ଅସ୍ତ୍ରଶସ୍ତ୍ରସହ କାର୍ ଜବତ କରିଥିବା ବେଳେ ୪ ଅଭିଯୁକ୍ତଙ୍କୁ ଗିରିଫ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ ମୟୂରଭଞ୍ଜ ଜିଲ୍ଲା କରଞ୍ଜିଆ ଥାନା ଅଧୀନ ଭରଣୀ ଗ୍ରାମର ମନୋଜ କୁମାର ପାତ୍ର ଓରଫ ମୋତିଲାଲ(୩୫), ଘୋଡାସାହି ଗ୍ରାମର ବନ୍ଦନ କୁମାର ପଣ୍ଡା (୨୨), ଯାଜପୁର ଜିଲ୍ଲାର ଯାଜପୁର ରୋଡ ଥାନା ଅଧୀନ ମାରାମଛାଇ ଗ୍ରାମର କୁନା ସୁଣ୍ଡି ଓରଫ ନବଘନ ସୁଣ୍ଡି (୨୬), ଯାଜପୁର ରୋଡ ଥାନା ଅଧୀନ ଧବଳଗିରି ଗ୍ରାମର ରାଜେଶ ଡାଙ୍ଗା ଓରଫ ମିଣ୍ଟୁ (୨୭) । ସୂଚନାନୁଯାୟୀ, ଗତ ସୋମବାର ରାତି ପ୍ରାୟ ୧୧ଟା ସମୟରେ ପୁଲିସକୁ ସୂଚନା ମିଳିଥିଲା ଯେ କିଛି ଅଜ୍ଞାତ ବ୍ୟକ୍ତି ଗମ୍ଭାରିଆ ନଦୀ ସେତୁ ନିକଟରେ ଏକତ୍ରିତ ହୋଇ ସ୍ଥାନୀୟ ବଜାର ଅଞ୍ଚଳରେ ଡକାୟତି ଯୋଜନା କରୁଛନ୍ତି । ସୂଚନା ପାଇ ଇନ୍ସପେକ୍ଟର ଭାସ୍କର ପ୍ରଧାନ ତାଙ୍କ ଦଳ ସହିତ ଘଟଣାସ୍ଥଳରେ ପହଞ୍ଚି ଉକ୍ତ ୪ ଅପରାଧୀଙ୍କୁ ଗିରଫ କରିଥିଲେ । ପୁଲିସ ସେମାନଙ୍କୁ ଗିରଫ କରିଥିବା ବେଳେ ଘଟଣାସ୍ଥଳରୁ ଏକ ୭.୬୫ ମିମି ପିସ୍ତଲ ସହ ୧୦ଟି ଜୀବନ୍ତ ଗୁଳି ଭର୍ତ୍ତି ମାଗାଜିନ୍, ଓଡି ୦୨ସିଡବ୍ଲୁ ୩୯୭୬ ନଂ ବିଶିଷ୍ଟ ଏକ କାର, ୩ଟି ମୋବାଇଲ୍ ଫୋନ୍, ତିନିଟି ଲୁହା ଖଣ୍ଡା, ଏକ କାଠବାଡି, ଏକ ଛୁରୀ, ଦୁଇ ପ୍ୟାକେଟ ଲଙ୍କା ଗୁଣ୍ଡ ପାଉଡର ଓ ଏକ କଳା ମାଙ୍କଡି ଟୋପି ଜବତ କରାଯାଇଥିଲା । ପୁଲିସ୍ ତଦନ୍ତରୁ ଜଣାପଡିଛି ଯେ ଏହି ଅପରାଧୀମାନେ ଅକ୍ଟୋବର ୧୨ ତାରିଖ ସନ୍ଧ୍ୟାରେ ବିସୋଇ ଥାନା ଅଧୀନ ବାଡୁଣିଆ ଗ୍ରାମର ପ୍ରକାଶ ସୋରେନଙ୍କ ଘରୁ ଡକାୟତି କରିବାକୁ ଉଦ୍ୟମ କରିଥିଲେ । ରାଇରଙ୍ଗପୁର, କରଞ୍ଜିଆ, ଯଶିପୁର ଇତ୍ୟାଦି ଅଞ୍ଚଳରେ ଆହୁରି ଡକାୟତି କରିବାକୁ ଯୋଜନା ମଧ୍ୟ କରୁଥିଲେ । ପୁଲିସ ତଦନ୍ତରୁ ଜଣାପଡିଛି ଯେ ମୁଖ୍ୟ ଅଭିଯୁକ୍ତ କୁନା ସୁଣ୍ଡି ଜଣେ ଅଭ୍ୟାସଗତ ଅପରାଧୀ । ଯାଜପୁର ରୋଡ୍, କୋରାଇ ଏବଂ କଳିଙ୍ଗ ନଗର ଥାନାରେ ୧୯ରୁ ଅଧିକ ମାମଲାରେ ସେ ଜଡିତ । ଚୋରି, ଅସ୍ତ୍ରଶସ୍ତ୍ର ଆଇନ ଏବଂ ଡକାୟତି ଷଡ଼ଯନ୍ତ୍ର ସହିତ ଜଡିତ ଅନେକ ଗୁରୁତର ମାମଲା ତା ନାମରେ ରହିଛି । ଏନେଇ ବହଳଦା ଥାନାରେ ମାମଲା ରୁଜୁ ହୋଇଥିବା ବେଳେ ଭାରତୀୟ ଦଣ୍ଡ ସଂହିତା (ଆଇପିସି)ର ଧାରା ୩୧୦(୪)/୩୧୦(୫) ଏବଂ ଅସ୍ତ୍ରଶସ୍ତ୍ର ଆଇନ, ୧୯୫୯ର ୨୫/୨୭ ଅନୁଯାୟୀ ଗିରଫ ଅପରାଧୀଙ୍କ ବିରୁଦ୍ଧରେ ମାମଲା ରୁଜୁ କରାଯାଇଛି । ଇନ୍ସପେକ୍ଟର ଭାସ୍କର ପ୍ରଧାନଙ୍କ ଅନୁସାରେ ପୁଲିସର ତୁରନ୍ତ କାର୍ଯ୍ୟାନୁଷ୍ଠାନ ଫଳରେ ବଡ଼ ଧରଣର ଘଟଣା ଏଡାଇ ଦିଆଯାଇଛି । ସମସ୍ତ ଗିରଫ ଅଭିଯୁକ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଯାଇଥିବା ବେଳେ ପୁଲିସ୍ ପ୍ରଶାସନ ପକ୍ଷରୁ ଘଟଣାର ଅଧିକ ତଦନ୍ତ ଜାରି ରହିଛି ।

## ଅସଦାଚରଣ କରି ଯୁବକ ଗିରଫ

କୁଆମରା,୧୪।୧୦(ସମିସ): କୁଆମରା ଫାଣ୍ଡି ଅଞ୍ଚଳର ଜଣେ ବିବାହିତା ମହିଳାଙ୍କୁ ଅସଦାଚରଣ ଉଦ୍ୟମ କରିଥିବା ଅଭିଯୋଗରେ ଜଣେ ଯୁବକଙ୍କୁ ପୁଲିସ ଗିରଫ କରି କୋର୍ଟଚାଲାଣ କରିଛି । ଗିରଫ ଯୁବକ ଜଣଙ୍କ ହେଲେ ରାଜା ସିଂ (୨୨) । ପୁଲିସ ମାମଲା ରୁଜୁ କରିଥିବାର କୁଆମରା ଫାଣ୍ଡି ଅଧିକାରୀ ରସାନନ୍ଦ ମହାନ୍ତି କହିଛନ୍ତି ।

## ଭ୍ୟାନ୍ ଜବତ; ସନ୍ଦିଗ୍ଧ ଫେରାର

କୁଆମରା,୧୪।୧୦(ସମିସ): ଏକ ସନ୍ଦେହ ପୂର୍ଣ୍ଣ ନାଲି ରଙ୍ଗର ଭ୍ୟାନକୁ ସୋମବାର ବିଳମ୍ବିତ ରାତିରେ ଜବତ କରିଛି ପୁଲିସ । ଜୟପୁର-ବାଲେଶ୍ୱର ରାସ୍ତାରେ ମୟୂରଭଞ୍ଜ-ବାଲେଶ୍ୱର ସୀମାନ୍ତ ଖୁଣ୍ଟା ଥାନା ଅଧୀନ କଣ୍ଟିସାହି ଛକଠାରେ ପ୍ରାୟ ରାତି ୨ଟାରେ ଜେଏଚ୍ ୦୬ ଏ - ୭୮୪୯ ନମ୍ବର ବିଶିଷ୍ଟ ଏକ ଭ୍ୟାନ୍ ପହଞ୍ଚି କିଛି ସମୟ ଅଟକି ରହିଥିଲା । ତେବେ ଦୋକାନମାନଙ୍କରେ ଜଗୁଥିବା କେତେକ ଦୋକାନୀ ପରସ୍ପର ଡକାଡକି ହୋଇ ଗାଡ଼ି ନିକଟରେ ପହଞ୍ଚିବା ବେଳକୁ ଭିତରେ ବସିଥିବା କେତେକ ବ୍ୟକ୍ତି ଦୌଡି ପଳାଇଥିଲେ । ସେମାନଙ୍କୁ ଠାବ କରିବା ସମ୍ଭବ ହୋଇ ପାରି ନଥିଲା, ଫଳରେ ପୁଲିସକୁ ଖବର ଦେଇଥିଲେ । ଖୁଣ୍ଟା ଥାନା ଓ କୁଆମରା ଫାଣ୍ଡି ପୁଲିସ ପହଞ୍ଚି ସଂପୃକ୍ତ ଗାଡିଟିକୁ ଜବତ କରି ଅଟକ ରଖିଛନ୍ତି । ତେବେ ଚୋରି କରିବା ଉଦ୍ଦେଶ୍ୟ ନା ଆଉ କିଛି ତାହା ଜଣାପଡି ନାହିଁ । ଗାଡିଟି ଅତି ପୁରୁଣା ହୋଇଥିବା ବେଳେ ନମ୍ବର ପ୍ଲେଟ୍ ଉପରେ ମଧ୍ୟ ପୁଲିସର ସନ୍ଦେହ ଜାତ ହୋଇଛି । ତେବେ ଆଜି ସନ୍ଧ୍ୟା ସୁଦ୍ଧା ଜବତ ହୋଇଥିବା ଗାଡ଼ିର କେହି ଦାବିଦାର ଆସି ନଥିବା ବେଳେ ପୁଲିସ ତଦନ୍ତ ଚଳାଇଛି ।

## ମାଟି କାନ୍ଥ ପଡି ୨ଜଣ ଗୁରୁତର, ହସ୍ପିଟାଲରେ ଭର୍ତ୍ତି

ବାରିପଦା,୧୪।୧୦(ସମିସ): ଚାନ୍ଦୁଆ ଥାନା ଅନ୍ତର୍ଗତ ଦେଉଳି ପଞ୍ଚାୟତର ଖଡିଆଶୋଳ ଗ୍ରାମରେ ମାଟି କାନ୍ଥ ପଡି ୨ଜଣ ଗୁରୁତ୍ୱର ହୋଇଛନ୍ତି । ନଣଦେଇ ଚକ୍ରଧର ରାଜ ଓ ଭାଉଜ ସୁକାନ୍ତି ଧଳ ନିଜର ପୁରୁଣା ରୋଷେଇ ଘର ପାଖରେ ସଫେଇ କାର୍ଯ୍ୟ କରୁଥିବା ବେଳେ ଅଘଟଣ ଘଟିଥିଲା । ହଠାତ୍ ରୋଷେଇ ଘର ମାଟି କାନ୍ଥଟି ଉଭୟଙ୍କ ଉପରେ ଧସି ପଡିଥିଲା । ଫଳରେ ଦୁହେଁ ଗୁରୁତର ହୋଇଥିଲେ । ପ୍ରାଥମିକ ଚିକିତ୍ସା କରି ଦୁହିଁଙ୍କୁ ଗୁରୁତର ଅବସ୍ଥାରେ ବାରିପଦା ସ୍ଥିତ ପିଆରଏମ ମେଡ଼ିକାଲ କଲେଜ ଓ ହସ୍ପିଟାଲରେ ଆଣି ଭର୍ତ୍ତି କରାଯାଇଛି । ନଣଦେଇ ଚକ୍ରଧର ରାଜଙ୍କ ଛାତି ଓ ଅଣ୍ଟାରେ ମାଡ ହୋଇଥିବା ବେଳେ ଭାଉଜ ସୁକାନ୍ତି ଧଳଙ୍କ ବାମ ପାଶ୍ୱର୍ ଆଣ୍ଠୁ ମାଡ଼ ହୋଇଥିବାର ଜଣାପଡିଛି ।

## ଛାତ୍ରଛାତ୍ରୀଙ୍କୁ ବାର୍ଷିକ ପରୀକ୍ଷା ପ୍ରମାଣପତ୍ର ବିତରଣ



ଠାକୁରଟୋଟା,୧୪।୧୦(ସମିସ): ରଘୁପୁର ପଞ୍ଚାୟତ ଅଧୀନସ୍ଥ ଠାକୁରଟୋଟା ପ୍ରାଥମିକ ବିଦ୍ୟାଳୟରେ ମୁଣ୍ଡାରୀ ଭାଷା ସମନ୍ୱୟ କମିଟି ଆନୁକୂଲ୍ୟରେ ଅନୁଷ୍ଠିତ ମୁଣ୍ଡାରୀ ଭାଷା ଆନ୍ଦୋଳନ ସଚେତନତା କାର୍ଯ୍ୟକ୍ରମରେ ଗତ ଜୁନ୍ ୮ ତାରିଖରେ ଆୟୋଜିତ ମୁଣ୍ଡାରୀ ଭାଷା ବାର୍ଷିକ ପରୀକ୍ଷାର କୃତୀ ପରୀକ୍ଷାର୍ଥୀଙ୍କୁ 'ମୁଣ୍ଡାରୀ ଭାଷା ଶିକ୍ଷା' ପ୍ରମାଣପତ୍ର ପ୍ରଦାନ କରାଯାଇଛି । ମୁଣ୍ଡାରୀ ଭାଷା ସମନ୍ୱୟ କମିଟି ତରଫରୁ ତୃଣମୂଳ ସ୍ତରରେ ଥିବା ମୁଣ୍ଡାରୀ ଭାଷାଭାଷୀ ଲୋକଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ ମୁଣ୍ଡାରୀ ଭାଷା ଆନ୍ଦୋଳନ ଆରମ୍ଭ ହୋଇଛି । ଭାଷା ଆନ୍ଦୋଳନ ଆଗାମୀ ଦିନରେ ସବୁ ମୁଣ୍ଡାରୀ ଭାଷାଭାଷୀ ଅଧ୍ୟୁଷିତ ଗ୍ରାମଗୁଡିକରେ ବ୍ୟାପକ ଭାବେ ଦେଖିବାକୁ ମିଳିବ ବୋଲି ବକ୍ତାମାନେ ବକ୍ତବ୍ୟ ଦେଇଥିଲେ । ମୁଣ୍ଡାରୀ ଭାଷା ସମନ୍ୱୟ କମିଟିର କେନ୍ଦ୍ରୀୟ ଆବାହକ ବିରବଲ ସିଂ, ସାଧାରଣ ସମ୍ପାଦକ ଇଂ ସୁନାରାମ ସିଂ, ମୁଣ୍ଡାରୀ ଶିକ୍ଷା ପରିଷଦ ସମ୍ପାଦକ ବୁଧିଆ ସିଂ, ମୁଣ୍ଡାରୀ ଭାଷା ସମନ୍ୱୟ କମିଟିର ବେତନଟୀ ବ୍ଲକ ଆବାହକ ତପନ ସିଂ ଆଦି ବକ୍ତା ଭାବରେ ଉପସ୍ଥିତ ଥିଲେ । ମୁଣ୍ଡାରୀ ଭାଷାର ସାମାଜିକ ଏବଂ ସାମ୍ବିଧାନିକ ସ୍ୱୀକୃତି ହାସଲ ଓ ତା'ର ସମ୍ମାନର ସୁରକ୍ଷା ହେଉଛି ମୁଣ୍ଡାରୀ ଭାଷା ସମନ୍ୱୟ କମିଟିର ମୁଖ୍ୟ ଲକ୍ଷ୍ୟ । ମୁଣ୍ଡାରୀ ଭାଷାକୁ ସମ୍ବିଧାନର ଅଷ୍ଟମ ଅନୁସୂଚୀରେ ସ୍ୱୀକୃତି ଦେବା ଦାବିରେ ଆଗାମୀ ଶୀତକାଳୀନ ଅଧିବେଶନରେ ଦିଲ୍ଲୀ ଯିବା ନିମନ୍ତେ କମିଟି ତରଫରୁ ନିଷ୍ପତ୍ତି ନିଆଯାଇଛି । ଠାକୁରଟୋଟା ଗ୍ରାମରେ ପ୍ରତ୍ୟେକ ରବିବାର ମୁଣ୍ଡାରୀ ଭାଷା ଶିକ୍ଷା ନିମନ୍ତେ ଥିବା ବିଦ୍ୟାଳୟରେ ସମସ୍ତଙ୍କ ପାଇଁ ଶିକ୍ଷା ଗ୍ରହଣର ସୁବିଧା କରାଯିବା ପାଇଁ ଆହ୍ୱାନ ଦିଆଯାଇଥିଲା । କମିଟିର ସଦସ୍ୟତା ଅଭିଯାନକୁ ଲୋକାଭିମୁଖୀ କରିବାକୁ ନୂତନ ସଦସ୍ୟଙ୍କୁ ବାର୍ଷିକ ପଞ୍ଜୀକରଣ କରିବାକୁ ଆହ୍ୱାନ ଦିଆଯାଇଥିଲା । ଉପସ୍ଥିତ ବକ୍ତାଗଣ ମୁଣ୍ଡାରୀ ଭାଷା ଆନ୍ଦୋଳନକୁ ବ୍ୟାପକ କରିବା ପାଇଁ ପ୍ରେରଣା ଦେଇଥିଲେ । ମୁଣ୍ଡାରୀ ଭାଷାର ସାମ୍ବିଧାନିକ ସ୍ୱୀକୃତି ନିମନ୍ତେ ଗ୍ରାମବାସୀଙ୍କ ସ୍ୱାକ୍ଷରିତ ଦାବିପତ୍ର ପ୍ରଧାନମନ୍ତ୍ରୀ, ରାଷ୍ଟ୍ରପତି, ଗୃହମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରେରଣ କରାଯାଇଛି । ବେତନଟୀ ବ୍ଲକ ଆବାହକ ତପନ ସିଂ ସଭା ପରିଚାଳନା କରିଥିଲାବେଳେ ମୁଣ୍ଡାରୀ ବିଦ୍ୟାଳୟର ସହଶିକ୍ଷୟିତ୍ରୀ ପାର୍ବତୀ ସିଂ ଅତିଥି ପରିଚୟ ଦେଇଥିଲେ । ପ୍ରଧାନଶିକ୍ଷୟିତ୍ରୀ ସବିତା ସିଂ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲା ସମିତିସଭ୍ୟ ସଂଘର ଦାବିପତ୍ର

ହେନ୍ଦୁଝର ୧୪।୧୦(ସମିସ): ତ୍ରିସ୍ତରୀୟ ପଞ୍ଚାୟତ ବ୍ୟବସ୍ଥାର ଅନ୍ୟତମ ପ୍ରମୁଖ ନିର୍ବାଚିତ ପ୍ରତିନିଧି ସମିତିସଭ୍ୟଙ୍କର ବିଭିନ୍ନ ସୁବିଧା ସୁଯୋଗ ପାଇଁ ମଙ୍ଗଳବାର କେନ୍ଦୁଝର ଜିଲ୍ଲା ସମିତି ସଭ୍ୟ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କ ଜରିଆରେ ଦାବିପତ୍ର ପ୍ରଦାନ କରାଯାଇଛି । ସଙ୍ଘର ସଭାପତି ବସନ୍ତ ସାହୁଙ୍କ ନେତୃତ୍ୱରେ ଜିଲ୍ଲାର ୨୯୭ଟି ପଞ୍ଚାୟତର ସମିତିସଭ୍ୟ ଏକତ୍ରିତ ହୋଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୭ ଦଫା ସମ୍ବଳିତ ଦାବିପତ୍ର ଜିଲାପାଳଙ୍କୁ ପ୍ରଦାନ କରିଛନ୍ତି । ଜିଲ୍ଲା ସଦର ମହକୁମାରେ ଏକ ଅତିଥିଶାଳା ନିର୍ମାଣ, ସଭ୍ୟସଭ୍ୟାଙ୍କ ମାସିକ ସିଟିଂ ଆଲାଉନ୍ସ ପ୍ରଦାନ, ପଞ୍ଚାୟତର ଉନ୍ନତିମୂଳକ କାର୍ଯ୍ୟରେ ସମିତିସଭ୍ୟ ଓ ସଭ୍ୟାଙ୍କୁ ସାମିଲ କରିବା, ପ୍ରତ୍ୟେକ ପଞ୍ଚାୟତକୁ ଡିଏମଏଫ ପାଣ୍ଠିରୁ ୩୦ ଶତକଡ଼ା ଅନୁଦାନ ପ୍ରଦାନ ସହ ପ୍ରକଳ୍ପ ଚୟନ ଓ କାର୍ଯ୍ୟକାରିତା କ୍ଷେତ୍ରରେ ସମିତି ସଭ୍ୟଙ୍କୁ ଅଗ୍ରାଧିକାର, ବିକଶିତ ଗାଁ ବିକଶିତ ଓଡିଶା ପ୍ରକଳ୍ପ ଚୟନ ଓ କାର୍ଯ୍ୟ କାରିତା କ୍ଷେତ୍ରରେ ସମିତି ସଭ୍ୟଙ୍କୁ ବାଧ୍ୟତାମୂଳକ ଅଗ୍ରାଧିକାର, କାର୍ଯ୍ୟକାଳ ମଧ୍ୟରେ ମୃତ୍ୟୁ ଘଟିଲେ ଡିଏମଏଫରୁ ଏକ ଲକ୍ଷ ଟଙ୍କା ଅନୁକମ୍ପାମୂଳକ ରାଶି ପ୍ରଦାନ ଓ ନିୟମିତ ପଞ୍ଚାୟତ ସମିତି ସଭ୍ୟମାନଙ୍କ ବୈଠକର ଆୟୋଜନ ଆଦି ୭ ଦଫା ସମ୍ବଳିତ ଦାବିପତ୍ରକୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳ ବିଶାଳ ସିଂଙ୍କୁ ପ୍ରଦାନ କରିଛନ୍ତି । କେନ୍ଦୁଝର ଜିଲ୍ଲା ସମିତିସଭ୍ୟସଭ୍ୟା ସଂଘର ସମ୍ପାଦକ ବିରଞ୍ଚି ନାରାୟଣ ବେହେରାଙ୍କ ସମେତ ସଭ୍ୟସଭ୍ୟା ପଦ୍ମିନୀ ରାୟ, କବିତା ନାଏକ, ମାନସରଞ୍ଜନ ନାଏକ, ମମତାବାଳା ତ୍ରିପାଠୀ, ଶୁଭ୍ରଜିତ ଅମାନ୍ତ ଆଦି ପ୍ରମୁଖ ଉପସ୍ଥିତ ଥିଲେ । ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଇବା ସହ ଏହାର ସମାଧାନ ଦିଗରେ ପଦକ୍ଷେପ ନେବେ ବୋଲି ଜିଲ୍ଲାପାଳ କହିଥିବା ସଂଘର ସଭାପତି ପ୍ରକାଶ କରିଛନ୍ତି ।



## ଏକଦିବସୀୟ ଗଣିତ ଓ ବିଜ୍ଞାନ ପ୍ରଶିକ୍ଷଣ ଶିବିର

ବଡସାହି,୧୪।୧୦(ସମିସ): ମୟୂରଭଞ୍ଜ ଜିଲ୍ଲା ପ୍ରକଳ୍ପ କାର୍ଯ୍ୟାଳୟ, ସମଗ୍ର ଶିକ୍ଷା, ବାରିପଦା ଓ ବଡ଼ସାହି ବ୍ଲକ ଶିକ୍ଷା କାର୍ଯ୍ୟାଳୟ ବିଭାଗର ମିଳିତ ଆନୁକୂଲ୍ୟରେ ଓଏଭି, ବଡ଼ସାହି ଓ ଦଧିବାମାନଜୀଉ ସରକାରୀ ଉଚ୍ଚ ବିଦ୍ୟାଳୟ, ପ୍ରତାପପୁରରେ ବିଭିନ୍ନ ବିଦ୍ୟାଳୟର ଗଣିତ ଓ ବିଜ୍ଞାନ ଶିକ୍ଷକମାନଙ୍କୁ ନେଇ ବଡ଼ସାହି ବ୍ଲକସ୍ତରୀୟ ଏକ ଦିବସୀୟ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି । ଖାନ ଏକାଡେମୀ ପକ୍ଷରୁ ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ ନିମନ୍ତେ ଅନଲାଇନ ମାଧ୍ୟମରେ କିଭଳି ଭାବେ ଗଣିତ ଓ ବିଜ୍ଞାନ ବିଷୟରେ ଦକ୍ଷତା ବୃଦ୍ଧି କରାଯିବ ସେ ନେଇ ପ୍ରଶିକ୍ଷଣ ଦିଆଯାଇଥିଲା । ଶିବିରରେ ବଡ଼ସାହି ବ୍ଲକର ସମସ୍ତ ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ଗଣିତ ଏବଂ ବିଜ୍ଞାନ ଶିକ୍ଷକଶିକ୍ଷୟିତ୍ରୀମାନେ ଯୋଗଦେଇଥିଲେ । କାର୍ଯ୍ୟକ୍ରମରେ ଗଣିତ ଓ ବିଜ୍ଞାନ ପ୍ରଶିକ୍ଷକ ଭାବରେ ଅନିଲ କୁମାର ମହାପାତ୍ର, ସୁବୋଧ କୁମାର ସାହୁ, ଚନ୍ଦନ ଦାସ, ତପନ ଓଝା, ମନୋରଞ୍ଜନ ସାହୁ ପ୍ରମୁଖ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ । ଶିବିର ଆସନ୍ତା ୨୪ ତାରିଖ ପର୍ଯ୍ୟନ୍ତ ଜିଲ୍ଲାର ସମସ୍ତ ବ୍ଲକ୍‌ରେ ଅନୁଷ୍ଠିତ ହେବାକୁ ଯାଉଛି ।

## ରାଜ୍ୟସ୍ତରୀୟ ବ୍ୟାଡମିଣ୍ଟନକୁ ଚେମଣା ଉଚ୍ଚବିଦ୍ୟାଳୟ ଛାତ୍ର ମନୋନୀତ



ତୁରୁମୁଙ୍ଗା, ୧୪।୧୦(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ତୁରୁମୁଙ୍ଗା କ୍ଲଷ୍ଟର ଅନ୍ତର୍ଗତ ଗ୍ରାମପଞ୍ଚାୟତ ନୋଡାଲ ଉଚ୍ଚବିଦ୍ୟାଳୟ ଚେମେଣାର ୮ମ ଶ୍ରେଣୀ ଛାତ୍ର ତାରାରଞ୍ଜନ ମହାନ୍ତ ନବରଙ୍ଗପୁର ଜିଲ୍ଲାର ଉମରକୋଟ ବାଳିକା ଉଚ୍ଚବିଦ୍ୟାଳୟଠାରେ ଗୁରୁବାର ରାଜ୍ୟସ୍ତରୀୟ ୧୪ ବର୍ଷରୁ କମ ବାଳକ ବିଭାଗର ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ପାଇଁ ମନୋନୀତ ହୋଇଛନ୍ତି । ଏଥିପାଇଁ ତାଙ୍କୁ ବିଦ୍ୟାଳୟ ପରିସରରେ ସମ୍ବର୍ଦ୍ଧିତ କରାଯାଇଛି । କେନ୍ଦୁଝର ଶଙ୍କରପୁର ଷ୍ଟାଡିୟମରେ ହୋଇଥିବା ବ୍ୟାଡମିଣ୍ଟନ ପ୍ରତିଯୋଗିତାରେ ଉନ୍ନୀତ ହୋଇ ରାଜ୍ୟସ୍ତରୀୟ ବ୍ୟାଡମିଣ୍ଟନରେ ଭାଗ ନେବାର ସୌଭାଗ୍ୟ ଅର୍ଜନ କରିଛନ୍ତି । ଆସନ୍ତା ଗୁରୁବାର ଖେଳରେ ଭାଗ ନେବାକୁ ବିଦ୍ୟାଳୟର ଶାରୀରିକ ଶିକ୍ଷା ଶିକ୍ଷୟିତ୍ରୀ ତୃପ୍ତିମୟୀ ବାରିକ ଏବଂ ଛାତ୍ର ତାରାରଞ୍ଜନ ମହାନ୍ତ ଯୋଗଦେବାକୁ ଯାଉଥିବାରୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ବାର୍ତ୍ତା ଛୁଟି ଚାଲିଛି । ପାଟଣା ଗୋଷ୍ଠୀ ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ଅମାତ, ପ୍ରଧାନଶିକ୍ଷୟିତ୍ରୀ, ଶିକ୍ଷକଶିକ୍ଷୟିତ୍ରୀ ଶୁଭ କାମନା କରିଛନ୍ତି ।

### ବାରିପଦା ମେଡିକାଲ ହେଲ୍ପଲାଇନ ଅଟୋ ସେବା ଆରମ୍ଭ

## ଦିବ୍ୟାଙ୍ଗ ଓ ହସ୍ପିଟାଲ ଯାଉଥିବା ରୋଗୀଙ୍କୁ ନିଶୁଳ୍କ ସେବା

ବାରିପଦା,୧୪।୧୦(ସମିସ): ଓଡ଼ିଶା ଡ୍ରାଇଭର ମହାସଂଘର ବାରିପଦା ଶାଖା ସଭାପତି ବିନୋଦ ଲୋହାରଙ୍କ ବଦାନ୍ୟତା କାର୍ଯ୍ୟ ଖୁବ୍ ପ୍ରଶଂସା ସାଉଁଟିବାରେ ଲାଗିଛି । ବାରିପଦା ମେଡିକାଲ ହେଲ୍ପଲାଇନ ଅଟୋ ସେବା ଆରମ୍ଭ କରି ଦିବ୍ୟାଙ୍ଗ ଓ ରୋଗୀଙ୍କୁ ନିଶୁଳ୍କ ସେବା ଯୋଗାଉଛନ୍ତି । ବାରିପଦା ବସଷ୍ଟାଣ୍ଡଠାରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ତଥା ପିଆରଏମ୍ ହସ୍ପିଟାଲକୁ ଯାଉଥିବା ରୋଗୀ ଓ ତାଙ୍କ ପରିବାର ଲୋକଙ୍କୁ ମାଗଣାରେ ନେଇ ଯାଉଛନ୍ତି । ବିନୋଦ ଡ୍ରାଇଭର ମହାସଂଘର ସଭାପତି ଥିବା ବେଳେ ବିଭିନ୍ନ ସାମାଜିକ କାର୍ଯ୍ୟରେ ଜଡ଼ିତ ରହିଥାନ୍ତି । ନିଜର ଅଟୋ ଚାଳନା କରି ପରିବାର ପ୍ରତିପୋଷଣ କରିଥାନ୍ତି । ଦିବ୍ୟାଙ୍ଗ ଓ ରୋଗୀମାନଙ୍କୁ ସେବା ଯୋଗାଇବା ନିମନ୍ତେ ତାଙ୍କ ମନରେ ଇଚ୍ଛା ସୃଷ୍ଟି ହୋଇଥିଲା । ଯାହାକୁ ନେଇ ସେ ଉକ୍ତ ନିଆରା ପ୍ରୟାସ ଆରମ୍ଭ କରିଛନ୍ତି । ଅଟୋକୁ ସଜାଇ ରୋଗୀ ଓ ଦିବ୍ୟାଙ୍ଗମାନଙ୍କ ସୁବିଧାଜନକ ବାରିପଦା ମେଡ଼ିକାଲ ହେଲ୍ପଲାଇନ ସେବା ଆରମ୍ଭ କରିଛନ୍ତି । ପ୍ରତିଦିନ ପୂର୍ବାହ୍ନ ୧୧ରୁ ଅପରାହ୍ଣ ୧ପର୍ଯ୍ୟନ୍ତ ବାରିପଦା ବସଷ୍ଟାଣ୍ଡରୁ ପିଆରଏମ ହସ୍ପିଟାଲ ପର୍ଯ୍ୟନ୍ତ ରୋଗୀ ଓ ତାଙ୍କ ସମ୍ପର୍କୀୟଙ୍କୁ ମାଗଣା ସେବା ଯୋଗାଇଥାନ୍ତି ।

### ଡ୍ରାଇଭର ମହାସଂଘର ମହାନତା

ପିଆରଏମ ହସ୍ପିଟାଲ ଉପରେ ମୟୂରଭଞ୍ଜ ଜିଲ୍ଲା ସମେତ ପଡୋଶୀ ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗର ଲୋକେ ମଧ୍ୟ ନିର୍ଭରଶୀଳ ଅଟନ୍ତି । ତେଣୁକରି ସେମାନେ ନିୟମିତ ଭାବେ ବସ୍ ଯୋଗେ ବସ୍‌ଷ୍ଟାଣ୍ଡରେ ପହଞ୍ଚି ହସ୍ପିଟାଲକୁ ଯାଇଥାନ୍ତି । କିନ୍ତୁ ବସଷ୍ଟାଣ୍ଡରୁ ହସ୍ପିଟାଲକୁ ଦୂରତା ଅଧିକ ପାଇଁ ସେମାଙ୍କୁ ଅଟୋ ଭଡ଼ାକରି ଯିବାକୁ ପଡେ, ଏଣୁ ଖର୍ଚ୍ଚାନ୍ତ ହୋଇଥାନ୍ତି । ଚିକିତ୍ସା ପାଇଁ ଆସୁଥିବା ଲୋକଙ୍କ ନିକଟରେ ଅର୍ଥାଭାବ ଦେଖିବାକୁ ମିଳିଥାଏ । ତେଣୁକରି ଏହିପରି ପରିସ୍ଥିତିରେ ସହାୟତା ଯୋଗାଇବା ପାଇଁ ନିଆରା ପ୍ରୟାସ କରିଛନ୍ତି । ପୂର୍ବରୁ ସେ ଦିବ୍ୟାଙ୍ଗମାନଙ୍କୁ ୨୪ଘଣ୍ଟିଆ ସମ୍ପୂର୍ଣ୍ଣ ଭାବେ ମାଗଣା ସେବା ଯୋଗାଇଦେଇଥାନ୍ତି । ବିନୋଦ ଲୋହାର ଓ ତାଙ୍କ ସଂଘର ବାରିପଦା ସହରରେ ନିଶୁଳ୍କ ମେଡିକାଲ ହେଲ୍ପଲାଇନ ସେବା ଖୁବ ପ୍ରଶଂସିତ ହେଉଛି । ବିନୋଦଙ୍କ କହିବାନୁଯାୟୀ, ତାଙ୍କ ଜମା ପୁଞ୍ଜି ଲଗାଇ ଅଟୋକୁ ସୁନ୍ଦର ଭାବେ ସଜାଇଛନ୍ତି । ଲୋକଙ୍କୁ ନେବା ଆଣିବା କରି ଯାହା ଯେତିକି ଭଡ଼ା ମିଳୁଛି । ସେଥିରେ ସେ ପରିବାର ପ୍ରତିପୋଷଣ କରୁଛନ୍ତି । ଏହାପରେ ଜନସେବାକୁ ଗୁରୁତ୍ୱ ଦେଇଛନ୍ତି । ଓଡିଶା ଡ୍ରାଇଭର ମହାସଂଘ ସଦା ଲୋକଙ୍କ ସେବା ନିମନ୍ତେ ଚେଷ୍ଟାରତ ରହିବା ନେଇ ରାଜ୍ୟ ସଭାପତି ପ୍ରଶାନ୍ତ ମେଣ୍ଡୁଲିଙ୍କ ଆହ୍ୱାନକ୍ରମେ ସେ ସେବା ଯୋଗାଇ ଚାଲିଛନ୍ତି । ବିନୋଦଙ୍କ ହେଲ୍ପଲାଇନ ସେବା ବାରିପଦା ସହରରେ ଚର୍ଚ୍ଚିତ ଥିବା ବେଳେ ଜନାଦୃତ ମଧ୍ୟ ହେଉଛି ।




## ଟ୍ରେନ୍ ଧକ୍କାରେ ଅଜଣା ମହିଳା ମୃତ

ରାଇରଙ୍ଗପୁର,୧୪।୧୦(ସମିସ): ମୟୂରଭଞ୍ଜ ଜିଲ୍ଲା ବହଳଦା ରୋଡ ରେଳ ଷ୍ଟେସନ ଓ ଅଁଳାଯୋଡି ଷ୍ଟେସନ ମଧ୍ୟବର୍ତ୍ତି ନିକଟସ୍ଥ ଛେଞ୍ଚଳା ଗ୍ରାମ ନିକଟରେ ଟାଟା ବାଦାମପାହାଡ ପାସେଞ୍ଜର ଟ୍ରେନ୍ ଧକ୍କାରେ ଜନୈକ ଅପରିଚିତ ମହିଳାଙ୍କ ମୃତ୍ୟୁ ଘଟିଛି । ଖବର ପାଇ ବାଲେଶ୍ୱର ରେଳବାଇ ପୁଲିସ ମୃତଦେହ ଉଦ୍ଧାର କରି ରାଇରଙ୍ଗପୁର ଡାକ୍ତରଖାନାକୁ ପଠାଇଛନ୍ତି । ରେଳବାଇ ପୁଲିସ ଅପମୃତ ମାମଲା ରୁଜୁ କରି ତଦନ୍ତ ଚଳାଇଛି । ମୃତ ମହିଳା ଜଣଙ୍କ ଚିହ୍ନଟ ନିମନ୍ତେ ପାଖାପାଖି ୯୬ ଘଣ୍ଟା ପର୍ଯ୍ୟନ୍ତ ପୁଲିସ ହେପାଜତରେ ରହିବ ବୋଲି ନିରୀକ୍ଷଣ ରେଳବାଇ ପୁଲିସ ଗଣେଶ ରାମ ସା ପ୍ରକାଶ କରିଛନ୍ତି ।

## ବନବିଭାଗ ପକ୍ଷରୁ ଶାଗୁଆନ ଗଣ୍ଡି ଜବତ

କରଞ୍ଜିଆ,୧୪।୧୦(ସମିସ): କରଞ୍ଜିଆ ବନଖଣ୍ଡ ଦୁଧିଆଣି ବନାଞ୍ଚଳ ଅଧୀନ ଟଙ୍ଗାବିଲ୍ଲାରୁ ଝାଡ଼ଖଣ୍ଡ ଅଞ୍ଚଳକୁ ଭ୍ୟାନ ଯୋଗେ ଚୋରାରେ ଶାଗୁଆନ ଗଣ୍ଡି ଚାଲାଣ ବେଳେ ବନବିଭାଗ ପକ୍ଷରୁ ଜବତ ହୋଇଥିବା ଜଣାଯାଇଛି । ମଙ୍ଗଳବାର ଦୁଧିଆଣି ବନାଞ୍ଚଳ ଅଧିକାରୀ ମହାବୀର ସିଂ ମୁର୍ମୁ ସଦଳବଳେ ରାତ୍ରିକାଳୀନ ପଇଁତରା କରୁଥିବା ବେଳେ ଚୋରା ଚାଲାଣ ସମ୍ପର୍କରେ ଖବର ପାଇ ଟଙ୍ଗାବିଲ୍ଲା-ଶୁକୁଳି ରାସ୍ତାରେ ଛକି ରହିଥିଲେ । ଗାଡ଼ିନମ୍ବର ଜେଏଚ-୦୬ଏଚ-୭୪୦୯ ଯୋଗେ ୧୩ଗୋଟି ଶାଗୁଆନ ଗଣ୍ଡି ଲୋଡ଼ ହୋଇ ରାସ୍ତାରେ ଯିବା ବେଳେ ବନବିଭାଗ କର୍ମଚାରୀମାନେ ଅଟକାଇଥିଲେ । ଘଟଣାସ୍ଥଳରୁ ଡ୍ରାଇଭର ଫେରାର ହୋଇଯାଇଥିବା ବେଳେ ବନାଞ୍ଚଳ ଅଧିକାରୀ କାଠ ସମେତ ଗାଡିକୁ ଜବତ କରି ଦୁଧିଆଣି କାର୍ଯ୍ୟାଳୟକୁ ଆଣିଥିଲେ । ଗାଡ଼ିରେ ୩୦.୦୮ ସିଫ୍ଟି ଶାଗୁଆନ କାଠ ଥିବା ଏବଂ ଆନୁମାନିକ ମୂଲ୍ୟ ୭୫ହଜାର ଟଙ୍କା ବୋଲି ଜଣାପଡିଥିଲା । ଏବାବଦରେ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରଖିଥିବା ନେଇ ଅଧିକାରୀ ପ୍ରକାଶ କରିଛନ୍ତି ।



**ଶ୍ରୀମନ୍ଦିର ସୁରକ୍ଷାକୁ ନେଇ ମାନସ ମନ୍ଥନ**

# ବଢ଼ିବ ବଡ଼ଦେଉଳର ସୁରକ୍ଷା

ପୁରୀ, ୧୪।୧୦ (ସମିସ): ଶ୍ରୀମନ୍ଦିର ସୁରକ୍ଷା ବ୍ୟବସ୍ଥାକୁ ନେଇ ଅନେକ ସମୟରେ ପ୍ରଶ୍ନ ଉଠିଛି। ସୁରକ୍ଷାବଳୟକୁ ଭେଦ କରି କେତେବେଳେ ସ୍ପାଏ କ୍ୟାମେରା, ମୋବାଇଲ୍ ଭିତରକୁ ନିଆଯାଉଛି ତ ପୁଣି କେତେବେଳେ ମନ୍ଦିର ଉପରେ ଚକ୍କର କାଟୁଛି ଡ୍ରୋନ୍। ଭିତରର ବହୁ ସମ୍ବେଦନଶୀଳ ସ୍ଥାନର ଫଟୋ, ଭିଡିଓ ମଧ୍ୟ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେଉଛି। ଏପରିକି, ଭିତରୁ ଭିଡିଓ କଲ୍ କରାଯାଉଛି। ଅନେକଥର ମନ୍ଦିର ପରିସରରେ ବିଭିନ୍ନ ସ୍ଥାନରୁ ଚୋରି ହେବାର ଦୃଷ୍ଟାନ୍ତ ବି ରହିଛି। ତେଣୁ, କିପରି ଶ୍ରୀମନ୍ଦିର ସୁରକ୍ଷା ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରାଯିବ, ସେନେଇ ମଙ୍ଗଳବାର ସୁରକ୍ଷା ସବ୍-କମିଟି ବୈଠକରେ ମାନସମନ୍ଥନ କରାଯାଇଛି।

ଶ୍ରୀମନ୍ଦିର ସୁରକ୍ଷା ସବ୍-କମିଟି ଅଧ୍ୟକ୍ଷ ଗିରୀଶ ଚନ୍ଦ୍ର ମୁର୍ମୁଙ୍କ ଅଧ୍ୟକ୍ଷତାରେ ନୀଳାଦ୍ରି ଭକ୍ତନିବାସରେ ଅନୁଷ୍ଠିତ ଏହି ବୈଠକରେ ସୁରକ୍ଷା ସମ୍ପର୍କିତ ଅନେକ ଆଲୋଚନା ଏବଂ ନିଷ୍ପତ୍ତି ବି ହୋଇଛି। ଏଥର ଅତ୍ୟାଧୁନିକ ସୁରକ୍ଷାବଳୟରେ ରହିବ ଶ୍ରୀମନ୍ଦିର। ଶ୍ରୀମନ୍ଦିର ଭିତରେ ଓ ବାହାରେ ସ୍ୱତନ୍ତ୍ର ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯିବ। ଅଧିକ ସଂଖ୍ୟକ ସୁରକ୍ଷା କର୍ମୀ ମୁତୟନ ରହିବେ। ବିଶେଷକରି ନୋ-ଫ୍ଲାଇଂ ଜୋନ୍, ସର୍ଭିଲାନ୍ସ ସିକ୍ୟୁରିଟି, ଶ୍ରୀମନ୍ଦିର ଭିତରେ ଫୋନ୍ ବ୍ୟବହାର ଉପରେ ବିଶେଷ ଆଲୋଚନା କରାଯାଇଛି। ଆଗକୁ ୱାକିଟକି ବ୍ୟବସ୍ଥା ହେବ। ସେହିପରି ଫାୟାର ସେଫ୍ଟି ଏବଂ ଇଲେକ୍ଟ୍ରି ସେଫ୍ଟି ଉପରେ ବି ପ୍ରାଧାନ୍ୟ ଦିଆଯାଇଥିଲା ବୈଠକରେ ସବ୍-କମିଟିର ଅନ୍ୟ ୮ ସଦସ୍ୟ ଉପସ୍ଥିତ ଥିଲେ।

ବୈଠକ ଶେଷରେ ଅଧ୍ୟକ୍ଷ ଶ୍ରୀ ମୁର୍ମୁ କହିଥିଲେ, ଆଲୋଚନା ବିଷୟବସ୍ତୁକୁ ନେଇ



ଏକ ରୂପରେଖ ପ୍ରସ୍ତୁତ କରାଯିବ। ଶ୍ରୀମନ୍ଦିର ପାଇଁ ସ୍ୱତନ୍ତ୍ର ସୁରକ୍ଷା ବ୍ୟବସ୍ଥା ପାଇଁ କେତେ ଅର୍ଥ ଆବଶ୍ୟକତା ରହିଛି, କେତେଶୀଘ୍ର ଏହାକୁ କାର୍ଯ୍ୟକାରୀ କରିହେବ, ସେନେଇ ବିଚାରବିମର୍ଶ ହୋଇଛି। ଶ୍ରୀମନ୍ଦିରକୁ ରେଡ୍ ଜୋନ୍ ଘୋଷଣା କରାଯାଇଛି, କିନ୍ତୁ ମନ୍ଦିର ଉପରକୁ ଡ୍ରୋନ୍ ଆସିଲେ କିଭଳି ତାକୁ ଚିହ୍ନଟ କରି ଅକାମି କରାଯିବ, କିଭଳି ବୈଷୟିକ ଜ୍ଞାନକୌଶଳର ଆବଶ୍ୟକତା ରହିଛି, ତାହାର ବ୍ୟବସ୍ଥା କରାଯିବ। ଆମେ ଅନ୍ୟ ବଡ଼ବଡ଼ ମନ୍ଦିର ଯାଇ ସ୍ଥିତି ଦେଖିବୁ। ସେଠାରେ ଯେପରି ଭଲ ସୁରକ୍ଷା ବ୍ୟବସ୍ଥା ରହିଛି, ତାହା ଜଗନ୍ନାଥ ମନ୍ଦିରରେ କାର୍ଯ୍ୟକାରୀ କରାଯିବ। ଶ୍ରୀମନ୍ଦିର ଆଇନରେ ପରିବର୍ତ୍ତନ ପାଇଁ ପଦକ୍ଷେପ ଗ୍ରହଣ କରାଯିବ। ମନ୍ଦିର ଭିତରକୁ ମୋବାଇଲ୍ ନେବା ନେଇ ପୁଲିସ, ଶ୍ରୀମନ୍ଦିର କର୍ମଚାରୀ ଓ ସେବାୟତଙ୍କ ପାଇଁ କଟକଣା ରହିବ। ସେମାନେ କିଭଳି ଏବଂ କେଉଁ ସ୍ଥାନରେ ଯୋଗାଯୋଗ କରିପାରିବେ ସେ

- ଆଣ୍ଟି-ଡ୍ରୋନ୍ ଟେକ୍ନୋଲୋଜି ବ୍ୟବହାର ହେବ
- ଏଆଇ କ୍ୟାମେରା ମାଧ୍ୟମରେ ଭିଡ଼ ନିୟନ୍ତ୍ରଣ କରାଯିବ
- ଅନ୍ୟ ମନ୍ଦିର ଯାଇ ସୁରକ୍ଷା ବ୍ୟବସ୍ଥା ଅନୁଧ୍ୟାନ ହେବ

ନେଇ ବିକଳ୍ପ ବ୍ୟବସ୍ଥା ହେବ ବୋଲି ଅଧ୍ୟକ୍ଷ ଶ୍ରୀ ମୁର୍ମୁ କହିଥିଲେ।

ଏସ୍‌ପି ପ୍ରତୀକ ସିଂ କହିଛନ୍ତି, ଏଆଇ କ୍ୟାମେରା ଲଗାଯାଇ ଭିଡ଼ ନିୟନ୍ତ୍ରଣ, ଶ୍ରୀମନ୍ଦିର ବାହାର ଓ ଭିତରର ସୁରକ୍ଷା ପରିଚାଳନା ନେଇ ଆଲୋଚନା ହୋଇଛି। ସୁରକ୍ଷା ଦାୟିତ୍ୱରେ ଥିବା ପୁଲିସ ଓ ଘରୋଇ ସୁରକ୍ଷା କର୍ମୀଙ୍କୁ ଅଧିକ ପ୍ରଶିକ୍ଷଣ ଦିଆଯିବ। ତାଙ୍କର ଦାୟିତ୍ୱ କ'ଣ ରହିବ, କିଭଳି ଭକ୍ତଙ୍କୁ ବ୍ୟବହାର କରିବ, ସେନେଇ ପ୍ରଶିକ୍ଷଣ ଦିଆଯିବ। ଶ୍ରୀମନ୍ଦିରର ସୁରକ୍ଷା ପାଇଁ କୁଇକ୍ ରେସ୍‌ପନ୍ସ ଟିମ୍ ରହିବେ। ଅନ୍ୟ ବଡ଼ ବଡ଼ ମନ୍ଦିରରେ ଭିଡ଼ ନିୟନ୍ତ୍ରଣ ଓ ସୁରକ୍ଷା ପାଇଁ କେଉଁ ଟେକ୍ନୋଲୋଜି ରହିଛି, ତାହାର ଅନୁଧ୍ୟାନ କରାଯାଇ ଶ୍ରୀମନ୍ଦିରରେ ଲାଗୁ ନେଇ ଆଲୋଚନା କରାଯାଇଥିବା ଏସ୍‌ପି ଶ୍ରୀ ସିଂ କହିଛନ୍ତି।

ବରିଷ୍ଠ ସେବାୟତ ମାଧବ ମହାପାତ୍ର କହିଛନ୍ତି, ଭିଡ଼ ନିୟନ୍ତ୍ରଣ ପାଇଁ ଭକ୍ତଙ୍କୁ ଆଗୁଆ ସୂଚନା ଦିଆଯିବା ଦରକାର। କେତେ ସମୟ ପରେ ଦର୍ଶନ ମିଳିବ, ଭକ୍ତମାନେ ଜାଣିଲେ ସେହି ସମୟରେ ପହଞ୍ଚିବେ। ଆଗୁଆ ପହଞ୍ଚି ଅପେକ୍ଷା କରୁଥିବାରୁ ଭିଡ଼ ହେଉଛି। ଏହାଦ୍ୱାରା ଅଯଥାରେ ଭିଡ଼ ହେବ ନାହିଁ। ଶ୍ରୀମନ୍ଦିର ସୁରକ୍ଷା ପାଇଁ ଯଥେଷ୍ଟ ସିସିଟିଭି କ୍ୟାମେରା ଲାଗିବା ଉଚିତ। ରାମ ମନ୍ଦିରର ସୁରକ୍ଷା ପାଇଁ ଇସ୍ରାଏଲ ନିର୍ମିତ ଟେକ୍ନୋଲୋଜି ଓ ତିରୁପତି ମନ୍ଦିରରେ ଭାରତ ଇଲେକ୍‌ଟ୍ରୋନିକ ଟେକ୍ନୋଲୋଜି ବ୍ୟବହାର ହୋଇଛି। ଆମେ ଏହିସବୁ ମନ୍ଦିରକୁ ଯାଇ ସୁରକ୍ଷା ବ୍ୟବସ୍ଥା ଅନୁଧ୍ୟାନ କରିବୁ। ପରେ ଶ୍ରୀମନ୍ଦିରରେ କେଉଁ ସୁରକ୍ଷା ଟେକ୍ନୋଲୋଜି ଦରକାର, ତାହାର ନିଷ୍ପତ୍ତି ନିଆଯିବ ବୋଲି ସେ କହିଛନ୍ତି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା, ଏସ୍‌ପି ଶ୍ରୀ ସିଂଙ୍କ ସମେତ ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ଓ କେତେଜଣ ବରିଷ୍ଠ ସେବାୟତ ଉପସ୍ଥିତ ଥିଲେ।

**ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ମାମଲା**

# ମିଳିଲା ପୀତବାସଙ୍କ ଗୁପ୍ତ ଡାଏରୀ

ବ୍ରହ୍ମପୁର, ୧୪।୧୦(ସମିସ): ବିଜେପି ନେତା ତଥା ଆଇନଜୀବୀ ପୀତବାସ ପଣ୍ଡା ହତ୍ୟାକୁ ୯ ଦିନ ବିତିଲାଣି। କିନ୍ତୁ ଏପର୍ଯ୍ୟନ୍ତ ପୁଲିସ କାହାରିକୁ ଗିରଫ କରିପାରିନାହିଁ। ମାଷ୍ଟରମାଇଣ୍ଡକୁ ଗିରଫ କରିବା ଦୂରେ ଥାଉ, ଦୁଇ ହତ୍ୟାକାରୀଙ୍କୁ ମଧ୍ୟ ଏଯାବତ୍ ଠାବ କରିପାରିନାହିଁ। ପୀତବାସଙ୍କୁ ଯେଉଁ ଦୁଇଜଣ ପେସାଦାର ସୁପାରି କିଲର

- ଖୋଲିବ କି ହତ୍ୟା ଗୁମର?
- ଆତତାୟୀଙ୍କ କୁଣ୍ଡଳୀ ଯାଞ୍ଚ ପାଇଁ ଜେଲ୍‌ମୁହାଁ ପୁଲିସ

ଗୁଳି କରି ହତ୍ୟା କରିଛନ୍ତି, ସେମାନେ ପୂର୍ବରୁ ମଧ୍ୟ ବହୁ ମାମଲାରେ ଜଡ଼ିତ ଥିବା ପୁଲିସ ସନ୍ଦେହ କରିଛି। ତେଣୁ ସେମାନଙ୍କ ବାବଦରେ କିଛି ସୁରାକ୍ ଯୋଗାଡ଼ କରିବା ଆଶାରେ ବ୍ରହ୍ମପୁର ପୁଲିସ ଏବେ ଜେଲ୍‌ମୁହାଁ ହୋଇଛି। ବ୍ରହ୍ମପୁର ସମେତ କେନ୍ଦ୍ରାପଡ଼ା ଓ ରାଜ୍ୟର ବିଭିନ୍ନ ଜେଲ୍‌ରେ ଅପରାଧୀଙ୍କ କୁଣ୍ଡଳୀ ଯାଞ୍ଚ କରୁଛି। ସଂପୃକ୍ତ ଆତତାୟୀଙ୍କୁ ଚିହ୍ନଟ କରି ସେମାନଙ୍କ ଠିକଣା ଜାଣିବାକୁ ପୁଲିସ ବିଭିନ୍ନ ଜେଲରେ ଡେରା ପକାଇଥିବା ସୂଚନା ମିଳିଛି। ଅପରପକ୍ଷେ, ଓକିଲାତି ବ୍ୟତୀତ ପୀତବାସଙ୍କର ବିଭିନ୍ନ କାରବାରରେ ସମ୍ପୃକ୍ତି ଥିବାରୁ ତାଙ୍କ ହାତଲେଖା ଡାଏରୀରୁ କିଛି ତଥ୍ୟ ଓ ପ୍ରମାଣ ମିଳିବ ବୋଲି ପୁଲିସ ଆଶା ରଖିଥିଲା। ବର୍ତ୍ତମାନ ପୀତବାସଙ୍କ ଗୁପ୍ତ 'ଡାଏରୀ'ର ସନ୍ଧାନ ମିଳିଛି। ଡାଏରୀରୁ ବହୁ ତଥ୍ୟ ସହ ଅନେକ ଗୁମର ଫିଟିବ ବୋଲି ଆଲୋଚନା ହେଉଛି।

ମିଳିଥିବା ଡାଏରୀରେ କ୍ରସର୍ ବ୍ୟବସାୟୀ, ମଦ ବେପାରୀ, ବିଲ୍ଡରଙ୍କ ସମେତ ସହରର ବହୁ ବ୍ୟବସାୟୀ ଓ ନେତାଙ୍କ ନାମ ଉଲ୍ଲେଖ ଥିବା କୁହାଯାଉଛି। ପୀତବାସ କାହାଠାରୁ ସୁଧରେ ଟଙ୍କା ଆଣିଛନ୍ତି ଅଥବା କାହାକୁ ଟଙ୍କା ଦେଇଛନ୍ତି, ସେଥିରେ ଉଲ୍ଲେଖ ଥିବା କୁହାଯାଉଛି। ବଡ଼କଥା ହେଲା, ପୀତବାସ ହଜାର କିମ୍ବା ଲକ୍ଷରେ ନୁହେଁ, ବରଂ କୋଟି କୋଟି ଟଙ୍କାର ସୁଧ କାରବାର କରୁଥିବା ନେଇ ଆଲୋଚନା ହେଉଥିବା ବେଳେ ସେସବୁ ତଥ୍ୟ ଡାଏରୀରେ ଅଛି କି ନାହିଁ, ତାହା ଉପରେ ସମସ୍ତଙ୍କ ନଜର। ପୀତବାସଙ୍କ ଜଣେ ଘନିଷ୍ଠ ବନ୍ଧୁ ତାଙ୍କଠାରୁ ପ୍ରାୟ ୮୦ ଲକ୍ଷରୁ ଅଧିକ ଟଙ୍କା ନେଇ କୌଣସି କାରଣରୁ ଦୀର୍ଘ ଦିନ ଧରି କୁଆଡ଼େ ଫେରାଇ ନଥିଲେ। ଋଣ ଅର୍ଥ ପରିଶୋଧ ପାଇଁ ସମ୍ପୃକ୍ତ ବନ୍ଧୁଜଣଙ୍କ ସହରରେ ଥିବା ନିଜର ଏକ ଘରକୁ ପୀତବାସଙ୍କୁ ବିକ୍ରି କରିଦେଇଥିବା କୁହାଯାଉଛି। ଘର ବିକ୍ରି ପରେ ମଧ୍ୟ ସମ୍ପୃକ୍ତ ବ୍ୟକ୍ତିଜଣଙ୍କ ଆହୁରି ୩୦ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ପୀତବାସଙ୍କୁ ଫେରାଇବାକୁ ଅଛି ବୋଲି ଶୁଣିବାକୁ ମିଳିଛି।

ସେହିପରି, ପୀତବାସ ଅନେକ ବ୍ୟବସାୟୀଙ୍କଠାରୁ ଟଙ୍କା ଉଠାଇଥିବା କୁହାଯାଉଛି। କିନ୍ତୁ, ସେନେଇ କେହି ମୁହଁ ଖୋଲିନାହାନ୍ତି। ତେବେ ବଜାରରେ ପଡ଼ିଥିବା କୋଟିକୋଟି ଟଙ୍କା କିଭଳି ଆଦାୟ ହେବ, ତାହା ଏବେ ବଡ଼ ପ୍ରଶ୍ନବାଚୀ। କାରଣ ସେଥିମଧ୍ୟରେ ପୀତବାସଙ୍କର ନିଜର ଓ ଅବଶିଷ୍ଟ ଅନ୍ୟମାନଙ୍କର ମଧ୍ୟ ଥିବା ଆଲୋଚନା ହେଉଛି। ସେପଟେ ଟଙ୍କା କାରବାର ବ୍ୟତୀତ ସେ ରୁଚି ରଖୁଥିବା ସବୁ କିଛି ବିଷୟରେ ନିଜ ଡାଏରୀରେ ଉଲ୍ଲେଖ କରିଥିବା ଜଣାପଡ଼ିଛି। ଡାଏରୀରେ ଉଲ୍ଲେଖ ଥିବା କିଛି ବ୍ୟକ୍ତିଙ୍କ ମଧ୍ୟରୁ ଅନେକଙ୍କୁ ପୂର୍ବରୁ ପୁଲିସ ଜେରା କରି ଛାଡ଼ିଥିବା କୁହାଯାଉଛି।

**ପାର୍ଟ ପ୍ଲଟ୍ ପଞ୍ଜୀକରଣ**

# ଏସ୍‌ଓପି ଜାରି; ଫିଟିଲା ବାଟ

ଭୁବନେଶ୍ୱର,୧୪।୧୦ (ସମିସ): ଫିଟିଲା ପାର୍ଟ ପ୍ଲଟ ପଞ୍ଜୀକରଣ ବାଟ। ଏଥିପାଇଁ ଆଜି ନୂଆ ଏସଓପି ଜାରି କରିଛନ୍ତି ରାଜ୍ୟ ସରକାର। ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ସମଗ୍ର ରାଜ୍ୟରେ ପାର୍ଟ ପ୍ଲଟ୍ ପଞ୍ଜୀକରଣକୁ ସୁବ୍ୟବସ୍ଥିତ କରିବା ପାଇଁ ଏକ ନୂତନ ଏସ୍‌ଓପି ଅଣାଯାଇଛି।

ଏହି ନୂଆ ଏସ୍‌ଓପି ଦ୍ୱାରା ପୂର୍ବର ସମସ୍ତ ନିର୍ଦ୍ଦେଶାବଳୀକୁ ଅଗ୍ରାହ୍ୟ କରିଦିଆଯାଇଥିବା ବେଳେ ଜନସାଧାରଣଙ୍କ ପାଇଁ ସମାନତା, ସ୍ୱଚ୍ଛତା ଏବଂ ସହଜତା ସୁନିଶ୍ଚିତ କରିବାରେ ଏହି ଏସ୍‌ଓପି କାର୍ଯ୍ୟ କରିବ ବୋଲି କୁହାଯାଉଛି।

ପଞ୍ଜୀକରଣ ଅଧିକାରୀଙ୍କ ମଧ୍ୟରେ ଅସଙ୍ଗତି ଦୂର କରିବା ସହିତ ପଞ୍ଜୀକରଣ ଅଧିନିୟମ ୧୯୦୮ ଏବଂ ଓଡ଼ିଶା ପଞ୍ଜୀକରଣ (ସଂଶୋଧନ) ଅଧିନିୟମ ୨୦୧୩ ଅନୁଯାୟୀ ରହିଥିବା ସ୍ପଷ୍ଟ ନିର୍ଦ୍ଦେଶନାମାକୁ ଏସ୍‌ଓପିରେ ସ୍ପଷ୍ଟ କରାଯାଇଛି। ପାର୍ଟ ପ୍ଲଟ ପଞ୍ଜୀକରଣ

**ଗ୍ରାମାଞ୍ଚଳରେ ଜଳାଶୟ ବ୍ୟତୀତ ପାର୍ଟ ପ୍ଲଟ୍ ବିକ୍ରିକୁ ଅନୁମତି**

- ଘୋଷଣାନାମା ଦେଇ ହୋଇପାରିବ ଚାଷ ଜମି ପଞ୍ଜୀକରଣ
- ସହରାଞ୍ଚଳରେ ପଞ୍ଜୀକରଣ ହୋଇପାରିବ ୫୦୦ ବର୍ଗ ମିଟର ପରିମିତିର ପ୍ଲଟ୍



ସମୟରେ ରାଜ୍ୟର ଅଧିକାରୀମାନେ ଆଇନ ଏବଂ ପ୍ରକ୍ରିୟା ବିଷୟରେ ଦ୍ୱନ୍ଦ୍ୱରେ ରହୁଥିଲେ; ଏଥିପାଇଁ ପ୍ଲଟ୍ ପଞ୍ଜୀକରଣରେ ସମାନତା ଆସିପାରୁ ନ ଥିଲା ଓ ଜନସାଧାରଣ ଅନେକ ଅସୁବିଧା ଭୋଗୁଥିଲେ। ଏହାକୁ ଦୃଷ୍ଟିରେ ରଖି ରାଜସ୍ୱ ମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ଏହି ଏସଓପି ଆଣାଯାଇଛି। ଏଣିକି ଗ୍ରାମାଞ୍ଚଳରେ ଜଳଜମି କିସମ ପ୍ଲଟ୍ ବ୍ୟତୀତ ଗ୍ରାମାଞ୍ଚଳରେ ଆଂଶିକ ପ୍ଲଟ୍ ପଞ୍ଜୀକରଣ ପାଇଁ ଅନୁମତି ଦିଆଯାଇଛି। ବିନା ପୂର୍ବ ସର୍ତ୍ତରେ ଏହି ଅନୁମତି ଦିଆଯିବ। ଏହାକୁ ସମ୍ପୂର୍ଣ୍ଣ ପ୍ଲଟ୍ ଭାବରେ ସ୍ଥାନାନ୍ତର କରାଯିବ। ସବ୍-ଡିଭିଜନ ସହିତ ୫୦୦ ବର୍ଗ ମିଟରରୁ ଅଧିକ ହେବ ନାହିଁ। ସେହିପରି ଚାଷ ଜମି କ୍ଷେତ୍ରରେ ଯଦି ପ୍ଲଟ୍ କୃଷି କିସମ ହୋଇ ରହିଥାଏ, କେବଳ କୃଷି ବ୍ୟବହାରକୁ ସୁନିଶ୍ଚିତ କରୁଥିବା 'ଫର୍ମ ଡି' ରେ ଏକ ସ୍ୱ-ଘୋଷଣା ଦ୍ୱାରା ଏହି ପଞ୍ଜୀକରଣ କରାଯିବ।

ସହରାଞ୍ଚଳ ଓ ଯୋଜନାବଦ୍ଧ ଅଞ୍ଚଳ ଆଦି ଓଡ଼ିଶା ବିକାଶ କର୍ତ୍ତୃପକ୍ଷ ଏବଂ ଟାଉନ ପ୍ଲାନିଂ ଅଧିନିୟମ ଦ୍ୱାରା ପରିଚାଳିତ ହେଉଛି। ତେଣୁ ପାରିବାରିକ ସବ-ଡିଭିଜନ, ଛୋଟ ସବ-ଡିଭିଜନ (୫୦୦ ବର୍ଗ ମିଟରରୁ କମ୍ ଏବଂ କୌଣସି ରିଅଲ ଇଷ୍ଟେଟ୍ ବ୍ୟବହାର ହେବନି) ଏହାକୁ ମଧ୍ୟ ଅନୁମତି ଦିଆଯାଇଛି। ସେହିପରି ସହ-ଅଂଶୀଦାର ଡିଭିଜନ (ସମ୍ମତି ଏବଂ ଆନୁପାତିକ ଅଂଶ ସହିତ) ପୂର୍ବରୁ ଥିବା ଛୋଟ ପ୍ଲଟ୍ ଯାହାକି ୨୦୨୫ ଓଡିଏ, ଟିପି ଏବଂ ଆଇଟି ଦ୍ୱିତୀୟ ସଂଶୋଧନ ନିୟମ ପୂର୍ବରୁ ରେକର୍ଡ ହୋଇଥିବା ୫୦୦ ବର୍ଗ ମିଟରରୁ କମ୍ ପ୍ଲଟ୍‌ଗୁଡ଼ିକୁ ପଞ୍ଜୀକରଣ ପାଇଁ ଅନୁମତି ଦିଆଯାଇଛି। ପଞ୍ଜୀକରଣ ଅଧିକାରୀମାନେ ମ୍ୟାପ, ସୀମା ଏବଂ ଘୋଷଣାଗୁଡ଼ିକୁ ଯାଞ୍ଚ କରିବା ନିୟମର ଅନୁପାଳନ କରିବାକୁ କୁହାଯାଇଛି। ରେକର୍ଡରେ ସ୍ୱ-ଘୋଷଣାଗୁଡ଼ିକୁ ସଂରକ୍ଷିତ ରଖିବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି। ତୁରନ୍ତ ପ୍ରଭାବଃ ସ୍ୱରୂପ ଏହି ଏସଓପିକୁ କାର୍ଯ୍ୟକାରୀ ପାଇଁ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି।

# ଆଉ ୧୦ଟି ବିଭାଗରେ ଆଭ୍ୟନ୍ତରୀଣ ଅଡିଟ୍ ୱିଙ୍ଗ ସୃଷ୍ଟି

ଭୁବନେଶ୍ୱର୧୪।୧୦(ସମିସ): ରାଜ୍ୟ ସରକାର ଅର୍ଥର ସମାନତା, ତଦାରଖ ସୁନିଶ୍ଚିତ କରିବା ପାଇଁ ରାଜ୍ୟ ସରକାର ଏକ ବଡ଼ ନିଷ୍ପତ୍ତି ନେଇଛନ୍ତି। ଆଉ ୧୦ଟି ବିଭାଗରେ ଆଭ୍ୟନ୍ତରୀଣ ଅଡିଟ୍ ୱିଙ୍ଗ ସୃଷ୍ଟି କରି ରାଜ୍ୟରେ ଆଭ୍ୟନ୍ତରୀଣ ଅଡିଟ୍ ସୁଦୃଢ଼ କରିବାକୁ ନିଷ୍ପତ୍ତି ନିଆଯାଇଛି। ବର୍ତ୍ତମାନ ୨୮ଟି ବିଭାଗରେ ଏହି ୱିଙ୍ଗ କାର୍ଯ୍ୟ କରୁଥିବା ବେଳେ ବର୍ତ୍ତମାନ ଏହି ସଂଖ୍ୟା ୩୮କୁ ବୃଦ୍ଧି ପାଇଛି।

ସୂଚନା ଅନୁଯାୟୀ ଅର୍ଥ ବିଭାଗ ଗତ ୯ ତାରିଖରେ ୨୮ଟି ବିଭାଗରେ ବର୍ତ୍ତମାନର ମଞ୍ଜୁରୀପ୍ରାପ୍ତ ୫୧୦ ଜଣଙ୍କ ସଂଖ୍ୟାକୁ ଯୁକ୍ତିଯୁକ୍ତ ଭାବରେ ବିଭକ୍ତ କରି ୮୫ ଜଣ ଅଡିଟ୍ କର୍ମଚାରୀଙ୍କ ସହିତ ଆଉ ୧୦ଟି ବିଭାଗରେ ଆଭ୍ୟନ୍ତରୀଣ ଅଡିଟ୍ ୱିଙ୍ଗ ସୃଷ୍ଟି କରିଛି। ନୂତନ ଆଭ୍ୟନ୍ତରୀଣ ଅଡିଟ୍ ୱିଙ୍ଗଗୁଡ଼ିକ

**ଅର୍ଥ ବ୍ୟୟକ ତଦାରଖ ହେବ ସୁନିଶ୍ଚିତ**

ନିରନ୍ତର ସମୀକ୍ଷା ଓ ଅନୁପାଳନ ଯାଞ୍ଚ ମାଧ୍ୟମରେ ଆର୍ଥିକ ବ୍ୟବସ୍ଥାକୁ କଡ଼ାକଡ଼ି କରିବା, ଶୀଘ୍ର ବିପଦ ଚିହ୍ନଟ କରିବା ଏବଂ ଅଡିଟ୍ ଆପତ୍ତି ହ୍ରାସ କରିବାରେ ସାହାଯ୍ୟ କରିବ। ଯେଉଁ ୧୦ଟି ଅଧିକ ବିଭାଗରେ ଆଭ୍ୟନ୍ତରୀଣ ଅଡିଟ୍ ୱିଙ୍ଗ ସୃଷ୍ଟି କରାଯାଇଛି ସେଗୁଡ଼ିକ ହେଉଛି ଜଳସମ୍ପଦ, ଗ୍ରାମ୍ୟ ଉନ୍ନୟନ, ପୂର୍ତ୍ତ, ଶକ୍ତି, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା, ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତି, ହସ୍ତତନ୍ତ, ବୟନ ଏବଂ ହସ୍ତଶିଳ୍ପ, ଶିଳ୍ପ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ଏବଂ ପର୍ଯ୍ୟଟନ।

ଏହି ପଦକ୍ଷେପ ସ୍ୱଚ୍ଛତାକୁ ସାଂଗଠନିକ କରିବା, ଆର୍ଥିକ ବିଚକ୍ଷଣତାକୁ ଉନ୍ନତ କରିବା ଏବଂ ସରକାରୀ ପାଣ୍ଠିର ଉତ୍ତମ ବ୍ୟବହାର ସୁନିଶ୍ଚିତ କରିବା, ସୁଶାସନ ଏବଂ ଦାୟିତ୍ୱପୂର୍ଣ୍ଣ ଆର୍ଥିକ ପରିଚାଳନା ପ୍ରତି ଓଡ଼ିଶାର ପ୍ରତିବଦ୍ଧତାକୁ ସୁଦୃଢ଼ କରିବା ଦିଗରେ ଏକ ପ୍ରମୁଖ ପଦକ୍ଷେପ ସାବ୍ୟସ୍ତ ହେବ।

# ରାଉରକେଲାରୁ ଅଯୋଧ୍ୟା ଯିବ ୮ ଫୁଟ୍ ଲମ୍ବର ସୁବର୍ଣ୍ଣ ଧନୁ

ରାଉରକେଲା, ୧୪।୧୦ (ସମିସ): ରାଉରକେଲାରୁ ଅଯୋଧ୍ୟାର ରାମମନ୍ଦିରକୁ ଯିବ ସୁନାରେ ପ୍ରସ୍ତୁତ ଏକ ଧନୁ। ଏନେଇ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଛି ବୋଲି ସନାତନ ଜାଗରଣ ମଞ୍ଚର ଅଧ୍ୟକ୍ଷ ସନ୍ତୋଷ ବିଶ୍ୱାଳ ସୂଚନା ଦେଇଛନ୍ତି। ଅଯୋଧ୍ୟା ରାମମନ୍ଦିରର ମହାସଚିବ ଚମ୍ପତ ରାୟଙ୍କ ଅନୁମତିକ୍ରମେ ଏହି କାର୍ଯ୍ୟକ୍ରମ ସମାପନ କରାଯିବ। ଏହି ସୁବର୍ଣ୍ଣ ଧନୁର ଲମ୍ବ ୮ ଫୁଟ୍ ଓ ଚଉଡ଼ା ସାଢ଼େ ୩ଫୁଟ୍। ଏହା ତାମିଲନାଡୁ କାଞ୍ଚିପୁରମ୍‌ର ୪୦ଜଣ ମହିଳା କାରିଗରଙ୍କ ଦ୍ୱାରା ପ୍ରସ୍ତୁତ କରାଯାଉଛି। ବର୍ତ୍ତମାନ ସୁଦ୍ଧା ଏଥିରେ ୧କେଜି ସୁନା ବ୍ୟବହୃତ ହୋଇଛି। ଆସନ୍ତା ଜାନୁଆରୀ ୨୦ତାରିଖରେ ପୁରୀରୁ ଏକ ଶୋଭାଯାତ୍ରା ଆରମ୍ଭ ହୋଇ ୨୨ତାରିଖ ଦିନ ଅଯୋଧ୍ୟାର ରାମମନ୍ଦିର ପ୍ରତିଷ୍ଠା ଦିବସରେ ପହଞ୍ଚିବ। ଏହି ଧନୁ ତିଆରିରେ ପ୍ରାୟ ୬ ରୁ ୮ କେଜି ମଧ୍ୟରେ ସୁନା ବ୍ୟବହାର କରାଯିବା ପାଇଁ ଲକ୍ଷ୍ୟ ରଖାଯାଇଛି। ଏହାସହ ଏହି ଧନୁରେ ବୀର ସୌର୍ଯ୍ୟ ପ୍ରାପ୍ତ ହୋଇଥିବା ସହିଦ୍‌ମାନଙ୍କ ନାମ ଖୋଦିତ କରାଯିବ। ଏହି କାର୍ଯ୍ୟ ସମାପନ ପରେ ଧନୁକୁ ପ୍ରତିଟି ଜିଲ୍ଲାର ପ୍ରମୁଖ ସ୍କୁଲ ଓ କଲେଜ ପରିକ୍ରମା କରି ସମାଜରେ ଯେଉଁମାନେ ପ୍ରକୃତ ବୀର ସେମାନଙ୍କ ସମ୍ପର୍କରେ ଅବଗତ କରାଯାଇ ଆସନ୍ତା ଜାନୁଆରୀ ୨୨ ତାରିଖରେ ଅଯୋଧ୍ୟା ଶ୍ରୀରାମ ମନ୍ଦିରର ମହାସଚିବ ଚମ୍ପତ ରାୟଙ୍କୁ ଅର୍ପଣ କରାଯିବ। ସେହିପରି ଅପରେସନ ସିନ୍ଦୂରର ସଫଳତା ପାଇଁ ଶ୍ରୀଜଗନ୍ନାଥଙ୍କ ଭୂମି ତରଫରୁ ବୀର ଯବାନଙ୍କୁ ଏହା ଉତ୍ସର୍ଗୀକୃତ କରାଯିବା ସହ କାରଗିଲରୁ ପେହେଲଗାଁଓ ପର୍ଯ୍ୟନ୍ତ ସମସ୍ତ ସହିଦ୍ ଯବାନଙ୍କ ପରିବାରକୁ ଏହି କାର୍ଯ୍ୟକ୍ରମରେ ସାମିଲ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି ବୋଲି ଶ୍ରୀ ବିଶ୍ୱାଳ ସୂଚନା ଦେଇଛନ୍ତି।



## ଆଜିର ରାଶିଫଳ

**ମେଷ:** ପ୍ରତିକୂଳ ପରିସ୍ଥିତିରେ ଭୟ କରନ୍ତୁନି। ଧାର୍ମିକ ସମାବେଶରେ ସାମିଲ ହେବେ। କ୍ରୋଧ ଉପରେ ନିୟନ୍ତ୍ରଣ ରଖନ୍ତୁ। ଉଧାର ଟଙ୍କା ଫେରି ପାଇବେ। ଦୀର୍ଘ ଦିନର ଆଶା ପୂରଣ ହେବ।

**ବୃଷ:** ଲୋକ ସମ୍ପର୍କ ବଢ଼ିବ। ଉଡ଼ା ଖବରକୁ ବିଶ୍ୱାସ କରନ୍ତୁନି। ସରକାରୀ ଚାକିରିଆଙ୍କ ପାଇଁ ଦିନଟି ଭଲ। ଅଟକି ରହିଥିବା କାର୍ଯ୍ୟ ପୂରା ହେବ। ଆଶା କରିଥିବା ଦିଗରୁ ଅର୍ଥ ମିଳିବ। ମହିଳାମାନେ ପୂଜାର୍ଚ୍ଚନା କରିବେ।

**ମିଥୁନ:** କାର୍ଯ୍ୟରେ ବାଧା ଉପୁଜିପାରେ। ନିଜ ଲୋକ ଶତ୍ରୁ ସାଜିପାରନ୍ତି। ଛୋଟ ଛୋଟ କଥାରୁ କଳହ ସୃଷ୍ଟି ହୋଇପାରେ। କୌଣସି କ୍ଷେତ୍ରରୁ ଆଘାତ ପାଇପାରନ୍ତି। ଅଯଥା ଖର୍ଚ୍ଚରୁ ଦୂରେଇ ରୁହନ୍ତୁ।

**କର୍କଟ:** ନୂତନ ବ୍ୟବସାୟ ଆରମ୍ଭ କରିପାରନ୍ତି। ପରିବାରବର୍ଗଙ୍କ ସହ ଦୂରସ୍ଥାନକୁ ଯାତ୍ରା କରିପାରନ୍ତି। ଧାର୍ମିକ କାର୍ଯ୍ୟରେ ଯୋଗ ଦେବେ। ଅଫିସ୍ ସହକର୍ମୀଙ୍କ ସହଯୋଗ ମିଳିବ। ଚକ୍ଷୁ ସମସ୍ୟା ଭୋଗିପାରନ୍ତି।

**ସିଂହ:** ଶତ୍ରୁଙ୍କୁ ଦୁର୍ବଳ ମନେ କରନ୍ତୁନି। ଖର୍ଚ୍ଚ ବଢ଼ିପାରେ। ସଫଳତା ପାଇବାକୁ କଠିନ ପରିଶ୍ରମ କରିବେ। ଉଧାର ଟଙ୍କା ଫେରି ପାଇବେ। ବିଦ୍ୟାର୍ଥୀମାନେ ଖେଳମନସ୍କ ହେବେ। ଲୋକ ସମ୍ପର୍କ ବୃଦ୍ଧି ପାଇବ।

**କନ୍ୟା:** ଗୁରୁଜନଙ୍କ ପରାମର୍ଶ ନେଇ ନୂତନ କାର୍ଯ୍ୟରେ ଯୋଗ ଦିଅନ୍ତୁ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ସନ୍ତୁଳିତ ଆହାର ଗ୍ରହଣ କରନ୍ତୁ। ନୂତନ ଜମି କ୍ରୟ କରିପାରନ୍ତି। ମାପି ଚୁପି କଥା ହୁଅନ୍ତୁ।

**ତୁଳା:** ଭୂମି, ଯାନବାହନ କିଣି ପାରନ୍ତି। ଅଭିଭାବକମାନେ ସନ୍ତାନଙ୍କ କ୍ୟାରିୟରକୁ ନେଇ ଚିନ୍ତାରେ ରହିବେ। ମାନ ସମ୍ମାନ ବୃଦ୍ଧି ପାଇବ। ବନ୍ଧୁମିଳନ ଯୋଗ ରହିଛି। ପିଲାମାନେ ଖେଳକୁଦରେ ସମୟ ବିତାଇବେ।

**ବିଛା:** ଅଫିସ୍ କାର୍ଯ୍ୟ ପାଇଁ ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ଅଚାନକ ଖୁସି ଖବର ମିଳିବ। ମହିଳାମାନେ ଘର କାର୍ଯ୍ୟରେ ବ୍ୟସ୍ତ ରହିପାରନ୍ତି। ଯାନବାହନ ଚଳାଚଳ ସମୟରେ ସତର୍କତା ଅବଲମ୍ବନ ଜରୁରି।

**ଧନୁ:** ସୃଜନଶୀଳତା ବୃଦ୍ଧି ପାଇବ। ଆଇଟି କର୍ମଚାରୀଙ୍କ ପାଇଁ ଦିନଟି ଭଲ। ପ୍ରେମ ବ୍ୟାପାରରେ ସଫଳ ହେବେ। କର୍ମକ୍ଷେତ୍ରରେ ବଡ଼ ଦାୟିତ୍ୱ ମିଳିପାରେ। ତରବରିଆ ଭାବେ ନିଷ୍ପତ୍ତି ନିଅନ୍ତୁନି।

**ମକର:** ବନ୍ଧୁଙ୍କ ସହିତ ମନୋରଞ୍ଜନ କରିବେ। ପିଲାମାନେ ପଢ଼ାପ୍ରତି ଅଧିକ ଧ୍ୟାନ ଦେବେ। ଘରେ ମାଙ୍ଗଳିକ କାର୍ଯ୍ୟ ଆୟୋଜନ କରିବେ। ସକାରାତ୍ମକ ଚିନ୍ତାଧାରା ସହିତ ଆଗକୁ ବଢ଼ିବେ।

**କୁମ୍ଭ:** ଅଚାନକ ମନ ଭିତରେ ପରିବର୍ତ୍ତନ ଆସିପାରେ। ଆର୍ଥିକ ସମସ୍ୟା ରହିବନି। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ଆୟ ଅନୁସାରେ ଅଧିକ ବ୍ୟୟ ହେବ। ଭଗବାନଙ୍କ ପୂଜାର୍ଚ୍ଚନା କରନ୍ତୁ। ଦାନ ଧର୍ମ କରିବେ।

**ମୀନ:** ଜମି କିଣାବିକା ଯୋଗ ରହିଛି। ଅଧିକ ଲାଭ ପାଇବା ଆଶାରେ ଭୁଲ୍ କରନ୍ତୁନି। ମହିଳାମାନେ ଘର କାମରେ ବ୍ୟସ୍ତ ରହିବେ। ବ୍ୟକ୍ତିଗତ କଥାକୁ ଅନ୍ୟମାନଙ୍କ ଆଗେ ପ୍ରକାଶ କରନ୍ତୁନି।

## ଅବଶିଷ୍ଟାଂଶ

### ଆଗୁଆ ଆସିବ...

ରେକଡର୍ କରାଯାଇଛି। ନେପାଳରୁ ଆରମ୍ଭ କରି କାଶ୍ମୀର ପର୍ଯ୍ୟନ୍ତ ହିମାଳୟ ଉପତ୍ୟକାରେ ବରଫପାତ ବୃଦ୍ଧି ପାଇଛି। ପାଣିପାଗବିଜ୍ଞାନୀମାନେ ଏହାକୁ ଏକ ଶୁଭ ସଙ୍କେତ ବୋଲି ମନେ କରୁଛନ୍ତି। ଏହାଦ୍ୱାରା ଗ୍ଲାସିୟରର ଅନ୍ୟୂନ ୫ ବର୍ଷ ପାଇଁ ଅଧିକ ଜୀବନ୍ତ ରହିବ ଓ ଉତ୍ତରଭାରତର ନଦୀଗୁଡ଼ିକର ସ୍ରୋତ ଶୁଖିବ ନାହିଁ ବୋଲି କୁହାଯାଉଛି। ବୈଜ୍ଞାନିକମାନଙ୍କ ଆକଳନ ଅନୁସାରେ ଭାରତୀୟ ଉପମହାଦ୍ୱୀପର ତାପମାତ୍ରା ଗତ ୧୨୨ ବର୍ଷରେ ୦.୯୯ ଡ଼ିଗ୍ରୀ ବୃଦ୍ଧି ପାଇଛି, ମାତ୍ର ଚଳିତ ବର୍ଷ ଅର୍ଥାତ୍ ୨୦୨୫ ଶେଷ ସୁଦ୍ଧା ଏହି ବୃଦ୍ଧିରେ ଅଙ୍କୁଶ ଲାଗିବ ଓ ଲା ନିନା କାରଣ ଯୋଗୁ ତାପମାତ୍ରା ୦.୨ଡ଼ିଗ୍ରୀ କମ୍ ହେବ।

ଅନ୍ୟପଟେ ମୌସୁମୀ ପ୍ରତ୍ୟାବର୍ତ୍ତନ ଧାରା ଆରମ୍ଭ ହେବା ପରେ ଏବେ ଓଡ଼ିଶାରେ ପାଗ ମୁଖ୍ୟତଃ ଓ ଶୁଖିଲା ଓ ଖରାଟିଆ ରହିଛି। ରାଜ୍ୟକୁ ବଙ୍ଗୋପସାଗର ପଟୁ ଜଳୀୟବାଷ୍ପପୂର୍ଣ୍ଣ ବାୟୁ ଆସିବା ମଧ୍ୟ କମିଛି। ଫଳରେ ରାତିରେ ମଧ୍ୟ ଧୀରେ ଧୀରେ ବା ହାଲୁକା ଥଣ୍ଡା ଅନୁଭୂତ ଆରମ୍ଭ ହୋଇଛି। ଗତ ୨୪ ଘଣ୍ଟାରେ ଦାରିଙ୍ଗବାଡ଼ିରେ ତାପମାତ୍ରା ୧୯ ଡିଗ୍ରୀ ରେକର୍ଡ ହୋଇଥିବା ବେଳେ ଅଧିକାଂଶ ସ୍ଥାନରେ ରାତିର ତାପମାତ୍ରା ୨୨-୨୪ ଡିଗ୍ରୀ ମଧ୍ୟରେ ରହୁଛି। ୧୭ ତାରିଖ ସୁଦ୍ଧା କେତେକ ଆଭ୍ୟନ୍ତରୀଣ ଅଞ୍ଚଳରେ ତାପମାତ୍ରା ପ୍ରାୟ ୨-୩ ଡିଗ୍ରୀ କମିପାରେ। କନ୍ଧମାଳ, କୋରାପୁଟ, ଗଜପତି, ମୟୂରଭଞ୍ଜ ଓ କେନ୍ଦୁଝରରେ ତାପମାତ୍ରା ସବୁଠାରୁ କମ୍ ରହିବ। ଏହି ସ୍ଥାନମାନଙ୍କରେ ସର୍ବନିମ୍ନ ତାପମାତ୍ରା ୨-୩ ଡିଗ୍ରୀ କମିବା ହେତୁ ଶିଶିରପାତ ସହ କୁହୁଡ଼ି ହେବାର ସମ୍ଭାବନା ରହିଛି। ବିଭିନ୍ନ ମଡେଲ୍ ଓ ପାଣିପାଗ ସଂସ୍ଥାର ସୂଚନା ଅନୁଯାୟୀ ବର୍ତ୍ତମାନ ଲା-ନିନା ସ୍ଥିତି ସୃଷ୍ଟି ହୋଇ ସାରିଛି। ତେଣୁ ଏବର୍ଷ ଭଲ ଶୀତର ଆକଳନ କରାଯାଇଛି।

### ୧୫.୬୭ ଲକ୍ଷ...

ଲୋକ ଦାଦନ ଖଟିବାକୁ ଯାଇ ବାହାରେ ରହୁଥିବା ଶ୍ରମିକମାନେ ମଧ୍ୟ ଇ-କେୱାଇସି କରିପାରିନାହାନ୍ତି। ସେପ୍ଟେମ୍ବର ୩୦ ତାରିଖକୁ ଇ-କେୱାସି କରିବାର ଶେଷ ତାରିଖ୍ ଭାବେ ଘୋଷଣା କରାଯାଇଥିଲା। ଏହି ଅବଧି ଭିତରେ ଅନେକ ଇ-କେୱାଇସି ହୋଇପାରି ନାହିଁ ଓ ଏହି ପ୍ରକ୍ରିୟାରେ ଅନେକ ସମସ୍ୟା ହେଉଥିବା ଡିଲର୍ ଆସୋସିଏସନ୍ ଏହା ପୂର୍ବରୁ ଅଭିଯୋଗ କରି ଆସିଛି। ନିକଟରେ ସରକାରଙ୍କ ପକ୍ଷରୁ ମିଳିଥିବା ଏକ ତାଲିକାରୁ ଜଣାପଡ଼ିଛି ଯେ ଗଞ୍ଜାମରୁ ସର୍ବାଧିକ ୧ ଲକ୍ଷ ୬୪ ହଜାର ହିତାଧିକାରୀ ଇ-କେୱାଇସି କରି ନାହାନ୍ତି। ସେହିପରି କଟକରୁ ୯୧ ହଜାର, ମୟୁରଭଞ୍ଜରୁ ୮୭ ହଜାର, ବଲାଙ୍ଗିରରୁ ୮୩ ହଜାର, ବାଲେଶ୍ୱରରୁ ୮୩ ହଜାର ଓ କଳାହାଣ୍ଡିରୁ ୮୨ ହଜାର ଲୋକ ଇ-କେୱାଇସି କରି ନ ଥିବା ଯୋଗୁଁ ତାଲିକାରୁ ବାଦ ପଡ଼ିଛନ୍ତି। ଅନେକ ଯୋଗ୍ୟ ହିତାଧିକାରୀ ନିଜର ଇ-କେୱାଇସି କରି ନ ଥିବା ସାମ୍ନାକୁ ଆସିଛି। ତେଣୁ ସରକାର ଅବଧି ବଢାଇବାକୁ ଦାବି ହୋଇ ଆସୁଥିଲା। ଯେମିତି ଯୋଗ୍ୟ ହିତାଧିକାରୀ ବାଦ ନ ପଡନ୍ତି ସରକାର ତା ଉପରେ ନଜର ଦେବା ଆବଶ୍ୟକ ବୋଲି ଦାବି ହୋଇଛି।

### ରୁପା ୨ ଲକ୍ଷ...

ଇଣ୍ଡିଆ ବୁଲିଅନ୍ ଆଣ୍ଡ ଜୁଏଲର୍ସ ଆସୋସିଏସନ୍ (ଆଇବିଜେଏ) ଅନୁଯାୟୀ, ନୂଆଦିଲ୍ଲୀର ବଜାରରେ ଆଜି ରୂପା ମୂଲ୍ୟ ଗୋଟିଏ ଦିନରେ ୭୦୦୦ ଟଙ୍କା ବୃଦ୍ଧି ଘଟି ପ୍ରତି କିଲୋଗ୍ରାମ ୧,୮୫,୦୦୦ ଟଙ୍କାରେ ପହଞ୍ଚିଛି। ବଜାର ବିଶେଷଜ୍ଞଙ୍କ ଅନୁଯାୟୀ, ପାର୍ବଣ ଋତୁ, ଶିଳ୍ପ ଚାହିଦା ବଢ଼ିବା ଏବଂ ବିଶ୍ୱ ଯୋଗାଣରେ ହ୍ରାସ ଯୋଗୁଁ ରୁପାର ମୂଲ୍ୟ ଅହେତୁକ ଭାବେ ବୃଦ୍ଧି ପାଉଛି। ରୁପା ମୂଲ୍ୟରେ ହେଉଥିବା ବୃଦ୍ଧି ଆଗକୁ ମଧ୍ୟ ଜାରି ରହିବ। ବଜାର ବିଶେଷଜ୍ଞଙ୍କ ମତରେ ଅଗାମୀ ଦିନରେ ରୁପା ଦର କିଲୋ ପିଛା ୭ ଲକ୍ଷ ଟଙ୍କା ସ୍ତର ଛୁଇଁବ। ଏକ ରିପୋର୍ଟ ଅନୁଯାୟୀ, ଚଳିତବର୍ଷ ଜାନୁଆରୀ ମାସରେ ରୁପା ମୂଲ୍ୟ କିଲୋ ପିଛା ପ୍ରାୟ ୭୯,୩୮୦ ଟଙ୍କା ରହିଥିଲା। ଚଳିତମାସରେ ନୂଆଦିଲ୍ଲୀ ବଜାରରେ ଏହା କିଲୋ ପିଛା ସର୍ବୋଚ୍ଚ ୧,୮୫,୦୦୦ ଟଙ୍କା ସ୍ତରରେ ପହଞ୍ଚିଛି। ଏହାର ଅର୍ଥ ହେଉଛି ଜାନୁଆରୀରୁ ଅକ୍ଟୋବର ପର୍ଯ୍ୟନ୍ତ ରୁପା ମୂଲ୍ୟ ପ୍ରାୟ ୧୩୩%ରୁ ଅଧିକ ବୃଦ୍ଧି ପାଇଛି। ଅପରପକ୍ଷେ ଚଳିତବର୍ଷ ଏ ପର୍ଯ୍ୟନ୍ତ ସୁନା ମୂଲ୍ୟରେ ପାଖାପାଖି ୫୦ ହଜାର ଟଙ୍କା ବୃଦ୍ଧି ଘଟିଛି। ୨୦୨୪ ଡିସେମ୍ବର ୩୧ରେ ନୂଆଦିଲ୍ଲୀରେ ୧୦ ଗ୍ରାମ ପିଛା ୨୪ କ୍ୟାରେଟ୍ ସୁନା ମୂଲ୍ୟ ୭୬,୧୬୨ ଟଙ୍କା ଥିଲା, ଯାହା ଏବେ ୧,୨୮,୮୩୦ ଟଙ୍କାରେ ପହଞ୍ଚିଛି। ଏହି ସମୟ ମଧ୍ୟରେ ରୁପା ମୂଲ୍ୟ ମଧ୍ୟ ୧୦ ଗ୍ରାମ ପିଛା ୮୯,୩୦୮ ଟଙ୍କା ବୃଦ୍ଧି ପାଇଛି। ଅପରପକ୍ଷେ ଭୁବନେଶ୍ୱରରେ ଆଜି ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୨୮,୩୪୦ ଟଙ୍କା ସ୍ତର ଟପିଯାଇଥିବାବେଳେ ୨୨ କ୍ୟାରେଟ୍ ସୁନା ଦର ୧୦ ଗ୍ରାମ ପିଛା ୧,୧୭,୬୫୦ ଟଙ୍କାରେ ପହଞ୍ଚିଛି।

### ଜଗିବ କିଏ?...

ବାଣ ଫୁଟାଯାଇପାରିବ ନାହିଁ । ପୁନଶ୍ଚ ବାଣରେ ବୋରିଅମ ଓ ଅନ୍ୟ ନିଷିଦ୍ଧ ରାସାୟନିକ ବ୍ୟବହାର ଉପରେ କଟକଣା ଲଗାଯାଇଛି। ଏସବୁ ନିୟମ ପାଳନ ନ କଲେ ଓଡ଼ିଶା ବାଣ ଓ ଲାଉଡ୍‌ସ୍ପିକର ନିୟନ୍ତ୍ରଣ ଆଇନ ଅନୁସାରେ ସରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ । ତେଣୁ ଦୀପାବଳୀରେ ବାଣ ଫୁଟାଇବା ପରିବର୍ତ୍ତେ କେବଳ ଦୀପ ଜାଳିବାକୁ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ ଅନୁରୋଧ କରିଛି।

ସାଧାରଣତଃ ଭୁବନେଶ୍ୱର, କଟକ, ବାଲେଶ୍ୱର, ରାଉରକେଲା, କଳିଙ୍ଗନଗର ଓ ତାଳଚେର ପରି ସହରରେ ସବୁ ସମୟରେ ପ୍ରଦୂଷଣର ମାତ୍ରା ଅଧିକ ରହିଥାଏ। ଗତବର୍ଷ ଦୀପାବଳି ପୂର୍ବ ଦିନ ଏଠାରେ ବାୟୁର ଗୁଣବତ୍ତା ମାନ (ଏକ୍ୟୁଆର୍) ୧୦୦ ଥିଲା ବେଳେ ଦୀପାବଳି ସନ୍ଧ୍ୟାରେ ବାଣ ଫୁଟାରୁ ଏହା ବଢ଼ି ୨୩୦ ରୁ ୩୪୦ ଏକ୍ୟୁଆର୍‌ରେ ପହଞ୍ଚିଥିଲା। ଦୀପାବଳିରେ ବାଣଫୁଟା ପରେ ପ୍ରଦୂଷଣକୁ ନେଇ ଅନେକ ସମସ୍ୟା ସୃଷ୍ଟି ହେଉଥିବାରୁ ସାରା ଦେଶରେ କିପରି ପ୍ରଦୂଷଣକୁ ରୋକାଯାଇପାରିବ ସେନେଇ ପରିବେଶବିତ୍‌ମାନେ ଚିନ୍ତା ପ୍ରକଟ କରିଛନ୍ତି। ବାଣରୁ ନିର୍ଗତ ଧୂଆଁ ଓ ଶିଳ୍ପ ବର୍ଜ୍ୟବସ୍ତୁ ବାୟୁମଣ୍ଡଳକୁ ପ୍ରବେଶ କରୁଛି। ଯେଉଁଥିରେ ଅଙ୍ଗାରକାମ୍ଳ, ଗନ୍ଧକାମ୍ଳ, ଜବଖାରକାମ୍ଳ ଓ ମିଥେନ ପରି ବିଷାକ୍ତ ଗ୍ୟାସ୍ ରହିଛି। ତେଣୁ ଦେଶର ବିଭିନ୍ନ ରାଜ୍ୟରେ ବାଣଫୁଟା ଉପରେ କଡ଼ାକଡ଼ି କଟକଣା ଲଗାଯାଇଛି। ଅନ୍ୟପକ୍ଷରେ ବାଣ ଫୁଟାଇବା ସମୟରେ ପାଖରେ ପାଣି ବା ବାଲି ରଖିବାକୁ ପରାମର୍ଶ ଦିଆଯାଇଛି। ବାଣକୁ ହାତରେ ଧରି ଫୁଟାଇବାକୁ ବାରଣ କରାଯାଇଛି। ବାଣ ଫୁଟାଇବା ସମୟରେ ନିଜକୁ ଦୂରରେ ରଖିବା ଓ ଫୁଟି ଯାଇଥିବା ବାଣକୁ ଆଉଥରେ ଫୁଟାଇବାକୁ ଚେଷ୍ଟା ନକରିବା, ବାଣ ଫୁଟାଇବା ସମୟରେ ଆଖିର ଯତ୍ନ ନେବାକୁ ସ୍ୱଚ୍ଛ ଚଷମା ବ୍ୟବହାର କରିବା ଆଦି ବିଷୟରେ ସତର୍କତା ଜାରି କରାଯାଇଛି। ବାଣ ଫୁଟାଇବା ସମୟରେ ସୁରକ୍ଷା ପ୍ରତି ଧ୍ୟାନ ଦେଇ ସୂତା ପୋଷାକ ପିନ୍ଧିବା ପାଇଁ ପରାମର୍ଶ ଦିଆଯାଇଛି।

# ଆପତ୍ତିଜନକ ଏ.ଆଇ ଫଟୋ ଭାଇରାଲ କରି ଯୁବକ ଗିରଫ

କଟକ, ୧୪।୧୦ (ସମିସ): କୃତ୍ରିମ ବୁଦ୍ଧିମତ୍ତା (ଏଆଇ)ର ବ୍ୟବହାର କରି ରାଜ୍ୟର ବିଶିଷ୍ଟ ରାଜନେତା, ଲୋକପ୍ରିୟ ଅଭିନେତା ଏବଂ ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠିତ ବ୍ୟକ୍ତିତ୍ୱଙ୍କ ଅଶ୍ଳୀଳ ଫଟୋ ତିଆରି କରି ତାହାକୁ ସୋସିଆଲ୍ ମିଡିଆରେ ଭାଇରାଲ୍ କରୁଥିବା ଜଣେ ଅଭିଯୁକ୍ତକୁ ଆଜି କମିସନରେଟ୍ ପୁଲିସ୍ ଗିରଫ କରିଛି। ସେ ହେଲା, ସାଲେପୁର ଅଞ୍ଚଳର ବିଶ୍ୱବଲ୍ଲଭାନନ୍ଦ ଓରଫ୍ କୁନ୍‌ମୁନ୍। ଦୀର୍ଘ ଦିନ ହେବ ସେ ଏଭଳି ଆପତ୍ତିଜନକ ଏଆଇ ଜେନେରେଟ୍ ଫଟୋ ଓ ଭିଡିଓ ଭାଇରାଲ କରି ସାମାଜିକ ଗଣମାଧ୍ୟମ ପ୍ଲାଟଫର୍ମରୁ

- ରାଜନେତା, ଅଭିନେତା ଏବଂ ପ୍ରତିଷ୍ଠିତ ବ୍ୟକ୍ତିଙ୍କୁ କରୁଥିଲା ଟାର୍ଗେଟ୍
- ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରୁଥିଲା ଅଶ୍ଳୀଳ ଫଟୋ ଓ ଭିଡିଓ

ଅର୍ଥ ରୋଜଗାର କରିବାକୁ ଉଦ୍ୟମ କରୁଥିଲା। ଜଣେ ଅଭିଯୋଗକାରୀଙ୍କ ଏତଲାକ୍ରମେ ସାଇବର ଥାନା ପୁଲିସ ତାକୁ ଗିରଫ କରିଛି। ଏହାସହ ତା'ର ଆକାଉଣ୍ଟ ଓ ଡାଟା ଦେବାକୁ ପୁଲିସ 'ମେଟା' ଓ ବିଭିନ୍ନ ନେଟ୍‌ୱର୍କକୁ ଚିଠି ଲେଖିଛି।

ପୁଲିସ ସୂଚନାନୁସାରେ, କୁନ୍‌ମୁନ୍ ନାମରେ ଏକ ଫେସବୁକ୍ ଆକାଉଣ୍ଟ ରହିଥିଲା। ସେ ଏହି ଆକାଉଣ୍ଟରେ ପ୍ରତିଦିନ ବିଭିନ୍ନ ରାଜନେତା, ଚଳଚ୍ଚିତ୍ର ଅଭିନେତା ଓ ଅଭିନେତ୍ରୀ ଏବଂ ବିଭିନ୍ନ ପ୍ରତିଷ୍ଠିତ ବ୍ୟକ୍ତିବିଶେଷଙ୍କ ଏଆଇ ଜେନେରେଟ୍ ଫଟୋ ଓ ଭିଡିଓ ପୋଷ୍ଟ କରି ସେମାନଙ୍କ ଚରିତ୍ର ସଂହାର କରୁଥିଲା। ସେହିପରି, ନିଜର ଇନ୍‌ଷ୍ଟାଗ୍ରାମ, ଏକ୍ସ ଓ ହ୍ୱାଟସଆପ୍‌ରେ ଏହି ଆପତ୍ତିଜନକ ଅଶ୍ଳୀଳ ଭିଡିଓ ଓ ଅଡିଓ ପୋଷ୍ଟ କରୁଥିଲା। ଗତ ୧୨ ତାରିଖରେ ସେ ଏକାଧିକ ଅଶ୍ଳୀଳ ଭିଡିଓ ପୋଷ୍ଟ କରିଥିବା ବେଳେ ଏ ସମ୍ପର୍କରେ ଜଣେ ଫେସବୁକ୍ ୟୁଜର୍ ସାଇବର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଉପରେ ତୁରନ୍ତ ପଦକ୍ଷେପ ଗ୍ରହଣ କରି, ଆଇଆଇସି ରଶ୍ମିତା ଜେନା ତଦନ୍ତ ଆରମ୍ଭ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲା। ତଦନ୍ତ ସମୟରେ ଅଭିଯୁକ୍ତକୁ ଚିହ୍ନଟ କରାଯାଇ ଆଜି ଗିରଫ କରାଯାଇଥିଲା। ଏହି ଘଟଣାର ଯେଉଁ ଆର୍ଥିକ ଦିଗ ରହିଛି, ତାହାକୁ ଠାବ କରିବା ପାଇଁ ମାମଲାର ଅଧିକ ତଦନ୍ତ ଜାରି ରହିଥିବା ସାଇବର ଥାନା ପୁଲିସ କହିଛି। ଆଗକୁ ଏଭଳି କାର୍ଯ୍ୟରେ ଲିପ୍ତ ଥିବା ଅଭିଯୁକ୍ତମାନଙ୍କୁ ଗିରଫ କରାଯିବା ସହ କଠୋର୍ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଡିସିପି ଖିଲାରୀ ଋଷିକେଶ ଦ୍ୟାନଦେଓ କହିଛନ୍ତି।

ତାମିଲନାଡୁ ମଦ ଦୁର୍ନୀତି ମାମଲା

## ଇଡି ଚଢ଼ଉ ଉପରେ ପ୍ରଶ୍ନ ଉଠାଇଲେ ସୁପ୍ରିମକୋର୍ଟ



ନୂଆଦିଲ୍ଲୀ, ୧୪।୧୦ (ଏଜେନ୍ସି): ତାମିଲନାଡୁ ମଦ ଦୋକାନର ଲାଇସେନ୍ସ ସମ୍ବନ୍ଧିତ ରାଜ୍ୟ ମାର୍କେଟିଂ କର୍ପୋରେସନ ଲିମିଟେଡ (ଟିଏଏସଏମଏସି) ଦୁର୍ନୀତି ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଉପରେ ସୁପ୍ରିମକୋର୍ଟ ପ୍ରଶ୍ନ ଉଠାଇଛନ୍ତି। ରାଜ୍ୟ ପୁଲିସର କ୍ଷମତାରେ ଇଡି ଦଖଲ ଦେଉଥିବା କହିଛନ୍ତି। ପ୍ରଧାନ ବିଚାରପତି (ସିଜେଆଇ) ବିଆର ଗଭାଇ ଏବଂ ଜଷ୍ଟିସ ବିନୋଦ ଚନ୍ଦ୍ରନଙ୍କ ଖଣ୍ଡପୀଠ ଇଡିକୁ ପ୍ରଶ୍ନ କରିଥିଲେ ଯେ ରାଜ୍ୟ ପୁଲିସ ଏହି ମାମଲାର ଯାଞ୍ଚ କରିପାରି ନ ଥାଆନ୍ତା କି? ଏହି ମାମଲାରେ ଇଡି ଦଖଲ ଦେବା ଜରୁରୀ ଥିଲା କି? ଏହା ଦ୍ୱାରା ସଂଘୀୟ ବ୍ୟବସ୍ଥା ଉପରେ କି ପ୍ରଭାବ ପଡ଼ିବ? ଏହାର ରାଜ୍ୟ କ୍ଷମତାରେ ହସ୍ତକ୍ଷେପ ନୁହେଁ କି? ରାଜ୍ୟ ଯାଞ୍ଚ କରୁ ନଥିବା ଜାଣି ନିଜେ ଚାଲିଯିବେ କି? କୋର୍ଟ କୌଣସି ବାଦବିବାଦରେ ପ୍ରତିଯୋଗିତା ଚାହୁଁନାହାନ୍ତି। କିନ୍ତୁ ସଂଘୀୟ ବ୍ୟବସ୍ଥାରେ ରାଜ୍ୟ ଏବଂ କେନ୍ଦ୍ରରେ ସୀମା ରହିଛି। ସିଜେଆଇ କହିଥିଲେ ଯେ ଗତ ୬ ବର୍ଷ ହେଲା ସେ ଇଡିର ଅନେକ ମାମଲା ଦେଖିବାକୁ ପାଇଛନ୍ତି। କିନ୍ତୁ ଏହାକୁ ନେଇ କିଛି କହିବାକୁ ଚାହୁଁନି, ନଚେତ ଏହା ପୁଣିଥରେ ଗଣମାଧ୍ୟମରେ ରିପୋର୍ଟରେ ହୋଇଯିବ।

ଦୁର୍ଗାପୁର ଗଣଦୁଷ୍କର୍ମକୁ ପ୍ରତିବାଦ

## ପଶ୍ଚିମବଙ୍ଗ ମହିଳାଙ୍କୁ ଲଙ୍କାଗୁଣ୍ଡ ବାଣ୍ଟିଲା ବିଜେପି

କୋଲକାତା, ୧୪।୧୦ (ଏଜେନ୍ସି): ପଶ୍ଚିମବଙ୍ଗ ଦୁର୍ଗାପୁରରେ ମେଡିକାଲ ଛାତ୍ରୀଙ୍କ ଗଣଦୁଷ୍କର୍ମକୁ ପ୍ରଦେଶ ବିଜେପି ତୀବ୍ର ବିରୋଧ କରିଛି। ରାଜ୍ୟରେ ଆଇନ ଶୃଙ୍ଖଳା ଭୁଶୁଡ଼ି ଯାଇଥିବା ଅଭିଯୋଗ କରି ମହିଳାମାନଙ୍କୁ ଆତ୍ମରକ୍ଷା ନିମନ୍ତେ ଏହି ଦଳ ମଙ୍ଗଳବାର ଲଙ୍କାଗୁଣ୍ଡ ବାଣ୍ଟିଛି। ମେଟ୍ରୋ ଷ୍ଟେସନ ନିକଟସ୍ଥ ସଲ୍ଟ ଲେକ୍ ଅଞ୍ଚଳରୁ ବିଜେପି 'ଅପରେସନ ଲାଲ୍ ମିର୍ଚ୍ଚି' ଆରମ୍ଭ କରିଛି। ଏଠାରେ ବିଜେପିର ମହିଳା କର୍ମୀ ଆଗନ୍ତୁକ ମହିଳାଙ୍କୁ ଲଙ୍କା ଗୁଣ୍ଡ ବାଣ୍ଟିଛନ୍ତି। ଆତ୍ମରକ୍ଷା ପାଇଁ ଏହାକୁ ବ୍ୟବହାର କରିବାକୁ ସମସ୍ତଙ୍କୁ ପରାମର୍ଶ ଦିଆଯାଇଛି। ବିଜେପିର ଜଣେ କର୍ମୀ କହିଛନ୍ତି ଯେ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ମା' ଏବଂ ଭଉଣୀମାନଙ୍କୁ ଏହି ଲଙ୍କା ଗୁଣ୍ଡ ଦିଆଯାଇଛି। ଏହା ମାଧ୍ୟମରେ ନିଜ ସୁରକ୍ଷା ନିଜ ହାତରେ ବୋଲି ବାର୍ତ୍ତା ଦିଆଯାଇଛି। ମହିଳାଙ୍କୁ ବିଳମ୍ବିତ ରାତିରେ ଘରୁ ବାହାରକୁ ବାହାରିବାକୁ ମନା କରି ରାଜ୍ୟରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇଯାଇଛି ବୋଲି ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ସ୍ୱୀକାର କରିଥିବା ମହିଳା କର୍ମୀ କହିଛନ୍ତି। ତେବେ ମୋ ମନ୍ତବ୍ୟକୁ ଭୁଲ୍ ଭାବେ ଉପସ୍ଥାପନା କରାଯାଇଛି ବୋଲି ମମତା ସ୍ପଷ୍ଟୀକରଣ ଦେଇଛନ୍ତି। ୨୦୨୫ରେ ମହିଳାଙ୍କୁ ରାତିରେ ବାହାରକୁ ବାହାରିବା ପାଇଁ ମନା କରିବାର ଚିନ୍ତାଧାରାକୁ ଗ୍ରହଣ କରାଯିବ ନାହିଁ ବୋଲି ଅନ୍ୟ ଜଣେ ବିକ୍ଷୋଭକାରୀ କହିଛନ୍ତି।

## ଭାରତରେ ଶିଶୁ ଜନ୍ମହାର ହ୍ରାସ; ମୃତ୍ୟୁ ସଂଖ୍ୟା ବୃଦ୍ଧି

ନୂଆଦିଲ୍ଲୀ, ୧୪।୧୦ (ଏଜେନ୍ସି): ଭାରତରେ ଶିଶୁ ଜନ୍ମହାର ହ୍ରାସ ପାଇବାରେ ଲାଗିଛି। ୨୦୨୨ ତୁଳନାରେ ୨୦୨୩ରେ ଭାରତରେ ଜନ୍ମ ହାର ହ୍ରାସ ପାଇଥିବାବେଳେ ମୃତ୍ୟୁ ସଂଖ୍ୟା ବୃଦ୍ଧି ପାଇଛି।ସିଭିଲ୍ ରେଜିଷ୍ଟ୍ରେସନ ସିଷ୍ଟମ (ସିଆରଏସ) ଉପରେ ଆଧାରିତ ଭାଇଟାଲ୍ ଷ୍ଟାଟିଷ୍ଟିକ୍ସ ଅଫ୍ ଇଣ୍ଡିଆ ଦ୍ୱାରା ପ୍ରକାଶିତ ରିପୋର୍ଟରୁ ଏହା ଜଣାପଡ଼ିଛି। ରିପୋର୍ଟ ଅନୁଯାୟୀ ୨୦୨୩ରେ ୨୫.୨ ନିୟୁତ ଶିଶୁ ଜନ୍ମ ହୋଇଥିଲେ। ଏହା ୨୦୨୨ ତୁଳନାରେ ୨,୩୨,୦୦୦ କମ୍ ଥିଲା। କାରଣ ସେହି ବର୍ଷ ୨୫.୪୩ ନିୟୁତ ଶିଶୁ ଜନ୍ମ ହୋଇଥିଲେ। ସେହିପରି ୨୦୨୩ରେ ୮.୬୬ ନିୟୁତ ମୃତ୍ୟୁ ରେକର୍ଡ କରାଯାଇଥିଲା। ମାତ୍ର ୨୦୨୨ରେ ୮.୬୫ ନିୟୁତ ଲୋକ ପ୍ରାଣ ହରାଇଥିଲେ। ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର କରୋନା ଡ୍ୟାସବୋର୍ଡ ଅନୁଯାୟୀ, ଗତ ମେ' ୫ ତାରିଖ ସୁଦ୍ଧା ଦେଶରେ କରୋନା ଯୋଗୁଁ ୫୩୩,୬୬୫ ମୃତ୍ୟୁ ଘଟିଛି। ତେବେ ୨୦୨୧ରେ ଏଥିରେ ସର୍ବାଧିକ ମୃତ୍ୟୁ ଘଟିଥିଲା। ଏହି ସମୟରେ କରୋନାର ଦ୍ୱିତୀୟ ଲହରୀ ଚାଲୁଥିଲା। ତା'ପରେ ୨୦୨୦ ତୁଳନାରେ ୨.୧ ନିୟୁତ ଅଧିକ ମୃତ୍ୟୁ ହୋଇଥିଲା। ୨୦୨୦ରେ ମୋଟ ୮.୧୨ ନିୟୁତ ମୃତ୍ୟୁ ହୋଇଥିଲା ଏବଂ ୨୦୨୧ରେ ଏହି ସଂଖ୍ୟା ୧ କୋଟି ୨୦ ଲକ୍ଷ ୨ ହଜାରରୁ ଅଧିକ ଥିଲା।

ବିହାର ବିଧାନସଭା ନିର୍ବାଚନ

# ମେଣ୍ଟ ଅଙ୍କ ଅଡୁଆ

## ଆର୍‌ଜେଡି-କଂଗ୍ରେସ ଟଣାଓଟରା ଜାରି

ପାଟନା, ୧୪।୧୦ (ଏଜେନ୍ସି): ବିହାର ବିଧାନସଭା ନିର୍ବାଚନ ଘୋଷଣା ହେବାକୁ ୭ ଦିନ ବିତିଗଲାଣି, କିନ୍ତୁ ବିରୋଧୀ ମେଣ୍ଟ 'ଇଣ୍ଡିଆ'ରେ ଏ ପର୍ଯ୍ୟନ୍ତ ଆସନ ବୁଝାମଣା ହୋଇପାରୁନି। ଭାଗବଣ୍ଟାକୁ ନେଇ କଂଗ୍ରେସ ଏବଂ ଆର୍‌ଜେଡି ମଧ୍ୟରେ ଟଣାଓଟରା ଜାରି ରହିଛି। କୌଣସି ଦଳ କମ୍ ଆସନରେ ଲଢିବାକୁ ପ୍ରସ୍ତୁତ ନାହାନ୍ତି। ଏହି ମତଭେଦ ଦିନକୁ ଦିନ ଉଗ୍ର ହେବାରେ ଲାଗିଛି। ଜନସୁରାଜ, ବିଜେପି ପ୍ରାର୍ଥୀ ଘୋଷଣା କରି ସାରିଥିବାବେଳେ 'ଇଣ୍ଡିଆ' ବେଳ ଗଡ଼ି ଗଡ଼ି ଚାଲିଛି। ଏପରି ସମୟରେ ମହାମେଣ୍ଟରେ ଆସନ ବୁଝାମଣାକୁ ନେଇ କୌଣସି ସାଲିସ କରାଯିବ ନାହିଁ ବୋଲି କଂଗ୍ରେସ ପକ୍ଷରୁ କୁହାଯାଇଛି। ଆସନକୁ ନେଇ ଏବେ ବି ଆର୍‌ଜେଡି ସହ ଟଣାଓଟରା ଲାଗି ରହିଛି।

### ତେଜସ୍ୱୀଙ୍କୁ ଭେଟିଲେନି ରାହୁଲ

### ସାଲିସ କରିବୁନି: କଂଗ୍ରେସ

### ଚିହ୍ନ ଦେଲେ ଲାଲୁ; ଫେରାଇନେଲେ ତେଜସ୍ୱୀ

ଅନ୍ୟପକ୍ଷରେ ବିରୋଧୀ ଦଳ ନେତା ତେଜସ୍ୱୀ ଯାଦବ ଦିଲ୍ଲୀରୁ ପାଟନା ଫେରି ଆସିଛନ୍ତି। କିନ୍ତୁ ସେ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କୁ ସାକ୍ଷାତ କରି ନ ଥିବା ଜଣାପଡ଼ିଛି। ଲୋକସଭା ଭଳି ବିଧାନସଭା ନିର୍ବାଚନର ନେତୃତ୍ୱ ମଧ୍ୟ ଲାଲୁ ଏବଂ ତେଜସ୍ୱୀ ନେବାକୁ ଚାହୁଁଛନ୍ତି। ବାପପୁଅ ନିଜ ହିସାବରେ ଆସନ ବାଣ୍ଟିବାକୁ ପ୍ରୟାସ କରୁଛନ୍ତି। କିନ୍ତୁ ଚଳିତ ଥର ରାହୁଲ ନଇଁବାକୁ ପ୍ରସ୍ତୁତ ନାହାନ୍ତି। ସେ ବିହାର କଂଗ୍ରେସ ନେତାଙ୍କୁ ସ୍ପଷ୍ଟ ନିର୍ଦ୍ଦେଶ ଦେଇଛନ୍ତି। କାହା ଚାପର ଆସନ ବୁଝାମଣା ହେବନାହିଁ ବୋଲି କହିଛନ୍ତି। ଏହି କାରଣରୁ ପ୍ରଦେଶ କଂଗ୍ରେସର କୌଣସି ନେତା ଆସନ ବଣ୍ଟନକୁ ନେଇ ମୁହଁ ଖୋଲୁ ନାହାନ୍ତି।

ଏହି ପ୍ରସଙ୍ଗରରେ ଦିଲ୍ଲୀ ରାହୁଲଙ୍କୁ ଭେଟିବା ପାଇଁ ତେଜସ୍ୱୀ ଦିଲ୍ଲୀ ଯାଇଥିଲେ, ମାତ୍ର କଂଗ୍ରେସ ନେତା ତାଙ୍କୁ ସମୟ ଦେଇ ନ ଥିଲେ। ଏହା ପରେ ତେଜସ୍ୱୀ ଖାଲି ହାତରେ ଫେରି ଥିଲେ। କିନ୍ତୁ ବର୍ତ୍ତମାନର ପରିସ୍ଥିତିରେ ମେଣ୍ଟ ଆଗକୁ ବଢ଼ିପାରିବ ନାହିଁ ବୋଲି ସେ କଂଗ୍ରେସ ହାଇକମାଣ୍ଡଙ୍କୁ ସ୍ପଷ୍ଟ କରିଦେଇଛନ୍ତି। ଏହି କାରଣରୁ ପାଟନା ପହଞ୍ଚିବା ପରେ ଲାଲୁ ଯାଦବ ନିଜ ଲୋକଙ୍କୁ ଦଳୀୟ ଚିହ୍ନ ବାଣ୍ଟିବା ଆରମ୍ଭ କରିଦେଇଥିଲେ। ମାତ୍ର ତେଜସ୍ୱୀ ଏହା ଉପରେ ଅସନ୍ତୁଷ୍ଟ ହୋଇଥିଲେ। ଦଳୀୟ ନେତାଙ୍କୁ ବାପା ଦେଇଥିବା ଚିହ୍ନଗୁଡିକୁ ପୁଅ ଫେରାଇ ଆଣିଥିଲେ। ମହାମେଣ୍ଟର ସହଯୋଗୀ ଦଳ ସିପିଆଇ (ଏମଏଲ) ମଧ୍ୟ ପ୍ରାର୍ଥୀଙ୍କୁ ଟିକଟ ବଣ୍ଟନ କାର୍ଯ୍ୟ ଆରମ୍ଭ



କରିଦେଇଥିଲା। କିନ୍ତୁ କଂଗ୍ରେସ ଏ ପର୍ଯ୍ୟନ୍ତ ଏଥିରୁ ଦୂରେଇ ରହିଛି।

ଅନ୍ୟପଟେ ମହାମେଣ୍ଟରେ ତେଜସ୍ୱୀଙ୍କ ବଡ଼ ଭାଇ କହୁଥିବା ମୁକେଶ ସହାନୀଙ୍କ ସ୍ଥିତି ବି ଅସମ୍ଭାଳ ହେବାରେ ଲାଗିଛି। ସେ ପୂର୍ବରୁ ୬୦ ଆସନ ମାଗିଥିଲେ, କିନ୍ତୁ ଏବେ ୩୦ରେ ଦେବାକୁ କହୁଛନ୍ତି। ସେ ଉପ-ମୁଖ୍ୟମନ୍ତ୍ରୀ ହେବାର ଆଶାକୁ ବି ଭୁଲି ଗଲେଣି। କାରଣ ତେଜସ୍ୱୀଙ୍କୁ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ କରିବା ପାଇଁ କଂଗ୍ରେସ ଚାହୁଁନାହିଁ। ଯଦି ମହାମେଣ୍ଟରେ ଆସନ ବୁଝାମଣା ନ ହୁଏ ଏବଂ ରାହୁଲ ଦିଲ୍ଲୀ ଭୁଲ୍‌କୁ ଦୋହରାନ୍ତି ତେବେ ଅକଳରେ ପଡ଼ିବେ ବୋଲି ରାଜନୈତିକ ବିଶେଷଜ୍ଞମାନେ କହିଛନ୍ତି।

## ଆସନ ବଣ୍ଟନ; ନୀତୀଶ ଅସନ୍ତୁଷ୍ଟ

ପାଟନା, ୧୪।୧୦ (ଏଜେନ୍ସି): ବିହାର ବିଧାନସଭା ନିର୍ବାଚନକୁ ନେଇ କ୍ଷମତାସୀନ ଏନ୍‌ଡିଏ ମେଣ୍ଟରେ ଆସନ ବଣ୍ଟନ ହୋଇସାରିଛି। ମାତ୍ର ଆସନ ବଣ୍ଟନକୁ ନେଇ ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଅସନ୍ତୁଷ୍ଟ ଥିବା ସୂଚନା ମିଳିଛି। ପୂର୍ବରୁ ହାମ୍ ମୁଖ୍ୟ ତଥା କେନ୍ଦ୍ରମନ୍ତ୍ରୀ ଜିତନ ରାମ ମାନ୍‌ଝୀ ଦଳକୁ ମିଳିଥିବା ଆସନକୁ ନେଇ କ୍ଷୁବ୍ଧ ହୋଇଥିଲେ। ଏବେ ନୀତୀଶଙ୍କ ଆଭିମୁଖ୍ୟ ମେଣ୍ଟ ପାଇଁ ସମସ୍ୟା ସୃଷ୍ଟି କରିଛି। ସେ ୯ଟି ଆସନର ଭାଗବଣ୍ଟାକୁ ନେଇ ଖୁସି ନାହାନ୍ତି। ତେଣୁ ପୁଣିଥରେ ଏହା ଉପରେ ବିଚାର କରିବା ପାଇଁ ବିଜେପିକୁ କହିଛନ୍ତି।

### ପ୍ରଥମ ପ୍ରାର୍ଥୀ ତାଲିକା ଜାରିକଲା ବିଜେପି

### ବାଦ୍‌ପଡ଼ିଲେ ବାଚସ୍ପତି



ଏହା ମଧ୍ୟରେ ବିଜେପି ପ୍ରଥମ ତାଲିକାରେ ୭୧ ଜଣଙ୍କୁ ଟିକଟ ଦେଇଛି। ଉପ-ମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧୁରୀଙ୍କୁ ତାରାପୁର ଏବଂ ବିଜୟ ସିହ୍ନାଙ୍କୁ ଲଖିସରାୟରୁ ପ୍ରାର୍ଥୀ କରାଯାଇଛି। ତେବେ ବାଚସ୍ପତି ନନ୍ଦକିଶୋର ଯାଦବଙ୍କ ଟିକଟ କାଟି ଦିଆଯାଇଛି। ତାଙ୍କ ସ୍ଥାନରେ ବିଜେପି ନେତା ତଥା ହାଇକୋର୍ଟ ଓକିଲ ରତ୍ନେଶ କୁଶ୍ୱାହଙ୍କୁ ମୈଦାନକୁ ଓହ୍ଲା ଯାଇଛି। କୁମ୍ହରାରରୁ ୫ ଥରର ବିଧାୟକ ଅରୁଣ କୁମାର ସିହ୍ନାଙ୍କ ଟିକଟ ମଧ୍ୟ କାଟି ଦିଆଯାଇଛି। ତାଙ୍କ ସ୍ଥାନରେ ସଞ୍ଜୟ ଗୁପ୍ତାଙ୍କୁ ସୁଯୋଗ ମିଳିଛି। ସେ ଦଳର ମହାମନ୍ତ୍ରୀ ଭାବେ କାର୍ଯ୍ୟ କରିଥିଲେ। ଏହି ତାଲିକାରେ ୧୩ ମନ୍ତ୍ରୀ ଏବଂ ୯ ମହିଳାଙ୍କ ନାମ ରହିଛି। ପୁଣିଥରେ ୪୮ ବିଧାୟକଙ୍କୁ ପ୍ରାର୍ଥୀ କରାଯାଇଛି। ଚଳିତ ଥର ବିଜେପି ୧୦୧ ଆସନରେ ନିର୍ବାଚନ ଲଢ଼ିବ। ଏଥିରୁ ୭୧ ଜଣଙ୍କ ନାମ ସାମ୍ନାକୁ ଆସିଯାଇଛି। ଆଉ ୩୦ ପ୍ରାର୍ଥୀଙ୍କ ନାମ ଘୋଷଣା ବାକି ରହିଛି। ବିହାରରେ ନଭେମ୍ବର ୬ ଏବଂ ୧୧ରେ ମତଦାନ ହେବ। ନଭେମ୍ବର ୧୪ରେ ଭୋଟ ଗଣତି ହେବ। ଅନ୍ୟପକ୍ଷରେ ଗାୟିକା ମୈଥିଳି ଠାକୁର ବିଜେପିରେ ସାମିଲ ହୋଇଛନ୍ତି। ଏଥିପାଇଁ ପାଟନାରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ନିର୍ବାଚନରେ ଲଢିବା ନେଇ ଦଳ ପକ୍ଷରୁ ନିଷ୍ପତ୍ତି ନିଆଯିବ ବୋଲି ସେ କହିଛନ୍ତି। ତେବେ ସେ ଅଲିନଗରରୁ ନିର୍ବାଚନ ଲଢ଼ିପାରନ୍ତି।

## ଏସି ବସ୍‌ରେ ନିଆଁ; ୧୬ ଜୀବନ୍ତ ଦଗ୍ଧ



ଜୟପୁର, ୧୪।୧୦ (ଏଜେନ୍ସି): ରାଜସ୍ଥାନ ଜୈସାଲମେରର ଯୋଧପୁର ରାସ୍ତାରେ ମଙ୍ଗଳବାର ଅପରାହ୍ଣରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏଠାରେ ଏକ ଚଳନ୍ତା ଏସି ସ୍ଲିପର ବସ୍‌ରେ ନିଆଁ ଲାଗି ଯାଇଛି। ଏଥିରେ ୧୬ ଜଣ ଜୀବନ୍ତ ଦଗ୍ଧ ହୋଇଯାଇଥିବା ସୂଚନା ମିଳିଛି। ୧୬ରୁ ଅଧିକ ଆହତ ହୋଇଛନ୍ତି। ସମସ୍ତଙ୍କୁ ଜୈସାଲମେରର ଜବାହାରି ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସର୍ଟ ସର୍କିଟରୁ ଅଗ୍ନିକାଣ୍ଡ ଘଟିଥିଲା ବୋଲି କୁହାଯାଉଛି। ଏହା ଦେଖୁ ଦେଖୁ ସାରା ବସ୍‌କୁ କବଳିତ କରି ନେଇଥିଲା। ଲୋକଙ୍କୁ ଜୀବନ ବଞ୍ଚାଇବାକୁ ବି ସମୟ ମିଳି ନ ଥିଲା। ଜୀବନ ବିକଳରେ କିଛି ଲୋକ ଝରକା ଭାଙ୍ଗି ରାସ୍ତାକୁ ଡେଇଁ ପଡିଥିଲେ। ଏଥିରେ ୨ ଶିଶୁ, ୪ ମହିଳାଙ୍କ ସମେତ ୧୬ରୁ ଅଧିକ ଲୋକ ୭୦ ପ୍ରତିଶତରୁ ଅଧିକ ଜଳି ଯାଇଛନ୍ତି। ଏହି ବସ୍‌ରେ ମୋଟ ୫୭ ଜଣ ଯାତ୍ରୀ ଥିଲେ। ତେବେ ସିଟି କାଉନସିଲର ସହାୟକ ଦମକଳ ଅଧିକାରୀ କୃଷ୍ଣପାଲ ସିଂହ ରାଠୋର କହିଛନ୍ତି ଯେ ଦୁର୍ଘଟଣାରେ ୧୦-୧୨ ଜଣଙ୍କ ଜୀବନ ଯାଇଛି। ଜିଲ୍ଲାପାଳ ପ୍ରତାପ ସିଂହଙ୍କ ଅନୁଯାୟୀ, ବସ୍‌ଟି ସମ୍ପୂର୍ଣ୍ଣ ଜଳି ଯାଇଛି। ୧୬ ଆହତଙ୍କୁ ଯୋଧପୁର ହସ୍ପିଟାଲକୁ ପଠାଇ ଦିଆଯାଇଛି। ବସ୍‌ରେ ଅନ୍ୟ ଯାତ୍ରୀଙ୍କ ମୃତଦେହ ପଡି ରହିଛି।

ହରିୟାଣା ଆଇପିଏସ୍ ଆତ୍ମହତ୍ୟା ମାମଲା

## ଏଏସ୍‌ଆଇଙ୍କ ଆତ୍ମହତ୍ୟାରୁ ନୂଆ ମୋଡ଼

### ଦୁର୍ନୀତି ମାମଲାରେ ବଦନାମ ହେବାରୁ ଚରମ ନିଷ୍ପତ୍ତି ନେଇଥିଲେ ପୁରନ

ଚଣ୍ଡିଗଡ଼, ୧୪।୧୦ (ଏଜେନ୍ସି): ହରିୟାଣା ଆଇପିଏସ ୱାଇ ପୂରନଙ୍କ ଆତ୍ମହତ୍ୟାକୁ ନେଇ ରାଜ୍ୟ ରାଜ୍ୟନୀତି ଉଠୁଛି ପଡୁଛି। ଆଇଏଏସ ପତ୍ନୀ ଅମନୀତ ପି କୁମାର ଜିଦ୍‌ରେ ଅଟଳ ରହିଥିବାରୁ ଏ ପର୍ଯ୍ୟନ୍ତ ତାଙ୍କ ମୃତଦେହ ବ୍ୟବଚ୍ଛେଦ ହୋଇପାରି ନାହିଁ। ସେ ଡିଜିପିଙ୍କୁ ଶତ୍ରୁଜିତ କପୁରଙ୍କୁ ବହିଷ୍କାର ଦାବି କରୁଥିବାବେଳେ ସରକାର ତାଙ୍କୁ ଛୁଟିରେ ପଠାଇ ଦେଇଛନ୍ତି। ପୁରନଙ୍କ ମାମଲାର ତଦନ୍ତ ଚାଲିଥିବାବେଳେ ରାଜ୍ୟର ଆଉ ଜଣେ ପୁଲିସ ଅଧିକାରୀ ତଥା ଆସିଷ୍ଟାଣ୍ଟ ସବ୍-ଇନସପେକ୍ଟର (ଏଏସଆଇ) ସନ୍ଦୀପ କୁମାର ମଙ୍ଗଳବାର ନିଜକୁ ଗୁଳି ମାରି ଆତ୍ମହତ୍ୟା କରିଛନ୍ତି। ଲାଡୌତ ରୋଡରେ ଥିବା ତାଙ୍କ ମାମୁଁ ଘରୁ ସନ୍ଦୀପଙ୍କ ମୃତଦେହ ମିଳିଛି। ଏହା ପୁରନଙ୍କ ମାମଲାକୁ ନୂଆ ମୋଡ ଦେଇଛି।



ମୃତ୍ୟୁ ପୂର୍ବରୁ ଭିଡିଓ ରେକର୍ଡିଂ ଏବଂ ୪ ପୃଷ୍ଠାର ସୁଇସାଇଡ ନୋଟ୍ ଲେଖି ରୋହତକ ସାଇବର ସେଲ୍‌ରେ ମୁତୟନ ହୋଇଥିବା ଏହି ଏଏସଆଇ ସତ୍ୟ ପାଇଁ ଜୀବନ ଦେଇଥିବା ୪ ପୃଷ୍ଠାର ସୁଇସାଇଡ ନୋଟରେ ଉଲ୍ଲେଖ କରିଛନ୍ତି।

ସେ ପୂର୍ବତନ ଆଇଜି ପୁରନ ଏବଂ ତାଙ୍କ ଗନ୍‌ମ୍ୟାନ ସୁଶୀଲ କୁମାରଙ୍କ ବିରୋଧରେ ଗୁରୁତର ଅଭିଯୋଗ ଲଗାଇଛନ୍ତି। ପୁରନ ଜଣେ ଦୁର୍ନୀତିଗ୍ରସ୍ତ ଅଧିକାରୀ ଥିଲେ। ଆଇଜି ହେବା ପରେ ସେ ବ୍ୟବସ୍ଥାକୁ ହାଇଜ୍ୟାକ କରି ନେଇଥିଲେ। ଜାତିଗତ ଭେଦଭାବ ଆରମ୍ଭ କରିଦେଇଥିଲେ। ଦୁର୍ନୀତି ମାମଲାରେ ଧରା ପଡ଼ିଯିବା ଭୟରେ ପୁରନ ଆତ୍ମହତ୍ୟା କରିଥିଲେ। ଏହା ଉଜାଗର ହୋଇଗଲେ ପାରିବାରିକ ରାଜନୀତି ଉପରେ ପ୍ରଭାବ ପଡିବ ବୋଲି ସେ ଭୟ କରିଥିଲେ।

ସୂଚନା ଅନୁଯାୟୀ ଗତ ୬ ତାରିଖରେ ସୁଶୀଲଙ୍କୁ ଗିରଫ କରାଯାଇଥିଲା। ସେ ଜଣେ ମଦ ବ୍ୟବସାୟୀଙ୍କଠାରୁ ଲାଞ୍ଚ ମାଗୁଥିବା ବେଳେ ଧରା ପଡ଼ିଥିଲେ। ଜେରା ସମୟରେ ପୁରନଙ୍କ ପାଇଁ ଲାଞ୍ଚ ମାଗୁଥିବା କହିଥିଲେ। ଏହାର ଦିନକ ପରେ ପୁରନ ଚଣ୍ଡିଗଡ଼ ସ୍ଥିତ କୋଠାରେ ଆତ୍ମହତ୍ୟା କରିଥିଲେ। ଅନ୍ୟପକ୍ଷରେ ସନ୍ଦୀପଙ୍କ ପରିବାର ଲୋକ ଏତଲା ରୁଜୁ ନ ହେବା ପର୍ଯ୍ୟନ୍ତ ମୃତଦେହ ବ୍ୟବଚ୍ଛେଦ କରିବାକୁ ମନା କରିଦେଇଛନ୍ତି।

## ସରକାର ତାମସା ବନ୍ଦ କରନ୍ତୁ କହିଲେ ରାହୁଲ

ଚଣ୍ଡିଗଡ଼, ୧୪।୧୦ (ଏଜେନ୍ସି): ହରିୟାଣାର ବରିଷ୍ଠ ଆଇପିଏସ ଅଧିକାରୀ ୱାଇ ପୁରନଙ୍କ ଆତ୍ମହତ୍ୟାକୁ ୭ ଦିନ ବିତିଗଲାଣି। ମାତ୍ର ଏ ପର୍ଯ୍ୟନ୍ତ ମୃତଦେହର ବ୍ୟବଚ୍ଛେଦ ହୋଇପାରି ନାହିଁ। ଏହି ଘଟଣାକୁ ନେଇ ଅଡୁଆ ବଢୁଥିବାବେଳେ ଛିଡ଼ିବାର ନା ଧରୁନି। ମଙ୍ଗଳବାର ସକାଳେ ଲୋକସଭା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ପୀଡ଼ିତଙ୍କ ପରିବାରକୁ ସାକ୍ଷାତ କରିଛନ୍ତି। ଏହି ସମୟରେ ରାହୁଲ କହିଥିଲେ ଯେ ସରକାର ତାମସା ବନ୍ଦ କରନ୍ତୁ। ଆଇପିଏସଙ୍କ ପରିବାର ଉପରେ ଚାପ ପକାଯାଉଛି। ଏପରି ନ ହେବା ଉଚିତ। ସରକାରୀ ଅଧିକାରୀଙ୍କୁ ଗିରଫ କରାଯାଉ ଏବଂ ଦିବଂଗତଙ୍କୁ ଅପମାନିତ କରା ନ ଯାଉ। ଏହି ମାମଲାରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ନିବେଦନ କରିଛନ୍ତି।

ସେହିପରି କେନ୍ଦ୍ରମନ୍ତ୍ରୀ ଚିରାଗ ପାଶ୍ୱାନ ମଧ୍ୟ ଚଣ୍ଡିଗଡ଼ରେ ପହଞ୍ଚି ଦିବଂଗତ ଆଇପିଏସଙ୍କୁ ଶ୍ରଦ୍ଧାଞ୍ଜଳି ଦେଇଛନ୍ତି। ପରିବାରର ପ୍ରତ୍ୟେକ ଦାବି ପୂରଣ କରାଯିବ ବୋଲି ସେ କହିଛନ୍ତି। ଏହା ପୂର୍ବରୁ ହରିୟାଣା ଡିଜିପିଙ୍କୁ ଶତ୍ରୁଜିତ କପୁରଙ୍କୁ ସରକାର ଛୁଟିରେ ପଠାଇ ଦେଇଥିଲେ। ତାଙ୍କ ସ୍ଥାନରେ ଓମ ପ୍ରକାଶ ସିଂହଙ୍କୁ ଅତିରିକ୍ତ କାର୍ଯ୍ୟଭାର ପ୍ରଦାନ କରାଯାଇଛି।

### ୧୦% କମିଶନ ଲାଗି ଗଲା ୨୫ ଶିଶୁଙ୍କ ଜୀବନ

## ୨.୫୬ ଟଙ୍କା ପାଇଁ ଡାକ୍ତର ଲେଖୁଥିଲେ କୋଲ୍‌ଡ୍ରିଫ

ନୂଆଦିଲ୍ଲୀ, ୧୪।୧୦ (ଏଜେନ୍ସି): ଲୋକଙ୍କ ବିଶ୍ୱାସରେ ବିଷ ଦେଇ ଚାଲିଥିବା କମିଶନ ଖେଳର ପର୍ଦ୍ଦାଫାସ ହୋଇଛି। କୋଲ୍‌ଡ୍ରିଫ କଫ ସିରପକୁ ନେଇ ବିଚଳିତ କରିବା ଭଳି ମାମଲା ସାମ୍ନାକୁ ଆସିଛି। ଏଥିରେ ଦେଶରେ ମେଡିସିନ୍ ଲେଖିବା ପାଇଁ ଚାଲିଥିବା କମିଶନ ଖେଳର ପର୍ଦ୍ଦାଫାସ ହୋଇଛି। ସାମାନ୍ୟ କିଛି ଟଙ୍କାର ଲୋଭ ପାଇଁ ଡାକ୍ତର ରୋଗୀଙ୍କ ଜୀବନ ସହ ଖେଳିଥିଲେ। ମାତ୍ର ୧୦ ପ୍ରତିଶତ କମିଶନ ପାଇଁ ଡାକ୍ତର ଶିଶୁଙ୍କୁ ଏହି ବିଷାକ୍ତ କୋଲ୍‌ଡ୍ରିଫ ସିରପ ଲେଖୁଥିବା ଜଣାପଡ଼ିଛି। ଯେତିକି ଟଙ୍କା ଏହି କଫ ସିରପ ଲେଖିବା ପାଇଁ ଡାକ୍ତର ନେଉଥିଲେ ତାହାକୁ କେହି ସହଜରେ ବି ବିଶ୍ୱାସ କରିପାରିବେ ନାହିଁ। କେତେ ଟଙ୍କାରେ ଶିଶୁଙ୍କ ଜୀବନକୁ ବିକ୍ରି କରିଦିଆଗଲା ତାହା ବି କେହି କଳନା କରିପାରିବେନି। ଡାକ୍ତର ଲେଖିଥିବା କଫ ସରିପ ପିଇ ମଧ୍ୟପ୍ରଦେଶରେ ୨୩ ଶିଶୁ ପ୍ରାଣ ହରାଇ ଥିଲେ। ଗୋଟିଏ କଫ ସିରପ ପାଇଁ ଡାକ୍ତରଙ୍କୁ ୧୦ ପ୍ରତିଶତ ତଥା ମାତ୍ର ୨ଟଙ୍କା ୫୪ ପଇସା କମିଶନ ମିଳୁଥିଲା। ଏହି କଫ ସିରପ ବୋତଲ ମାତ୍ର ୨୪.୫୪ ଟଙ୍କାରେ ବିକ୍ରି ହେଉଥିଲା। ଏହାକୁ ଲେଖୁଥଇବାରୁ ପ୍ରତ୍ୟେକ ବୋଟଲ ପିଛା ଶ୍ରୀସେନ ଫାର୍ମାସ୍ୟୁଟିକାଲ୍ସ ଡାକ୍ତରଙ୍କୁ ୨ଟଙ୍କା ୫୪ ପଇସା କମିଶନ ପ୍ରଦାନ କରୁଥିଲା।

ପୁଲିସ ଅଭିଯୋଗ କରିଛି ଯେ ପରାସିଆର ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମୁତୟନ ଶିଶୁରୋଗ ଡାକ୍ତର ପ୍ରବୀଣ ସୋନି କ୍ରମାଗତ ଭାବେ କୋଲ୍ଡରିଫ ଲେଖିବା ଜାରି ରଖିଥିଲେ। କେନ୍ଦ୍ର ପକ୍ଷରୁ ଫିକ୍ସଡ-ଡୋଜ କମ୍ବିନେସନ (ଏଫଡିସି) ନିଷିଦ୍ଧ କରାଯାଇଥିବାବେଳେ ସେ ଘରୋଇ ଭାବେ ରୋଗୀ ଦେଖୁଥିବାବେଳେ ଏହାକୁ ଲେଖୁଥିଲେ। ଏହା ପିଇ ଶିଶୁଙ୍କ ଜୀବନ ଯାଉଥିବା ଜାଣିବି ସୋନି ଏପରି କରୁଥିଲେ। ତାମିଲନାଡୁର ଶ୍ରୀସେନ ଫାର୍ମାସ୍ୟୁଟିକାଲ୍ସ ଦ୍ୱାରା ପ୍ରସ୍ତୁତ କୋଲଡ୍ରିଫରେ ଡାଇଏଥିଲିନ ଗ୍ଲାଇକଲ (ଡିଇଜି) ମାତ୍ରା ଧାର୍ଯ୍ୟ ସୀମାଠାରୁ ୫୦୦ ଗୁଣ ଅଧିକ ଥିଲା। ଏହା ଶିଶୁଙ୍କ କିଡ୍‌ନୀ (ବୃକକ) ଉପରେ ପ୍ରଭାବ ପକାଉ ଥିଲା। ଫଳରେ ଶିଶୁଙ୍କ ଜୀବନ ଯାଇଥିଲା।

### ଭାରତର ତିନି କଫ ସିରପ ବିରୋଧରେ 'ହୁ'ରେ ଚେତାବନୀ

### କୋଲଡ୍ରିଫ, ରେସ୍ପିଫ୍ରେସ ଟିଆର, ରିଲାଇଫ ସାମିଲ



ଏବେ ଡ. ସୋନି ଏବଂ ଶ୍ରୀସେନର ମାଲିକ ରଙ୍ଗନାଥନ ପୁଲିସ ହେପାଜତରେ ଅଛନ୍ତି। ତାମିଲନାଡୁ ସରକାର ଏହି କମ୍ପାନୀକୁ ବନ୍ଦ କରିଦେଇଛନ୍ତି। ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) କମ୍ପାନୀର ବିଭିନ୍ନ ଠିକଣାରେ ଚଢ଼ଉ କରିଛି। ଅନ୍ୟପକ୍ଷରେ ଭାରତର ତିନି ଅପମିଶ୍ରିତ କଫ ସିରପକୁ ନେଇ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ହୁ) ସୋମବାର ଚେତାବନୀ ଜାରି କରିଛି। ଏଥିରେ ଶ୍ରୀସେନ ଫାର୍ମାସ୍ୟୁଟିକାଲ୍ସର କୋଲଡ୍ରିଫ, ରେଡନେକ୍ସ ଫାର୍ମାସ୍ୟୁଟିକାଲ୍ସର ରେସ୍ପିଫ୍ରେଶ ଟିଆର ଏବଂ ସେପ ଫାର୍ମାର ରିଲାଇଫ ସାମିଲ ରହିଛି। 'ହୁ' ପକ୍ଷରୁ କୁହାଯାଇଛି ଯେ ଏହି ତିନୋଟି କଫ ସିରପ ଗମ୍ଭୀର ବିପଦ ସୃଷ୍ଟି କରିପାରେ। ଏହା ଜୀବନ ପାଇଁ ବିପଦ ସୃଷ୍ଟି କରୁଥିବା ରୋଗର କାରଣ ପାଲଟି ପାରେ। ଯଦି ଏହି ଔଷଧ ମିଳୁଛି ତେବେ ଏହାର ସୂଚନା ଦେବା ପାଇଁ 'ହୁ' ସବୁ ଦେଶଙ୍କୁ କହିଛି।

ଅକ୍ଟୋବର ୯ରେ ଏହି ସିରପକୁ ନେଇ 'ହୁ' ଭାରତକୁ ଜବାବ ମାଗିଥିଲା। କୌଣସି ଦେଶକୁ ଏହା ପଠା ଯାଇଛି କି ନାହିଁ ତାହାର ଉତ୍ତର ମାଗିଥିଲା। ଭାରତରେ ଔଷଧ ଉପରେ ନଜର ରଖୁଥିବା ସିଡିଏସସିଓ ପକ୍ଷରୁ ଏ ନେଇ କୁହାଯାଇଥିଲା ଯେ କୌଣସି ଅପମିଶ୍ରିତ ଔଷଧ ବାହାରକୁ ପଠାଯାଇ ନାହିଁ।

ବାଂଲାଦେଶ, ନେପାଳ ପରେ ମାଡାଗାସ୍କର

## କ୍ଷମତା ବଦଳାଇଦେଲେ ଜେନ୍-ଜେଡ୍

ଅଣ୍ଟାନାନରିଭୋ, ୧୪।୧୦ (ଏଜେନ୍ସି): ପୁଣି ଜେନ୍-ଜେଡ୍ ଗୋଷ୍ଠୀ ଏକ ଦେଶରେ ରାଜନୈତିକ ପରିବର୍ତ୍ତନ ଆଣିଛନ୍ତି। ଚଳିତ ଥର ଏହି ଆନ୍ଦୋଳନ ଏସିଆରୁ ଆଫ୍ରିକାକୁ ବ୍ୟାପି ଯାଇଛି। ଶ୍ରୀଲଙ୍କା, ବାଂଲାଦେଶ, ନେପାଳ ପରେ ଏବେ ମାଡାଗାସ୍କରରେ ଜେନ୍-ଜେଡ୍ ଏକତା ପ୍ରଦର୍ଶନ କରି ସରକାରଙ୍କୁ ଗାଦିଚ୍ୟୁତ କରିଛନ୍ତି। ଜଳାଭାବରୁ ଆରମ୍ଭ ହୋଇଥିବା ଏହି ବିକ୍ଷୋଭ ପ୍ରଦର୍ଶନ ରାଷ୍ଟ୍ରପତି ଏଣ୍ଡ୍ରି ରାଜୋଏଲିନା ଦେଶା ଛାଡ଼ି ଫେରାର ହେବା ପରେ ଶାନ୍ତ ହୋଇଛି। ବିକ୍ଷୋଭକାରୀଙ୍କୁ ସେନାର ସମର୍ଥନ ମିଳିବା ପରେ ରାଷ୍ଟ୍ରପତି ଦେଶ ଛାଡ଼ି ପଳାଇଥିବା ବିରୋଧୀ ଦଳ ନେତା ସିଟେନି ରନ୍ଦ୍ରିୟାନା ସୋଲୋନିକୋ କହିଛନ୍ତି। ରାଷ୍ଟ୍ରପତି ସେନା ବିମାନରେ ଫ୍ରାନ୍ସ ପଳାଇ ଯାଇଥିବା ସୂଚନା ମିଳିଛି। ଏହା ପୂର୍ବରୁ ସୋମବାର ରାତିରେ ରାଷ୍ଟ୍ରପତି ସମ୍ବୋଧନ କରିବେ ବୋଲି ତାଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଥିଲା।

### ଜଳାଭାବରୁ ଆରମ୍ଭ ହୋଇଥିଲା ବିକ୍ଷୋଭ

### ସେନା ବିମାନରେ ଫ୍ରାନ୍ସ ପଳାଇଲେ ରାଷ୍ଟ୍ରପତି

ରିପୋର୍ଟ ଅନୁଯାୟୀ, ରବିବାର ଫ୍ରାନ୍ସ ସେନା ବିମାନରେ ଏଣ୍ଡ୍ରି ଦେଶ ଛାଡ଼ି ପଳାଇଛନ୍ତି। ସେ ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରନଙ୍କ ସହ ଏକ ଚୁକ୍ତି କରିଥିଲେ ବୋଲି କୁହାଯାଉଛି। ସେନାର ସବୁଠାରୁ ଶକ୍ତିଶାଳୀ ସ୍ପେସିଆଲ ୟୁନିଟ (କ୍ୟାପସାଟ) ସମର୍ଥନ ଦେବାକୁ ମନା କରିବାରୁ ଏଣ୍ଡ୍ରିଙ୍କ ସ୍ଥିତି ଦୁର୍ବଳ ହୋଇ ଯାଇଥିଲା। ଏହି ୟୁନିଟ ୨୦୦୯ର ପଟ ପରିବର୍ତ୍ତନ ପରେ କ୍ଷମତା ହାସଲ କରିବାରେ ତାଙ୍କୁ ସହାୟତା କରିଥିଲା। ଏବେ ସେହି କ୍ୟାପସାଟ ବିକ୍ଷୋଭକାରୀଙ୍କୁ ସୁରକ୍ଷା ଦେଇଥିଲା। କ୍ଷମତା ଅକ୍ତିଆର କରି ଗୁଳି ନ ଚଳାଇବାକୁ ସେନାକୁ ନିର୍ଦ୍ଦେଶ ଦେଇଥିଲା। ଏହା ଫଳରେ ଅନେକ ମନ୍ତ୍ରୀ ନିଜ ପଦରୁ ଇସ୍ତଫା ଦେଇଥିଲେ।

କ୍ରୀଡ଼ା

ସକାଳ THE SAKALA
www.sakalaepaper.com

## ଦ୍ୱିତୀୟ ଟେଷ୍ଟରେ ୱେଷ୍ଟଇଣ୍ଡିଜ ୭ ୱିକେଟ୍‌ରେ ପରାସ୍ତ

# ଭାରତର କ୍ରମାଗତ ୧୦ମ ଟେଷ୍ଟ ସିରିଜ୍ ବିଜୟ

ନୂଆଦିଲ୍ଲୀ, ୧୪।୧୦ (ଏଜେନ୍ସି):



ସ୍ଥାନୀୟ ଅରୁଣ ଜେଟ୍‌ଲୀ ଷ୍ଟାଡିୟମରେ ଭ୍ରମଣକାରୀ ୱେଷ୍ଟଇଣ୍ଡିଜ ବିପକ୍ଷରେ ଚାଲିଥିବା ଅନ୍ତିମ ତଥା ୨ୟ ଟେଷ୍ଟକୁ ଭାରତ ୭ ୱିକେଟ୍‌ରେ ସହଜରେ ଜିତିନେଇଛି। ପୂର୍ବରୁ ପ୍ରଥମ ମ୍ୟାଚକୁ ଏକ ଇନିଂସ ଓ ୧୪୦ ରନରେ ଜିତିଥିବା ଘରୋଇ ଭାରତ ଏଥିସହ ଟେଷ୍ଟ ସିରିଜକୁ ୨-୦ରେ କ୍ଲିନସୁଇପ୍ କରିନେଇଛି। ୱେଷ୍ଟଇଣ୍ଡିଜ ବିପକ୍ଷରେ ଭାରତର ଏହା କ୍ରମାଗତ ୧୦ମ ଟେଷ୍ଟ ସିରିଜ ବିଜୟ ହୋଇଛି। ୨୦୦୨ରୁ ଏହି ଦୁଇ ଦଳ ମଧ୍ୟରେ ଖେଳାଯାଇଥିବା ସମସ୍ତ ଟେଷ୍ଟ ସିରିଜକୁ ଭାରତ ଜିତିଛି। ଏଥିସହ ଗୋଟିଏ ଦେଶ ବିପକ୍ଷରେ କ୍ରମାଗତ ଭାବେ ସର୍ବାଧିକ ଟେଷ୍ଟ ସିରିଜ ଜିତିବାରେ ଦକ୍ଷିଣ ଆଫ୍ରିକା ସହ ଭାରତ ସମକକ୍ଷ ହୋଇଛି। ଦକ୍ଷିଣ ଆଫ୍ରିକା ଦଳ ୧୯୯୮ରୁ ୨୦୨୪ ମଧ୍ୟରେ ୱେଷ୍ଟଇଣ୍ଡିଜ ସହ ଖେଳାଯାଇଥିବା ସମସ୍ତ ୧୦ଟି ସିରିଜ ଜିତିଥିଲା।

ଦ୍ୱିତୀୟ ଟେଷ୍ଟରେ ୱେଷ୍ଟଇଣ୍ଡିଜ ପକ୍ଷରୁ ଧାର୍ଯ୍ୟ ୧୨୧ ରନର ଛୋଟିଆ ଲକ୍ଷ୍ୟକୁ ପିଛା କରିଥିବା ଭାରତ ସୋମବାର ଚତୁର୍ଥ ଦିବସ ଷ୍ଟମ୍ପ ସୁଦ୍ଧା ଗୋଟିଏ ୱିକେଟ୍ ହରାଇ ୬୩ ରନ ସଂଗ୍ରହ କରିଥିଲା। ମଙ୍ଗଳବାର ମ୍ୟାଚର ଅନ୍ତିମ ତଥା ୫ମ ଦିବସରେ ଭାରତ ବିଜୟ ଲାଗି ଆବଶ୍ୟକ ଥିବା ୫୮ ରନ ଲାଗି ଆଉ ୨ଟି ୱିକେଟ ହରାଇଥିଲା। ଲୋକେଶ ରାହୁଲ ୫୮ ଓ ଧ୍ରୁବ ଜୁରେଲ ୬ ରନ କରି ଶେଷ ପର୍ଯ୍ୟନ୍ତ ଅପରାଜିତ ରହିବା ସହ ଦଳକୁ ବିଜୟୀ କରାଇଥିଲେ। ପୂର୍ବରାତିରୁ ଅପରାଜିତ ରହିଥିବା ସାଇ ସୁଦର୍ଶନ ୩୯ ରନରେ ଆଉଟ୍ ହୋଇଥିଲେ। ସେହିଭଳି ଅଧିନାୟକ ଶୁବମନ ଗିଲ୍ ମଧ୍ୟ ୧୩ ରନ କରି ପ୍ରତିପକ୍ଷ ଅଧିନାୟକ ରୋଷ୍ଟନ ଚେଜଙ୍କ ଶିକାର ହୋଇଥିଲେ। ୱେଷ୍ଟଇଣ୍ଡିଜ ପାଇଁ ଚେଜ୍ ୨ଟି ଓ ଜାମେଲ ୱାରିକାନ ଗୋଟିଏ ୱିକେଟ୍ ପାଇଥିଲେ। ପୂର୍ବରୁ ଏହି ମ୍ୟାଚରେ ଟସ୍ ଜିତି ବ୍ୟାଟିଂ କରିଥିବା ଭାରତ ଯଶସ୍ୱୀ ଜୟସ୍ୱାଲ (୧୭୫) ଓ ଶୁବମନ (୧୨୯)ଙ୍କ ଶତକ ବଳରେ ୫ ୱିକେଟରେ ୫୧୮ ରନ କରି ପ୍ରଥମ ଇନିଂସ ଘୋଷଣା କରିଥିଲା। ଜବାବରେ ୱେଷ୍ଟଇଣ୍ଡିଜ ପ୍ରଥମ ପାଳିରେ ୨୪୮ ରନରେ ସୀମିତ ରହି ଫଲୋଅନ ହୋଇଥିଲା। ଫଲୋଅନ ପରେ ୱେଷ୍ଟଇଣ୍ଡିଜ ଦ୍ୱିତୀୟ ପାଳିରେ ଜନ୍ କ୍ୟାମ୍ପବେଲ୍ (୧୧୫) ଓ ସାଇ ହୋପ୍ (୧୦୩)ଙ୍କ ଶତକ ସହାୟତାରେ ୩୯୦ ରନର ସମ୍ମାନଜନକ ସ୍କୋର କରିଥିଲା। ଏଠାରେ ମୋଟ୍ ୮ଟି ୱିକେଟ୍ ନେଇଥିବା କୁଲଦୀପ୍ ଯାଦବ ମ୍ୟାଚର ଏବଂ ୮ ୱିକେଟ୍ ସହ ୧୦୪ ରନ କରିଥିବା ରବୀନ୍ଦ୍ର ଜାଡେଜା ସିରିଜର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ଜାଡେଜା ତାଙ୍କ ଟେଷ୍ଟ କ୍ୟାରିୟରରେ ୩ୟଥର ଲାଗି ସିରିଜର ଶ୍ରେଷ୍ଠ ଖେଳାଳି ପୁରସ୍କାର ହାସଲ କରିଛନ୍ତି। ଏଥିପୂର୍ବରୁ ସେ ୨୦୧୭ ଓ ୨୦୨୩ରେ ଅଷ୍ଟ୍ରେଲିଆ ବିପକ୍ଷ ଟେଷ୍ଟ ସିରିଜରେ ଶ୍ରେଷ୍ଠ ଖେଳାଳି ହୋଇଥିଲେ।

### ୧୯ରୁ ଅଷ୍ଟ୍ରେଲିଆ ବିପକ୍ଷ ସିରିଜ ଆରମ୍ଭ

ୱେଷ୍ଟଇଣ୍ଡିଜ ବିପକ୍ଷ ଟେଷ୍ଟ ସିରିଜକୁ ୨-୦ରେ କ୍ଲିନସୁଇପ୍ କରିବା ପରେ ଭାରତୀୟ ଦଳ ଏବେ ଅଷ୍ଟ୍ରେଲିଆ ଗସ୍ତ କରିବ। ଘରୋଇ ଅଷ୍ଟ୍ରେଲିଆ ବିପକ୍ଷରେ ଭାରତ ଆସନ୍ତା ସପ୍ତାହରୁ ସୀମିତ ଓଭର ସିରିଜ ଖେଳିବ। ଅକ୍ଟୋବର ୧୯ରୁ ଦୁଇ ଦଳ ମଧ୍ୟରେ ୩ ମ୍ୟାଚ୍‌ବିଶିଷ୍ଟ ଦିନିକିଆ ସିରିଜ ଖେଳାଯିବ। ଏହାପରେ ପାଞ୍ଚମ୍ୟାଚ୍‌ବିଶିଷ୍ଟ ଟି-୨୦ ସିରିଜ ଅକ୍ଟୋବର ୨୯ରୁ କାନବେରାରୁ ଆରମ୍ଭ ହେବ।

**ଗୋଟିଏ ଦଳ ବିପକ୍ଷରେ କ୍ରମାଗତ ଟେଷ୍ଟ ସିରିଜ ବିଜୟ**

| ଦଳ | ସିରିଜ | ପ୍ରତିପକ୍ଷ | ସମୟ |
|---|---|---|---|
| ଭାରତ | ୧୦ | ୱେଷ୍ଟଇଣ୍ଡିଜ | ୨୦୦୨-୨୫ |
| ଦ.ଆଫ୍ରିକା | ୧୦ | ୱେଷ୍ଟଇଣ୍ଡିଜ | ୧୯୯୮-୨୪ |
| ଅଷ୍ଟ୍ରେଲିଆ | ୯ | ୱେଷ୍ଟଇଣ୍ଡିଜ | ୨୦୦୦-୨୨ |
| ଅଷ୍ଟ୍ରେଲିଆ | ୮ | ଇଂଲଣ୍ଡ | ୧୯୮୯-୨୦୦୩ |
| ଶ୍ରୀଲଙ୍କା | ୮ | ଜିମ୍ବାୱେ | ୧୯୯୬-୨୦ |

**ଭାରତ ମାଟିରେ କ୍ରମାଗତ ଟେଷ୍ଟ ମ୍ୟାଚ୍ ପରାଜୟ**

| ମ୍ୟାଚ୍ | ଦଳ | ସମୟ |
|---|---|---|
| ୭ | ଅଷ୍ଟ୍ରେଲିଆ | ୨୦୦୮-୧୩ |
| ୬ | ଶ୍ରୀଲଙ୍କା | ୧୯୮୬-୯୪ |
| ୬ | ନ୍ୟୁଜିଲାଣ୍ଡ | ୨୦୧୦-୧୬ |
| ୬ | ୱେଷ୍ଟଇଣ୍ଡିଜ | ୨୦୧୩-୨୫ |

**ଟେଷ୍ଟରେ ଗୋଟିଏ ଦଳ ବିପକ୍ଷରେ ସର୍ବାଧିକ ଅପରାଜେୟ ଧାରା**

| ଦଳ | ମ୍ୟାଚ୍ | ପ୍ରତିପକ୍ଷ | ସମୟ |
|---|---|---|---|
| ଇଂଲଣ୍ଡ | ୪୭ | ନ୍ୟୁଜିଲାଣ୍ଡ | ୧୯୩୦-୭୫ |
| ଇଂଲଣ୍ଡ | ୩୦ | ପାକିସ୍ତାନ | ୧୯୬୧-୮୨ |
| ୱେଷ୍ଟଇଣ୍ଡିଜ | ୨୯ | ଇଂଲଣ୍ଡ | ୧୯୭୬-୮୮ |
| ଭାରତ | ୨୭ | ୱେଷ୍ଟଇଣ୍ଡିଜ | ୨୦୦୨-୨୫ |
| ଅଷ୍ଟ୍ରେଲିଆ | ୨୪ | ଦ.ଆଫ୍ରିକା | ୧୯୧୧-୫୨ |
| ୱେଷ୍ଟଇଣ୍ଡିଜ | ୨୪ | ଭାରତ | ୧୯୪୮-୭୧ |

## ଜାତୀୟସ୍ତରରେ ଅଞ୍ଚଳ ମହାବିଦ୍ୟାଳୟ ଛାତ୍ରୀ ଜିତିଲେ ୩ ପଦକ



ଭୁବନେଶ୍ୱର, ୧୪।୧୦ (ସମିସ): ଦୁଇ ଦୁଇଟି ଜାତୀୟସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତାରେ ଓଡ଼ିଶା ପକ୍ଷରୁ ପ୍ରତିନିଧିତ୍ୱ କରି ଅଞ୍ଚଳ ମହାବିଦ୍ୟାଳୟର ଛାତ୍ରୀମାନେ ୩ଟି ପଦକ ବିଜୟୀ ହୋଇଛନ୍ତି। ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ଶେଷ ହୋଇଥିବା ୧୮ତମ ସିନିଅର ଜାତୀୟ ଗେଟବଲ୍ ଚାମ୍ପିଅନସିପ୍‌ରେ ମହାବିଦ୍ୟାଳୟର ଛାତ୍ରୀ ନମ୍ରତା କର୍ଣ୍ଣାଳ ସ୍ୱର୍ଣ୍ଣ ବିଜୟୀ ଓଡ଼ିଶା ମହିଳା ଦଳର ସଦସ୍ୟା ରହିଥିଲେ। ସେହିଭଳି ନମ୍ରତା ବ୍ୟକ୍ତିଗତ ଭାବେ ମଧ୍ୟ ରୌପ୍ୟ ପଦକ ସଫଳତା ପାଇଥିଲେ। ସେହିଭଳି ମଧ୍ୟପ୍ରଦେଶର ଭୋପାଳରେ ଅନୁଷ୍ଠିତ ୩୪ତମ ସର୍ବଭାରତୀୟ ଜିଭି ମାଭାଲାଙ୍କର ସୁଟିଂ ଚାମ୍ପିଅନସିପ୍‌ରେ ରଶ୍ମୀ ବାଗ ରୌପ୍ୟ ପଦକ ଜିତିଛନ୍ତି। ସେ କନିଷ୍ଠ ମହିଳା ୫୦ ମିଟର ସୁଟିଂ ଇଭେଣ୍ଟରେ ଦ୍ୱିତୀୟ ହୋଇଥିଲେ। ଉଭୟ ନମ୍ରତା ଓ ରଶ୍ମୀ ବର୍ତ୍ତମାନ ଅଞ୍ଚଳ ମହାବିଦ୍ୟାଳୟରେ ଯଥାକ୍ରମେ ସ୍ନାତକ ଶିକ୍ଷା ବିଭାଗର ପ୍ରଥମ ବର୍ଷ ଓ ସ୍ନାତକ ଇତିହାସ ବିଭାଗର ଅନ୍ତିମ ବର୍ଷର ଛାତ୍ରୀ। ଏହି ସଫଳତା ଲାଗି ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଖଗେଶ୍ୱର ଦାଶ, କ୍ରୀଡ଼ା ସଂସଦର ଉପ-ସଭାପତି ଅଧ୍ୟାପକ ଷଡ଼ାନନ ଭୋଇ, ଖେଳ ଶିକ୍ଷକ ସଦାନନ୍ଦ ସାହୁ ଓ ସମସ୍ତ ପ୍ରାଧ୍ୟାପକ ଓ ପ୍ରାଧ୍ୟାପିକା ଦୁଇ ଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

### ଆଇସିସି ମହିଳା ବିଶ୍ୱକପ୍
## ନୀଳାକ୍ଷୀଙ୍କୁ ଦ୍ରୁତ ଅର୍ଦ୍ଧଶତକ

କଲମ୍ବୋ, ୧୪।୧୦ (ଏଜେନ୍ସି): ସ୍ଥାନୀୟ ଆର୍.ପ୍ରେମଦାସ ଷ୍ଟାଡିୟମରେ ମଙ୍ଗଳବାର ଖେଳାଯାଇଥିବା ମହିଳା ଦିନିକିଆ ବିଶ୍ୱକପ୍‌ର ଏକ ମ୍ୟାଚରେ ନ୍ୟୁଜିଲାଣ୍ଡ ସହ ଘରୋଇ ଶ୍ରୀଲଙ୍କା ସାମ୍ନାସାମ୍ନି ହୋଇଛି। ଏହି ମ୍ୟାଚରେ ପ୍ରଥମେ ବ୍ୟାଟିଂ କରିଥିବା ଶ୍ରୀଲଙ୍କା ୫୦ ଓଭରରେ ୬ ୱିକେଟ ହରାଇ ୨୫୮ ରନ ସଂଗ୍ରହ କରିଛି। ଦଳ ପକ୍ଷରୁ ଅଧିନାୟିକା ଚାମିରା ଆଟାପାଟ୍ଟୁ ୫୩ ଓ ନୀଳାକ୍ଷୀ ଡି ସିଲଭା ୫୫ ରନ କରିଥିଲେ। ନୀଳାକ୍ଷୀ ମାତ୍ର ୨୮ ବଲରେ ୭ଟି ଚୌକା ଓ ଗୋଟିଏ ଛକା ମାରି ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିଲେ। ବୋଲିଂରେ ନ୍ୟୁଜିଲାଣ୍ଡର ଅଧିନାୟିକା ସୋଫି ଡିଭାଇନଙ୍କୁ ୩ଟି ୱିକେଟ୍ ମିଳିଥିଲା। ଶେଷ ଖବର ସୁଦ୍ଧା ବର୍ଷା ଯୋଗୁ ନ୍ୟୁଜିଲାଣ୍ଡ ଇନିଂସ ଆରମ୍ଭ କରିପାରିନାହିଁ।

● ସୁଲତାନ ଜୋହର କପ୍

## ଭାରତ-୩: ପାକିସ୍ତାନ- ୩ ଶେଷରେ ହାତ ମିଳାଇଲେ ଦୁଇ ଦେଶର ଖେଳାଳି

ଜୋହର ବହରୁ, ୧୪।୧୦ (ଏଜେନ୍ସି): ମାଲେସିଆରେ ଚାଲିଥିବା ସୁଲତାନ ଜୋହର କପ୍ ଜୁନିଅର (୨୧ ବର୍ଷରୁ କମ୍) ବାଳକ ହକି ଟୁର୍ଣ୍ଣାମେଣ୍ଟରେ ମଙ୍ଗଳବାର ଦୁଇ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ଭାରତ ଓ ପାକିସ୍ତାନ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍ ଡ୍ର ରହିଛି। ନିର୍ଦ୍ଧାରିତ ୬୦ ମିନିଟ୍ ସମୟ ମଧ୍ୟରେ ଦୁଇ ଦଳ ୩ଟି ଲେଖାଏ ଗୋଲ୍ ସ୍କୋର କରିଥିଲେ। ଫଳରେ ମ୍ୟାଚ୍ ୩-୩ରେ ସମାପ୍ତ ହୋଇଥିଲା। ଭାରତ ପକ୍ଷରୁ ଅରଜିତ୍ ସିଂ ହୁଣ୍ଡାଲ, ସୌରଭ ଆନନ୍ଦ ଓ ମନମିତ୍ ସିଂହ ଗୋଟିଏ ଲେଖାଏ ଗୋଲ୍ ଦେଇଥିଲେ। ଫଳରେ ଦୁଇ ଦଳ ଗୋଟିଏ ଲେଖାଏ ପଏଣ୍ଟ ଅର୍ଜନ କରିଛନ୍ତି। ଭାରତ ୩ଟି ମ୍ୟାଚରୁ ୭ ପଏଣ୍ଟ ପାଇ ଦ୍ୱିତୀୟ ସ୍ଥାନରେ ରହିଛି। ଏହି ମ୍ୟାଚରେ ଭାରତ ଓ ପାକିସ୍ତାନ ଖେଳାଳି ପରସ୍ପର ହାତ ମିଳାଇବା ଘଟଣା ସବୁଠୁ ଚର୍ଚ୍ଚାର ବିଷୟ ରହିଥିଲା। ଅପରେସନ ସିନ୍ଦୁର ପରେ ଗତ ଏସିଆ କପ୍‌ରେ ଭାରତ ଓ ପାକିସ୍ତାନ ଖେଳାଳି ପରସ୍ପର ହାତ ମିଶାଇ ନ ଥିଲେ। ଯାହାକୁ ନେଇ ବଡ଼ ବିବାଦ ଦେଖାଦେଇଥିଲା।

## ବାରବାଟୀରେ ଓଡ଼ିଶାର 'ବରୋଦା' ପରୀକ୍ଷା



କଟକ,୧୪।୧୦(ସମିସ): ୫ଥର ରଣଜୀ ଟ୍ରଫି ବିଜେତା ବରୋଦା ବିପକ୍ଷ ମ୍ୟାଚ୍‌ରୁ ଚଳିତ ରଣଜୀ ଟ୍ରଫି ଅଭିଯାନ ଆରମ୍ଭ କରିବ ଓଡ଼ିଶା। ବାରବାଟୀ ଷ୍ଟାଡିୟମର ଘରୋଇ ପରିବେଶରେ ବୁଧବାରଠାରୁ ମ୍ୟାଚ୍ ଖେଳାଯିବ। ବିଗତ ୧୩ ବର୍ଷରେ ଉଭୟ ଦଳ ୫ଥର ମୁହାଁମୁହିଁ ହୋଇଥିବାବେଳେ ବରୋଦା ଅପରାଜେୟ ରହିଛି। ପୁଣିଥରେ ରାଜ୍ୟ ଦଳର ମଙ୍ଗ ଧରିଥିବା ଶୁଭ୍ରାଂଶୁ ଶେଖର ସେନାପତି ଏହି ଧାରା ଭାଙ୍ଗିବା ଲକ୍ଷ୍ୟରେ ରହିଛନ୍ତି। ବାରବାଟୀର ନାଲିମାଟି ପିଚ୍‌ରେ ଟସ୍ ଜିତି ପ୍ରଥମେ ବ୍ୟାଟିଂ ନେବାକୁ କ୍ରିକେଟ ସମୀକ୍ଷକଙ୍କ ଭିତରେ ଆଲୋଚନା ହେଉଛି। ଅନ୍ୟପକ୍ଷରେ ଦଳରେ ତିନି ନବାଗତ ସ୍ଥାନ ପାଇଥିବାବେଳେ ଗୌରବ ଚୌଧୁରୀ ବୁଧବାର ପଦାର୍ପଣ କରିବା ନେଇ ଆଶା ରହିଛି।

ଭାରତୀୟ ଘରୋଇ କ୍ରିକେଟର ସିଜନ୍ ଚଳିତଥର ରଣଜୀ ଟ୍ରଫିରୁ ଆରମ୍ଭ ହେଉଛି। ବାରବାଟୀ ଷ୍ଟାଡିୟମରେ ଶକ୍ତିଶାଳୀ ବରୋଦାକୁ ପ୍ରଥମ ମୁକାବିଲାରେ ଓଡ଼ିଶା ଭେଟିବ। ୨୦୧୨ରୁ ଇତି ମଧ୍ୟରେ ଏହି ଦୁଇ ଦଳ ଭିତରେ ଖେଳାଯାଇଥିବା ୫ଟି ମ୍ୟାଚରୁ ୩ଟି ମ୍ୟାଚ୍‌ରେ ବରୋଦାକୁ ସହଜ ବିଜୟ ମିଳିଥିବା ବେଳେ ୨ଟି ମ୍ୟାଚ୍ ଡ୍ର ରହିଛି। ଏପରିକି ଗତ ସଂସ୍କରଣରେ ବରୋଦାକୁ ଇନିଂସ୍ ବିଜୟ ମିଳିଥିଲା। ୨୯ ବର୍ଷୀୟ ଅତିତ ସେଠ୍ ଚଳିତଥର ବରୋଦା ଦଳର ନେତୃତ୍ୱ ନେଉଛନ୍ତି। ଉପଅଧିନାୟକ ଭାର୍ଗବ ଭଟ୍ଟ, ଜ୍ୟୋତ୍ସ୍ନିଲ ସିଂହ,ମହେଶ ପିଠିଆ, ବିଷ୍ଣୁ ସୋଲାଙ୍କି, ଲୁକମାନ ମେରିୱାଲା ଭଳି ଚର୍ଚ୍ଚିତ ଖେଳାଳି ଦଳରେ ରହିଛନ୍ତି। ତେବେ ବାରାବାଟୀରେ ବରୋଦାକୁ ଚ୍ୟାଲେଞ୍ଜ ଦେବା ପାଇଁ ପ୍ରସ୍ତୁତ ଅଛୁ ବୋଲି ଓଡ଼ିଶା ଅଧିନାୟକ ଶୁଭ୍ରାଂଶୁ କହିଛନ୍ତି। ବିଶେଷ ସୂତ୍ରରୁ ମିଳିଥିବା ସୂଚନା ମୁତାବକ, ଉପଅଧିନାୟକ ସ୍ୱସ୍ତିକ ସାମଲଙ୍କ ସହ ନବାଗତ ଗୌରବ ଚୌଧୁରୀ ଓପନିଂ ସମ୍ଭାଳିପାରନ୍ତି। ଏକଦିବଦସୀୟ ଏବଂ ଟି-୨୦ ଫର୍ମାଟରେ ରାଜ୍ୟ ପକ୍ଷରୁ ପ୍ରତିନିଧିତ୍ୱ କରି ସାରିଥିବା ଗୌରବ ରଣଜୀ ଟ୍ରଫିରେ ପଦାର୍ପଣ କରି ପାରନ୍ତି। ଏହାଛଡ଼ା ନବାଗତ ବାଦଲ ବିଶ୍ୱାଳଙ୍କୁ ମଧ୍ୟ ଚୂଡାନ୍ତ ଏକାଦଶରେ ସ୍ଥାନ ମିଳିପାରେ ବୋଲି କୁହାଯାଉଛି।

## ପାକିସ୍ତାନ ବିପକ୍ଷ ପ୍ରଥମ ଟେଷ୍ଟ: ଟାର୍ଗେଟ୍ ୨୭୭: ଦ.ଆଫ୍ରିକା ୫୧/୨

ଲାହୋର, ୧୪।୧୦ (ଏଜେନ୍ସି): ଏଠାରେ ଘରୋଇ ପାକିସ୍ତାନ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଚାଲିଥିବା ପ୍ରଥମ ଟେଷ୍ଟ ରୋମାଞ୍ଚକ ସ୍ଥିତିରେ ପହଞ୍ଚିଛି। ପାକିସ୍ତାନ ପକ୍ଷରୁ ଧାର୍ଯ୍ୟ ୨୭୭ ରନର ଲକ୍ଷ୍ୟକୁ ପିଛା କରୁଥିବା ଦକ୍ଷିଣ ଆଫ୍ରିକା ମଙ୍ଗଳବାର ୩ୟ ଦିବସ ଷ୍ଟମ୍ପ ସୁଦ୍ଧା ୨ ୱିକେଟ୍ ହରାଇ ୫୧ ରନ ସଂଗ୍ରହ କରିଛି। ଟୋନୀ ଡି ଜୋରଜୀ ୧୬ ଓ ର୍‌ୟାନ ରିକ୍ଲେନଟନ ୨୯ ରନ କରି ଅପରାଜିତ ରହିଛନ୍ତି। ଅଧିନାୟକ ଆଇଡେନ ମାର୍କରାମ ୩ ଓ ୱିଆନ ମଲଡର ଖାତା ଖୋଲିବା ପୂର୍ବରୁ ଆଉଟ୍ ହୋଇଛନ୍ତି। ବାମହାତୀ ସ୍ପିନର ନୋମାନ ଅଲିଙ୍କୁ ୨ଟି ଯାକ ୱିକେଟ୍ ମିଳିଛି। ମ୍ୟାଚ୍ ଆହୁରି ୨ ଦିନ ବାକି ରହିଥିବାବେଳେ ଦକ୍ଷିଣ ଆଫ୍ରିକାକୁ ଜିତିବା ଲାଗି ବଳକା ୮ ୱିକେଟ୍‌ରେ ଆଉ ୨୨୬ ରନ ଆବଶ୍ୟକ ହେଉଛି।

## ବିଶ୍ୱକପ୍ ଖେଳିବାରେ କେପ୍ ଭର୍ଡେ ୨ୟ କ୍ଷୁଦ୍ରତମ ଦେଶ

ନୂଆଦିଲ୍ଲୀ, ୧୪।୧୦ (ଏଜେନ୍ସି): ଆଟଲାଣ୍ଟିକ ମହାସାଗରୀୟ ଦୀପସମୂହ ରାଷ୍ଟ୍ର କେପ୍ ଭର୍ଡେ ଇତିହାସରେ ପ୍ରଥମଥର ଲାଗି ଫିଫା ବିଶ୍ୱକପ୍‌କୁ ଯୋଗ୍ୟତା ଅର୍ଜନ କରିଛି। ଆଫ୍ରିକା ମହାଦେଶ ଯୋଗ୍ୟତା ପର୍ଯ୍ୟାୟର ଏକ ମ୍ୟାଚରେ କେପ୍ ଭର୍ଡେ ୩-୦ ଗୋଲ୍‌ରେ ଇଶ୍ୱାଟିନିକୁ ପରାସ୍ତ କରିଥିଲା। ଏଥିସହ ୬ ଲକ୍ଷରୁ କମ୍ ଜନସଂଖ୍ୟା ବିଶିଷ୍ଟ ଦୀପରାଷ୍ଟ୍ର କେପ୍ ଭର୍ଡେ ୨୦୨୬ ଫିଫା ବିଶ୍ୱକପ୍‌ରେ ଅଂଶଗ୍ରହଣ କରିବାକୁ ଟିକଟ୍ ହାସଲ କରିଛି। ବିଶ୍ୱର ଦ୍ୱିତୀୟ କ୍ଷୁଦ୍ରତମ ଦେଶ ଭାବେ କେପ୍ ଭର୍ଡେ ଫିଫା ବିଶ୍ୱକପ୍‌ରେ ଅଂଶଗ୍ରହଣ କରିବ।




# ଆଜିଠୁ ରଣଜୀ ଟ୍ରଫିର ୯୧ତମ ସଂସ୍କରଣ

ନୂଆଦିଲ୍ଲୀ, ୧୪।୧୦ (ଏଜେନ୍ସି)



ଭାରତୀୟ ଘରୋଇ କ୍ରିକେଟ୍‌ର ସବୁଠୁ ସମ୍ମାନଜନକ ପ୍ରତିଯୋଗିତା ରଣଜୀ ଟ୍ରଫିର ୯୧ତମ ସଂସ୍କରଣ ବୁଧବାରଠାରୁ ଦେଶର ବିଭିନ୍ନ ଗ୍ରାଉଣ୍ଡରେ ଆରମ୍ଭ ହେବାକୁଯାଉଛି। ଆସନ୍ତା ଫେବ୍ରୁଆରୀ ୨୬ ପର୍ଯ୍ୟନ୍ତ ଚାଲିବାକୁ ଥିବା ଚଳିତ ରଣଜୀ ଟ୍ରଫି ଦୁଇଟି ପର୍ଯ୍ୟାୟରେ ଖେଳାଯିବ। ଅକ୍ଟୋବର ୧୫ରୁ ନଭେମ୍ବର ୧୯ ପର୍ଯ୍ୟନ୍ତ ପ୍ରଥମ ପର୍ଯ୍ୟାୟ ଅନୁଷ୍ଠିତ ହେବ। ଏହାପରେ ଜାନୁଆରୀ ୨୨ରୁ ଫେବ୍ରୁଆରୀ ୨୬ ପର୍ଯ୍ୟନ୍ତ ଅନ୍ତିମ ତଥା ଦ୍ୱିତୀୟ ପର୍ଯ୍ୟାୟ ଖେଳ ଅନୁଷ୍ଠିତ ହେବ। ପ୍ରଥମ ଓ ଦ୍ୱିତୀୟ ପର୍ଯ୍ୟାୟ ମଧ୍ୟରେ ରହିଥିବା ସମୟରେ ସୟଦ ମୁସ୍ତାକ ଅଲି ଟ୍ରଫି (ଟି-୨୦) ଓ ବିଜୟ ହଜାରେ ଟ୍ରଫି (ଦିନିକିଆ) ଖେଳାଯିବାର କାର୍ଯ୍ୟସୂଚୀ ରହିଛି।

ଏଥର ରଣଜୀ ଟ୍ରଫିରେ ମୋଟ୍ ୩୮ ଗୋଟି ଦଳ ଅଂଶଗ୍ରହଣ କରିବେ। ସେମାନଙ୍କ ମଧ୍ୟରୁ ୩୨ଟି ଦଳ ଏଲିଟ୍ ଗ୍ରୁପ୍‌ରେ ସ୍ଥାନ ପାଇଛନ୍ତି। ସେହିଭଳି ଅନ୍ୟ ୬ଟି ଦଳ ପ୍ଲେଟ୍ ଡିଭିଜନରେ ଖେଳିବେ। ଏଲିଟ୍ ପର୍ଯ୍ୟାୟରେ ୩୨ଟି ଦଳକୁ ୪ଟି ଗ୍ରୁପ୍‌ରେ ବିଭକ୍ତ କରାଯାଇ ମ୍ୟାଚ୍ ଅନୁଷ୍ଠିତ ହେବ। ବୁଧବାରଠାରୁ ଆରମ୍ଭ ହେବାକୁ ଥିବା ପ୍ରଥମ ରାଉଣ୍ଡରେ ୧୯ଟି ମ୍ୟାଚ୍ ଦେଶର ବିଭିନ୍ନ ଗ୍ରାଉଣ୍ଡରେ ଖେଳାଯିବ। ଡିଫେଣ୍ଡିଂ ଚାମ୍ପିଅନ ବିଦର୍ଭ ବେଙ୍ଗାଲୁରୁରେ ନାଗାଲାଣ୍ଡ ବିପକ୍ଷରେ ଖେଳି ଅଭିଯାନ ଆରମ୍ଭ କରିବ। ସେହିଭଳି ରେକର୍ଡ ୪୨ଥରର ବିଜେତା ମୁମ୍ବାଇ ପ୍ରଥମ ମ୍ୟାଚରେ ଘରୋଇ ଜମ୍ମୁ କାଶ୍ମୀରକୁ ଶ୍ରୀନଗରରେ ଭେଟିବ। ଗତ ସଂସ୍କରଣର ଉପବିଜେତା କେରଳା ପ୍ରଥମ ମ୍ୟାଚରେ ମହାରାଷ୍ଟ୍ର ସହ ଖେଳିବ।

**ଏଲିଟ୍ ଗ୍ରୁପ୍ ତାଲିକା**

**ଗ୍ରୁପ୍-ଏ**: ଓଡ଼ିଶା, ଉତ୍ତରପ୍ରଦେଶ, ଆନ୍ଧ୍ରପ୍ରଦେଶ, ତାମିଲନାଡୁ, ଝାଡ଼ଖଣ୍ଡ, ବରୋଦା, ନାଗାଲାଣ୍ଡ, ବିଦର୍ଭ

**ଗ୍ରୁପ୍-ବି**: ସୌରାଷ୍ଟ୍ର, କର୍ଣ୍ଣାଟକ, କେରଳ, ମହାରାଷ୍ଟ୍ର, ଗୋଆ, ଚଣ୍ଡିଗଡ଼, ମଧ୍ୟପ୍ରଦେଶ ଓ ପଞ୍ଜାବ

**ଗ୍ରୁପ୍-ସି**: ରେଳବାଇ, ହରିୟାଣା, ବେଙ୍ଗଲ, ଉତ୍ତରାଖଣ୍ଡ, ଗୁଜରାଟ, ଆସାମ, ସର୍ଭିସେସ, ତ୍ରିପୁରା

**ଗ୍ରୁପ୍-ଡି**: ହାଇଦରାବାଦ୍, ଦିଲ୍ଲୀ, ରାଜସ୍ଥାନ, ଛତିଶଗଡ଼, ଜମ୍ମୁ କାଶ୍ମୀର, ମୁମ୍ବାଇ, ପୁଡୁଚେରୀ, ହିମାଚଳ ପ୍ରଦେଶ

**ପ୍ଲେଟ ଗ୍ରୁପ୍**: ବିହାର, ଅରୁଣାଚଳ ପ୍ରଦେଶ, ସିକ୍କିମ, ମଣିପୁର, ମେଘାଳୟ, ମିଜୋରାମ

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS